# ଗାଲେଣ୍ଡ ଝିଅ

ଲେଖକ :- ଶ୍ରୀ ବିଷ୍ଣୁଚରଣ ସାହୁ

# ଉତ୍ସର୍ଗ

ନିଜ ହାଡ଼କୁ ପଲ ପଲ କରି ଚୂନା କରି ମୋ ମନରେ ଯିଏ ସୁନାର କଳ୍ପନା ସର୍ଜନ କରନ୍ତି, ମୋ ଓଠରେ ଟିକିଏ ହସ ଦେଖିବା ପାଇଁ ନିଜ ଆଖିର ତରଳ ଲୁହକୁ ଦେହର ଶୀତଳ ଲହୁ ସହ ଯିଏ ମିଶାଇ ଚାଲି ଥାନ୍ତି···

ନିଜ ଜୀବନର ସୁଖ ସଳିତାକୁ ତିଳ ତିଳ କରି ଜାଳି ମୋ ଜୀବନର ଚଲାପଥକୁ ଆଲୋକିତ କରିବାରେ ଯିଏ ବ୍ୟସ୍ତ, ମୋତେ "ମଣିଷ ପରି ମଣିଷ" କରି ଗଢ଼ିବା ପାଇଁ ଯିଏ ସର୍ବଦା ବ୍ୟଗ୍ର···

ସେଇ ପରମ ପୂଜନୀୟ ପିତୃଦେବ ଶ୍ରୀ ରାମଚନ୍ଦ୍ର ନାୟକଙ୍କ ଚରଣକମଳରେ ଏହି ଭକ୍ତି ଅର୍ଘ୍ୟ ଅର୍ପଣ କଲି ।

ସ୍ନେହର
ଶିବ

## ଏକ

ମହାନଦୀକୂଳରେ ଅଗଣିତ ନରନାରୀଙ୍କ ସମାଗମ । ଦୁଇଦିନ ବ୍ୟାପି ସତ୍ୟାଗ୍ରହରେ ଜନତା ଆଜି ବିଜୟୀ । ପୋଲିସ୍‌ର ନାନାପ୍ରକାର ପ୍ରବର୍ତ୍ତନ ଓ ପ୍ରରୋଚନା ବିଫଳ ହୋଇଛି । ଲାଲ ପଗଡ଼ି ଓ ଲାଲ ଆଖିର ପ୍ରଭାବ ଜନତାକୁ ଲକ୍ଷ୍ୟଚ୍ୟୁତ କରି ପାରିନି । ଶାନ୍ତିପ୍ରିୟ ଜନତା ସମସ୍ୱରରେ ଉଚ୍ଚାରଣ କରୁଛି ବଞ୍ଚିବା ପାଇଁ । ତାର ସର୍ବନିମ୍ନ ଦାବି ହେଉଛି ପେଟ ପାଇଁ ମୁଠାଏ ଦାନା ଏବଂ ଦେହରା ଦେହରା ଚମ, ଠାଅ ଠାଅ ପଞ୍ଜରା ଓ ହାଡ଼ ଆବରଣ କରିବା-ପାଇଁ ଖଣ୍ଡିଏ କନା ଉଦ୍ଦେଶ୍ୟରେ । ସେ ଚାହେଁ ସାମାନ୍ୟ ଗୃହ ଓ ଝାଟିମାଟିର ବାସ । ସେ ଚାହେଁ ନିଜର ହାଡ଼କୁ ଟିକିଟିକି ଚୂନା ... ଗୃହରେ ସୁନା ଫଳାଇବ । ସେଇଠି ସାରାଦିନ ଲହୁ ଓ ଲହୁ ...ଇ କରି ରାତିରେ ଟିକେ ମଣା ଓଢ଼ଣ ପିନ୍ଧି ଗହଳରେ ଝାଟି-...ର ବାସରେ ବିଶ୍ରାମ ନେବ । ମାସକେ ବରଂ ଅଠଦିନ ଉଭେ ...ଇ ଚୁଲି ଅଗ୍ନିର ସଂସ୍ପର୍ଶରେ ନ ଆସୁ, ବର୍ଷକେ ତିନିଥର ସ୍ନା...ନ ହେଉ ବା ଛଅଥର ବାସ ଆଗରେ ଜମିଦାର, ସାହୁକାର-...ର ପିଅଦା ଗର୍ଜନ କରୁଥାନ୍ତୁ ତଥାପି ସେଇଥିରେ ତାର ଆନନ୍ଦ । ସେ

ଗୃହହିଁ ନିଜେ ପେଷି ହୋଇ ବୁନିଅଙ୍କୁ ପୋଷିବାକୁ ନିଜର ଗୃହ ଓ ବାସକୁ କେନ୍ଦ୍ର କରି ନିଜେ ସର୍ବଦା ଘୂରିବାକୁ ଏବଂ ନିଜକୁ କେନ୍ଦ୍ରକରି ବୁନିଅଙ୍କୁ ତାର ଚତୁଃପାର୍ଶ୍ୱରେ ଘୂରାଇବାକୁ ।

ସେଇ ଗୃହ ବାସକୁ କେନ୍ଦ୍ରକରି ମହାନଦୀକୂଳରେ ଅଜି ଏକ ବିପ୍ଳବ ପ୍ରାଚୀର ଦଣ୍ଡାୟମାନ । ପୁରାତନ ନଦୀବନ୍ଧଟି ଭବିଷ୍ୟତରେ ଭାଙ୍ଗିଯିବାର ଅଶଙ୍କା ଥିବାରୁ ନୂତନ ବନ୍ଧଟିଏ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ପରିକଳ୍ପନା ହୋଇଛି । ଫଳତଃ ଅସଂଖ୍ୟ ବାସ ଗୃହ, ଶତଶତ ଏକର ଗୃହ ଜମିକୁ ଚିରଦିନ ପାଇଁ ଧ୍ୱଂସକରି ନୂତନ ବନ୍ଧଟିର ଅଭିଯାନ ଚାଲିବ । ଏହାଦ୍ୱାରା ଦଶଟି ଗ୍ରାମର ଜନସହସ୍ର ଦରିଦ୍ର ଅଶିକ୍ଷିତ ଅଧିବାସୀ ହେବେ ସର୍ବହରା, ଜନତା ପକ୍ଷରୁ ଦାବୀ ହେଉଛି ନୂତନ ବନ୍ଧଟି ନିର୍ମାଣ ନ କରି ପୁରାତନ ବନ୍ଧକୁ ପଥରରେ ଦୃଢ଼ କରିବା ବା ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ୍ ପୂର୍ବକ ନୂତନ ବନ୍ଧ କାର୍ଯ୍ୟ ଆରମ୍ଭକରିବା । ପ୍ରଥମଟି ସମ୍ଭବନୁହେଁ ବୋଲି ସରକାର ରାୟ ଦେଇ ସାରିଛନ୍ତି । ମାତ୍ର ବନ୍ଧଟି ନିର୍ମାଣ ହେଲେ ଅବଶୋଷଣ ତଦନ୍ତପରେ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳୁଛି କିନ୍ତୁ କ୍ଷତିପୂରଣ ପ୍ରଥମେ ନ ପାଇଲେ ଟୋକେଇଏ ମାଟି ପକାଇ ଦେବାକୁ ଜନତା ନାରାଜ ।

ପ୍ରଜାତନ୍ତ୍ର ଶାସନ ନାମରେ ପ୍ରଜାର ରକ୍ତକୁ ପଳ ପଳ କରି ଶୋଷି ପ୍ରଜାର ନ୍ୟାଯ୍ୟ ଦାବୀକୁ ଉପେକ୍ଷା କରିବା ପାଇଁ ସରକାର ଅଜି ପ୍ରସ୍ତୁତ । ପରେ କ୍ଷତିପୂରଣ ଦେବାର ଦ୍ରାହି ଦେଇ ପୋଲିସକୁ ପଠାଇ ଦିଆହୋଇଛି ବଳପ୍ରୟୋଗ ପୂର୍ବକ କ୍ଷମତା ହାସଲ କରିବାକୁ । ଗୋଟିଏ ଦିଗରେ ବ୍ୟାପକ ସତ୍ୟାଗ୍ରହ ଏବଂ ଅନ୍ୟଦିଗରେ ବ୍ୟାପକ ଦମନର ଅବାଜ୍ । ଆଧ୍ୟାତ୍ମିକ ବଳ ଓ ପଶୁବଳ ମଧ୍ୟରେ ମହାନଦୀକୂଳରେ ପରୀକ୍ଷା ।

ନେତୃତ୍ୱ ଦେଉଥାନ୍ତି ସେ ଅଞ୍ଚଳର କଲେଜ ପଢ଼ୁଆ ଯୁବକ ଶ୍ରୀଚରଣ ବାବୁ । ସେ ଅଞ୍ଚଳର ଅଧିବାସୀମାନେ ଶିକ୍ଷାକଣ ଅଦୌ ବୁଝିନାହାନ୍ତି । ସେମାନେ ଅତ୍ୟନ୍ତ ସରଳ ଓ ନିରୀହ । କେବଳ ଦିନସାରା ଖଟି ମୁଠିଏ ଖାଇବା ପାଇଁ ସେମାନେ ସର୍ବଦା ତତ୍ପର । ଲୋକମାନଙ୍କର ଦୁର୍ବଳତାର ସୁଯୋଗ ନେଇ ବେଠି, ବେଗାର ପ୍ରଥା ଅଦ୍ୟାପି ସେଠି ପ୍ରଚଳିତ । ଜମିଦାର ସାହୁକାରର ଶୋଷଣ ଏବେ ବି ଲାଗି ରହିଥାଏ ।

ଏଠି ପାଠ ପଢ଼ିବାର କୌଣସି ସୁବିଧା ବା ସୁଯୋଗ ନାହିଁ । କଲେଜ ମାଡ଼ିବା ଦୂରର କଥା । ଶ୍ରୀଚରଣ ବ୍ୟତୀତ [illegible] କେହୁ ଏପର୍ଯ୍ୟନ୍ତ ସେ ଅଞ୍ଚଳରୁ ମାଟ୍ରିକ୍ ଗଣ୍ଡି ପାସ କରି [illegible] ଲୋକେ ଶ୍ରୀଚରଣକୁ ସମସ୍ତେ ବହୁତ ଖାତର କରନ୍ତି, [illegible] କରନ୍ତି ।

ଶ୍ରୀଚରଣ ମାଟ୍ରିକ୍ ପାସକଲେ ପ୍ରଥମ ଶ୍ରେଣୀରେ । ପ୍ରଶଂସା କହିଲେ ନସରେ । ଘରେ ବାପା, ବୋଉ, ସାନ ଭାଇ ଭଉଣୀ ଦୁଇ ଏବଂ ଭଉଣୀଟିଏ । ଶ୍ରୀଚରଣର ଇଚ୍ଛା ଥିଲା ଆଇ.ଏସ୍.ସି. ପଢ଼ିସାରି ଇଂଜିନିୟରିଂ ପଢ଼ିବ । ବାପାଙ୍କର ମଧ୍ୟ ଇଚ୍ଛା, ପୁଅ ଡାକ୍ତର ଇଞ୍ଜିନିୟର ହୋଇଯାଆନ୍ତା । ଯାହାହେଉ ଭଗବାନଙ୍କ ଦୟାରୁ ଶ୍ରୀଚରଣର ନାମ ଲେଖାହେଲା ରେଭେନ୍ସା କଲେଜ୍‌ରେ । ସେ ହଷ୍ଟେଲରେ ରହେ । ରାତିରେ ଟ୍ୟୁସନ୍ କରେ । ମାସକୁ ସେଥିରୁ ପାଏ ପଚାଶ ଟଙ୍କା । ବାକି କିଛି ଘରୁ ବାପା ପଠାନ୍ତି । ଏମିତି ଦୁଃଖକଷ୍ଟରେ ବର୍ଷ ଚଳେ ।

ସେ ଭଲ କହିପାରେ ଓ ଲେଖି ପାରେ । ବିଜ୍ଞାନ ଛାତ୍ର ହେଲେ ମଧ୍ୟ କ୍ଷୁଦ୍ର କବିତା ଓ ଗଳ୍ପ ଲେଖିବାରେ ସେ ପାରଦର୍ଶୀ । ଉପନ୍ୟାସ ଲେଖିବା ପାଇଁ ମଧ୍ୟ କେବେ କେବେ ସେ ଚେଷ୍ଟା

ଛରେ । ଦେଖିବାକୁ ତେବେହେଁ ମନ୍ଦ ନୁହେଁ । ଘୋଷ ଭଙ୍ଗ ଉଙ୍ଗ ଦେହ । ଗୋଲ ମୁହଁଟିରେ ପ୍ରଜାପତିଆ ନିଶ୍ ଦେଖ୍ ମାନେ ତା ଅନ୍ତର ମଧ୍ୟ ସରଳ ଓ ଅତି ନିଷ୍କପଟ । ସୁତରାଂ ବନ୍ଧୁ ମହଲରେ ଭଲ ଆଦର ଓ ପ୍ରଶଂସା ।

ବାର୍ଷିକ ପରୀକ୍ଷା ଫଳ ବାହାରିବା ପରେ ସୁଦୀର୍ଘ ଅବେଇ ମାସ ଛୁଟିରେ ଶ୍ରୀଚରଣ ଆସିଥାଏ ଘରକୁ । ଆସି ଦେଖେ ତ ସେ ଅଞ୍ଚଳରେ ଏକ ହାହା କାର ସୃଷ୍ଟି । ଦଶଟି ଦିନ ପରେ ଦଶଗଣ୍ଡା ଗ୍ରାମର ସମସ୍ତ ବସ ବାସକୁ ଧ୍ୱଂସକରି ନୂତନ ବନ୍ଧ ନିର୍ମାଣ ପାଇଁ ନୋଟିସ୍ ।

ଶ୍ରୀଚରଣକୁ ଦେଖି କେତେକ ଏ ବିଷୟ ଜଣାଇଲେ । ଶେଷରେ ଅଠଦଶ ଜଣ ଯୁବକ ସଙ୍ଗରେ ଧରି ଶ୍ରୀଚରଣ ନିଜେ ରାଜଧାନୀ ଅଭିମୁଖେ ଯାତ୍ରାକଲା । ମାତ୍ର ମିଳିଲା ସେଇ ପ୍ରତିଶ୍ରୁତି; ପରେ କ୍ଷତିପୂରଣ ଦିଆଯିବ । ଆଉ ଜଣ୍ଟ ଉପାୟ ନ ଥିଲା । ଶେଷ-ଥର ପାଇଁ ସେମାନେ ଫେରିଲେ ବୃଥାରେ । ନିଜର ଘର ଦ୍ୱାର ଫସଲ ଜମି ସବୁ ଛାଡ଼ି ଦେଇ କାହାରି କେଉଁଠି ଏତେ ଲୋକ ଆଶ୍ରୟ ନେବେ । ଶେଷରେ ସ୍ଥିର ହେଲା ସତ୍ୟାଗ୍ରହ । ବନ୍ଧଟା ହେଉଛି ମଣିଷର ଜନ୍ମଗତ ଦାବୀ । ସେଇ ବଞ୍ଚିବା ପାଇଁ ତୁଇଦିନ କାଳ ସତ୍ୟାଗ୍ରହ ଇତିମଧ୍ୟରେ ଶେଷ ହୋଇଥାଏ । ଜନତା ଥାଏ ତାର ଲକ୍ଷ୍ୟପଥରେ ଅଚଳ ଓ ଅଟଳ ।

ବେଳ ସେତେବେଳକୁ ରତବତ ହେଲଣି । ସଶସ୍ତ୍ର ପୋଲିସ ବାହିନୀ ଅଭ୍ରବରୁ ସଂଖ୍ୟାଲଘୁ ସଧାରଣ ପୋଲିସ ବାହିନୀ ସେମା-ନଙ୍କର କ୍ଷମତାକୁ ଜନତା ସମ୍ମୁଖରେ ଦର୍ଶାଇ ନଥାନ୍ତି । ବରମପୁରିଆ କୁଲି ବାର ଶହ ଗୃହିଁ ବସିଥାଆନ୍ତି । ପଞ୍ଜାବୀ କଣ୍ଟ୍ରାକ୍ଟରଟି ଏପାଖ ସେପାଖ ଟହଲୁ ଥାଏ । ଦଳେ ସତ୍ୟାଗ୍ରହୀ ଅସୁଥାନ୍ତି ଏବଂ ଅଭ

ଘରେ ଯାଉଥାନ୍ତି । ବିଶ୍ରାମ ନେବାକୁ ଓ ଖାଇବାକୁ ଶ୍ରୀଚରଣବାବୁ ସର୍ବଦା ତତ୍ପର ଥାନ୍ତି ।

ସଂଧ୍ୟା ହୋଇ ଆସୁଥାଏ । କିଛି ଉପାୟ ନପାଇ ଦାରୋଗା ମିଶ୍ରର ମହାନ୍ତି କ୍ଷତବିକ୍ଷତ ପକ୍ଷୀଟି ସମ ପଳାଇଗଲେ ସ୍ଥାନୀୟ ଜମିଦାରଙ୍କ ଘରକୁ । ପୋଲିସ୍ ବାହିନୀ ମଧ୍ୟ ତାଙ୍କ ପଦ ଅନୁସରଣ-କଲେ ।

ଜମିଦାର କାଳୀ ବାବୁ ଜାତିରେ ଥିଲେ ସୁଣ୍ଡି । ଏବେ କରଣ ହୋଇଛନ୍ତି । ପାତ୍ରରୁ ମହାପାତ୍ର । କିଏ ବା ଆପତ୍ତି କରିବ । କରଣମାନେ ତାଙ୍କ ଘରେ ବନ୍ଧୁ କରିବା ପାଇଁ ଅତି ଆଗ୍ରହୀ । କରଣ ଶ୍ରେଣୀରେ ତାଙ୍କର ବେଶ୍ ଆଦର । ସେ ସୁଣ୍ଡି ବା ମାଙ୍କ କହିବାକୁ କାହାରି ଜିଭର ଶକ୍ତି ନାହିଁ । କେବଳ ବହୁତ ପୁରୁଣା ପଞ୍ଜା ତମସୁକରୁ ଜଣାପଡ଼େ ଜମିଦାର ବାବୁ ନକଲି କରଣ ବୋଲି ।

ଖାଲି ଜମିଦାର କହିଲେ ଯଥେଷ୍ଟ ହେବନି, କାଳୀ ବାବୁ ଏକାଧାରରେ ଜମିଦାର, ସାହୁକାର ଓ ସର୍ବୋପରି ଠିକାଦାର । ପ୍ରତ୍ୟକ୍ଷରେ ଧର୍ମନାମରେ ଦ୍ୱାହି ଦେଇ ପରୋକ୍ଷରେ ଅଧର୍ମକୁ ସର୍ବଦା ଅଭିନନ୍ଦନ ଜଣାନ୍ତି । ସମାଜପତି ବୋଲି ନିଜକୁ ଅଖ୍ୟାୟିତ କରି ସମାଜରେ ସମସ୍ତ ପାପ, ଦୁର୍ନୀତି, ଅତ୍ୟାଚାର ଓ କୁସଂସ୍କାରକୁ ପୋଷନ୍ତି । ସତ୍ୟ ଓ ନ୍ୟାୟ ନାମରେ ଅସଂଖ୍ୟ ଗରିବଙ୍କ ଘର ଭାଙ୍ଗିବାକୁ ପଛାନ୍ତିନି ।

ତଥାପି ଦୁନିଆ କହେ ସେ ସୁପୁରୁଷ, ଧାର୍ମିକ, ନ୍ୟାୟବାନ୍ । ଦୈନିକ ଖବରକାଗଜରେ କାଳୀ ମହାପାତ୍ରଙ୍କ ନାଁ ଅନ୍ତତଃ ପ୍ରତି-ଦିନ ବାହାରେ । କୌଣସି ସରକାରୀ କର୍ମଚାରୀ ଦୁର୍ନୀତିଗ୍ରସ୍ତ ବୋଲି ଅଭିଯୁକ୍ତ ହୋଇ ବରଖାସ୍ତ ହେଲେ କାଳୀବାବୁ ଭରସା ।

ନିର୍ବାଚନରେ କିଛି ଅର୍ଥ ଅବଶ୍ୟକ ହେଲେ କାଳୀବାବୁ ମଧ୍ୟ ଭରସା ସେ ଅଞ୍ଚଳର ଲୋକମାନେ ଫୁସ୍ ଫାସ୍ ହୁଅନ୍ତି କାଳୀବାବୁ ହିଣ୍ଡୋଲା ମାର ବଣି ପୋଷନ୍ତି ମାନ୍ ଗେଜେଟ୍ କହେ ସେ ହିଣ୍ଡୋଲା ଓ ବଣିକୁ ସମଦୃଷ୍ଟିରେ ଦେଖନ୍ତି ।

ଅଚଳାଚଳ ସମ୍ପତ୍ତି । ଭୋଗ କରିବାକୁ କେହି ନାହାଁନ୍ତି । କେବଳ ଝିଅଟିଏ ପନ୍ଦର ବର୍ଷର । ନାଁ ମମତା । ଅଣ୍ଟ ଗେଲ ବସରରେ ବଢ଼ୁଥାଏ । ପୁଅଟିଏ ନ ଥିବାରୁ ବୁଢ଼ୀଙ୍କର ଭାରି ଚିନ୍ତା । ଏବେ ସେ ଭାଗବତପାଠରେ ଟିକେ ମନ ଦେଲେଣି । ଦାନ ଧ୍ୟାନ କିଛି କରନ୍ତି କିନ୍ତୁ ସବୁ ଜମିଦାରଙ୍କର ଅଗୋଚରରେ ହୁଏ । କାଳୀବାବୁଙ୍କର ପୁଅ ପାଇଁ ଦୁଃଖ ନ ଥାଏ । ତାଙ୍କର ନୀତି 'ଅଟେ ମଲେ ଯୁଗ ଯାଏ । ପରମାଇ ଜାଣୁଥାଏ' ।

ଘର ଭିତର ଖାଲି ପଡ଼ିଛି । ମନ୍ତ୍ରୀଠାରୁ ଆରମ୍ଭ କରି କନେ-ଷ୍ଟବଲ୍ ପର୍ଯ୍ୟନ୍ତ ଯେ ଆସେ ସେଇଠି ରହଣି ହୁଏ । ଦାରୋଗା ବାବୁ ଓ ପୋଲିସଙ୍କର ଖାଇବା ରହିବାର ସମସ୍ତ ସୁବନ୍ଦୋବସ୍ତ ସେଇଠି ହୋଇଥାଏ । ରାତି ହେଲା । ଦାରୋଗା ବାବୁଙ୍କ ସଙ୍ଗ ଆଲୋଚନା ଚାଲିଲା ଜମିଦାର ଙ୍କର ।

ତୁଳଦାନ କାଳ ପରାଜୟ ହେତୁ ଲଜ୍ଜାରେ ମଥାନତ କରି କହି ପକାଇଲେ ଦାରୋଗା ବାବୁ କଣ କରିବ ଆଜ୍ଞା । ଏମାନେ ତ ନାଗରିକ......'

'ଆପଣ କଣ ଜାଣି ନାହାନ୍ତି ମିଷ୍ଟର ମହାନ୍ତି ସିଧା ଅଙ୍ଗୁଠିରେ ଘିଅ ବାହାରେନି......'ଉତ୍ତର ଦେଲେ ଜମିଦାର ବାବୁ ।

'କିନ୍ତୁ ଏମାନଙ୍କୁ ଦେଖିଲେ କାହିଁକି ମନରେ ଦୟା ଆସୁଛି ଆଜ୍ଞା......'

'ମୁଁ ବୁଝୁଛି ତାହା ମାନ ସେଇ ଦମ୍ଭାର ସୁଯୋଗ ନେଇ ସେମାନେ ପୋଲିସ୍ ସହ ଏପର୍ଯ୍ୟନ୍ତ ଲଢେଇ କରି ଆସିଲେଣି । ଏଣିକି ତୁମ ଗୃହକାର୍ଯ୍ୟରେ ଅର୍ଥ ଅସିବ ନାହିଁ ତ ?

ନାଁ ମୋତେ ଭାଲି ଗୋଟାଏ ସିଦ୍ଧାନ୍ତର ପହଞ୍ଚିବାକୁ ହେବ । ମୋ କର୍ତ୍ତବ୍ୟ କରିବ । ଆଉ ଅପେକ୍ଷା କରି ହେବନି ଏଠି ।

'ହଁ ଗୋଟାଏ କାଳୁ କର' ଦାନ୍ତ ଚିପି ଚିପି କହୁଲେ ଜମିଦାର ବାବୁ ।

ଏଇ ସମୟରେ ଖାଇବାକୁ ଡାକରା ହେଲା । ସୂର୍ଯ୍ୟ ସେତେବେଳକୁ ପଡ଼ରେ । ନଈକୂଳରେ ପାଟି ଶୁଭୁଥାଏ । କୁଲିଗୁଡ଼ାକ ଗୋପେଇ ଆରମ୍ଭ କରୁଥାନ୍ତି ।

## ଦୂଜ

ପରଦିନ ସକାଳ । ଶୋଭାଯାତ୍ରାଟିଏ ବାହାରିଲା ସହସ୍ରାଧିକ ଲୋକଙ୍କୁ ନେଇ । ଆଗରେ ଚାଲିଥାନ୍ତି ଶ୍ରୀଚରଣ ବାବୁ । ବନ୍ଦକୂଳେ କୂଳେ ଶୋଭାଯାତ୍ରା ଚାଲିଥାଏ । ସ୍ଲୋଗାନ୍ ଉପରେ ସ୍ଲୋଗାନ୍ ।

'ଆମର ଦାବୀ···ପୂରଣ ହେଉ । ପୋଲିସ୍ ବାଲା···ନିକାଲି ଯାଓ । ଜନତା ଅଜି କରେ ଫୁକାର···ଶାସକଦଳ ହୋ ହୁସିଆର' ପାଟିରେ ଆକାଶ ପୃଥିବୀ କମ୍ପି ଉଠୁଥାଏ ।

ଶୋଭାଯାତ୍ରାଟି ଯାଇ ପହଞ୍ଚିଲା ଗୋଟାଏ ବଡ଼ ବରଗଛ ମୂଳେ । ସଭା ଆରମ୍ଭ ହେଲା । ସଭାପତିର ଆବଶ୍ୟକ ନାହିଁ ବକ୍ତା

କେବଳ ଶ୍ରୀଚରଣ ବାବୁ । ଆରମ୍ଭ ହେଲା ତାଙ୍କର ଉତ୍ତେଜନା ପୂର୍ଣ୍ଣ ଭାଷଣ । ଠିକ୍ ଜଣେ ଅଭିଜ୍ଞତା ସମ୍ପନ୍ନ ନେତା ପରି ।

'ଭାଇମାନେ, ଆପଣମାନେ ଯେପରି ଶାନ୍ତ ଶିଷ୍ଟ ଭାବରେ ଏପର୍ଯ୍ୟନ୍ତ ଏ ଦୁର୍ଦ୍ଦାନ୍ତ ପୋଲିସ ଦଳ ସହ ଲଢେଇ କରି ଆସିଛନ୍ତି ତାହା ବାସ୍ତବିକ୍ ପ୍ରଶଂସନୀୟ । ସାରା ଦୁନିଆର ଶାସକ ତଥା ଶୋଷକ ଶ୍ରେଣୀକୁ ଏହା ଗୋଟିଏ ଉପଯୁକ୍ତ ଶିକ୍ଷା । ଆପଣମାନଙ୍କର ମୂର୍ଖତା ଓ ଅସଭ୍ୟତାର ସୁଯୋଗ ନେଇ ମନୁଷ୍ୟର ଜନ୍ମଗତ ଦାବୀରୁ ଆପଣମାନଙ୍କୁ ବଞ୍ଚିତ କରିବା ପାଇଁ ସରକାର ଅଗ୍ରଛନ୍ତି । ରାଜା ମହାରାଜା ମାନଙ୍କୁ କ୍ଷତିପୂରଣ ବାବଦ କୋଟିକୋଟି ଟଙ୍କା ଦିଆଯାଉଛି, ଜମିଦାର ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦାନ କରି ଯାଉଛନ୍ତି ମାତ୍ର ଆମର ସର୍ବସ୍ୱ ଧ୍ୱଂସ କରି କ୍ଷତିପୂରଣ ଦେବା ପାଇଁ ସରକାର ବର୍ତ୍ତମାନ ନାରାଜ । କେବଳ ପ୍ରତିଶ୍ରୁତି··· ।

ଆମର ଲକ୍ଷ୍ୟ ହାସଲ ପାଇଁ ସତ୍ୟାଗ୍ରହହିଁ ଏକମାତ୍ର ପନ୍ଥା । ଆମର ଅର୍ଥନାହିଁ, ବନ୍ଧୁକଯୁକ୍ତ ଅସ୍ତ୍ର ନେବାକୁ ବା ଶକ୍ତି ନାହିଁ ଲଢେଇ କରିବାକୁ । ଆବଶ୍ୟକ ହେଲେ ଲାଠି ଗୁଳିର ସମ୍ମୁଖୀନ ହେବା ଜେଲ୍ ଯିବା ମାତ୍ର ଲକ୍ଷ୍ୟ ପଥରେ ଅଟଳ ରହିବା । ଗୃହ, ବାସ, ସର୍ବସ୍ୱ ସରକାରଙ୍କୁ ଦାନ କରି ଜେଲରେ ବରଂ ରହିବା ଶ୍ରେୟ । ସମସ୍ତେ ଏ ବଟବୃକ୍ଷ ମୂଳେ ଶପଥ ନିଅ ଏବଂ ପ୍ରତିଶ୍ରୁତି ପ୍ରଦାନ ପୂର୍ବକ ଏକାଥରେ କରତାଳି ଦିଅ ।

ସଙ୍ଗେ ସଙ୍ଗେ ଜନତାର କରତାଳିରେ କମ୍ପି ଉଠିଲା ମହାନଦୀକୂଳ । ପ୍ରତିଧ୍ୱନି ତାର ହେଲା ନଦୀର ଆରପଟେ । ଗଛ ଉପରେ ଗୁଡ଼ାଏ ପକ୍ଷୀ ବସି ପୂର୍ବରୁ ଏକଲୟରେ କଣ ଶୁଣୁଥିଲେ । ଚେଁ ଚୁଁ ଶବ୍ଦକରି ଉଡ଼ି ଗଲେ ଆକାଶକୁ ।

ସଭା ଭଙ୍ଗ ହେଲା । ଲୋକମାନେ ଫେରିଗଲେ ନିର୍ଦ୍ଦିଷ୍ଟ ସ୍ଥାନକୁ । ଜମିଦାରଙ୍କ ଘରେ ଦାରୋଗା ବାବୁଙ୍କର ଭୋଜିଟି ପଡ଼ିଲା । ଏତେ-ବଡ଼ ପ୍ରଜା ମେଳଟାକୁ ନିଜେ ଯଦି ଦବେଇ ପାରନ୍ତେ ତା'ହେଲେ ଶୀଘ୍ର ଇନ୍ସପେକ୍ଟର ପୁଣି ପ୍ରମୋଶନ୍ ହୁଅନ୍ତା । ସୁତରାଂ ଉପରସ୍ଥ କର୍ମଚାରୀଙ୍କୁ ଜଣେଇବା ପାଇଁ ଦାରୋଗା ବାବୁ ଟିକେ ଅନିଚ୍ଛୁକ ହେଉଥାନ୍ତି ।

ଜମିଦାରଙ୍କର ମତ ଶୀଘ୍ର ସଶସ୍ତ୍ର ପୋଲିସ୍ ମଗାଇ ବଳ ପ୍ରୟୋଗ କରିବା ଓ ନେତା ସାଜିଥିବା ଶ୍ରୀଚରଣକୁ ଗିରଫ୍ କରିବା । ଶ୍ରୀଚରଣକୁ ଜମିଦାର ବାବୁ ଘୃଣା ଓ ହିଂସା କରନ୍ତି । ଏହାତ ଏ ଯୁଗରେ ସ୍ୱାଭାବିକ୍ । ଚଷା ଟୋକାଟାଏ । ପାଠ ପଢିଲା ବୋଲି ସରକାର ମାନିବନି ! ମାସେ ହେବ ଏଠି ଗୋଟାଏ କମିଟି କରି ପାଲି ଜମେଇଛି । ପୁଣି ପୁଲିସ୍‌କୁ ମୁହେଁ ମୁହେଁ ଜବାବ । ବାପା ଅଜା ଲଙ୍ଗଳ ଧରୁ ଧରୁ ଦିନ ସରୁ ନଥିଲା । ଏ ପୁଣି ଆଜହୁଁ ବାବୁ ବନି ନେତାଗିରି ଦେଖାଉଛି ।

'କହୋ କଣ କହୁଛନ୍ତି ଦାରୋଗା ବାବୁ' ଗମ୍ଭୀର ସ୍ୱରରେ ପଚାରିଲେ ଜମିଦାର ବାବୁ ।

ହଁ ଆଜ୍ଞା, ମୁଁ ଯାହା ଦେଖୁଛି ଏଇ ପେଁଚଡ଼ ଟୋକାଟାର ସବୁ ଗୁଣ । ତେବେ କେତେ କେତେ ଗଡଜାତ ପ୍ରଜାମେଳ ତ ସାଙ୍ଗ ଦେଇଛି ଏଇ ରହିବ ।

'ତା ନ କଲେ ପ୍ରମୋଶନ୍ କଣ ଏତେ ଶୀଘ୍ର ମିଳିଥାନ୍ତା । ମୋର ପରା ମନେ ଅଛି ତୁମେ ପ୍ରଥମେ କନେଷ୍ଟବଲ୍‌ରେ ଭର୍ତ୍ତି ହୋଇଥିଲ । ସାମାନ୍ୟ କେଇଟା ବର୍ଷ ମଧ୍ୟରେ ପୁଣି ଦାରୋଗା ହେଲେତ ?'

'ନାଇଁ ଆଜ୍ଞା ଆଉ ଅପେକ୍ଷା କରିହବନି ତେବେ ଗୋଟାଏ କଥା । ମୁଁ ଯଦି ଏବେ କୌଣସି ଉପାୟରେ ଏଇଟା ଦବାଇ ପାରନ୍ତି ତାହେଲେ ମୋର ଅତି ଆଦର ହୋଇ ଯାନ୍ତା । ଆପଣ ଟିକେ ସେ ଶ୍ରୀଚରଣକୁ ଡ଼କାଇଦିଅନ୍ତୁ । ମୁଁ ତାକୁ ଦିଅଧି ବୁଝାଏ । ଯଦି ବା ରାଜିହୁଏ...ନଚେତ୍ ଆମ ବାଟ ଆମେ ଧରିବା ।

ଅତି କଷ୍ଟରେ ଜମିଦାର ବାବୁ ଏଥିରେ ରାଜି ହେଲେ । ଦିନ ସେତେବେଳକୁ ପହଞ୍ଚେ । ଖରାଟା ଟାଣୁଆ ହୋଇଥାଏ । ଶ୍ରୀଚରଣ ବାବୁ ଛତାଟିଏ ଧରି ଘରୁ ବାହାରୁଥାନ୍ତି ବନ୍ଧ ପାଖକୁ ହଠାତ୍ ଦେଖିଲେ ଜମିଦାରଙ୍କର ଗୁଜର ସନାକୁ ।

'କିରେ ସନା । ଏଣେକୁ ଅଡ଼େ ଗଲୁ ? ହସି ହସି ପଚାରିଲେ ଶ୍ରୀଚରଣ ବାବୁ । ଆଜ୍ଞା ଆପଣଙ୍କ ପାଖକୁ ତ...ଉତ୍ତର ଦେଲା ସନା

ମୋ ପାଖକୁ ! କାହିଁକି ରେ ! ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଶ୍ରୀଚରଣ ବାବୁ ।

'ବାବୁ ଡ଼କାଇଲେ । କଣ ଜରୁରୀ କଥାବାର୍ତ୍ତା । ଟିକିଏ ଚାଲିଲ ଚାଲନ୍ତୁ ଆଜ୍ଞା

'ବାବୁ ଡ଼କାଇଲେ । ମୋତେ । କେଉଁ ବାବୁରେ ?

'ଆଜ୍ଞା ଦ ବାବୁ । ଆମବାବୁ ଦାରୋଗାବାବୁ ଉତ୍ତର ଦେଲା ସନା, ବର୍ତ୍ତମାନ କଥାଟା ଶ୍ରୀଚରଣବାବୁ ସହଜରେ ଅନୁମାନ କରି ନେଲେ ।

ଶ୍ରୀଚରଣ ହସିଲା । ଅନ୍ୟମନସ୍କ ଭାବରେ କହିଲା । ଆରେ ମୁଁତ ବନ୍ଧ ପାଖକୁ ଯାଉଛି । ଲୋକଗୁଡ଼ାଏ ଗଲେଣି । ସେମାନେ ତ ହେଲେ ମୂର୍ଖ । କାଳେ କଣ ଦଙ୍ଗା ହେଙ୍ଗାମ୍ କରିବେ । ତୁ ଯା

ସନା । ବାବୁଙ୍କୁ କହିବୁ ସେଇଠିକୁ ଯିବେ । ସେଇଠି କଥାବାର୍ତ୍ତା ହେବ । ଘରକୁ କାହିଁକି ଯିବ ।'

'ପୋଲିସ୍ ଯାଇ ନାହାନ୍ତି ବାବୁ । ଦଙ୍ଗା ହେଙ୍ଗାମ୍ ହେବ କାହିଁକି ?' ଶୁଷ୍କ କଣ୍ଠରେ ଉତ୍ତର ଦେଲା ସନା ।

'ନହେଲେ କୁଲି ଗୁଡ଼ାକ ତ ଅଛନ୍ତି । ତୁ ବାବୁଙ୍କୁ କହି-ଦେବୁ ବଙ୍କ ପାଖକୁ ଯିବେ । ସେଇଠିତ ସବୁ.................

ଚାଲି ଯାଉଁ ଯାଉଁ କହିଚାଲି ଶ୍ରୀଚରଣ ।

ସନା ଫେରିଲା । ଦାରୋଗା ଓ ଜମିଦାର ବାବୁ ଚାହିଁ ବସିଥାନ୍ତି । ସନା ସବୁ କହିଗଲା ।

ମୁହଁଟାକୁ ମୋଡ଼ି ଚୌକିଟାକୁ କଚାଡ଼ିଦେଇ ରାଗରେ ଉଠି ଯାଉଁ ଯାଉଁ ଜମିଦାର ବାବୁ କହି ପକାଇଲେ 'ଶୁଣିଲେତ । ଏଡ଼େ ବଡ଼କଟେ ଟୋକା କେତେ ଗର୍ବ । ଆମେ ତାର ଗୁରୁସ୍ଥାନୀୟ । ତୁମେ ପୁଣି ସହରର ସରକାରୀ ଲୋକ । ଟିକେ ଖାତିର୍ ନାହିଁ । ଗ୍ରେଟ ଲୋକ ଗୁଡ଼ାକ ଦ ଅକ୍ଷର ପାଠ ପଢ଼ିଲେ ବୋଲି............... କଲେଜ ଛକ ମାଡ଼ିଲେ ବୋଲି.............ହଉ ଏଥରକ ଜାଣି କର................

ନାଇଁ ଅଜ କଣ ! ଚାଲନ୍ତୁ ଏମେଥର ପାଇଁ ସେ ବଙ୍କ ପାଖକୁ ଯିବା...' ଅଦ୍ଭୁତ କଣ୍ଠରେ ଉତ୍ତର ଦେଲେ ଦାରୋଗା ବାବୁ ।

'ମୋତେ ଯିବାକୁ ପଡ଼ିବ ?...' ଥକାମାରି ପଚାରିଲେ ଜମିଦାର ବାବୁ ।

'ହଁ ଟିକେ...' ନରମ କଣ୍ଠରେ ଉତ୍ତର ଦେଲେ ଦାରୋଗା ।

ଦାରୋଗା ବାବୁ ତାଙ୍କ ପୋଷାକ ପତ୍ର ସବୁ ପିନ୍ଧି ଥାନ୍ତି । ପାନକୁଟାରେ ୪।୨ ଖଣ୍ଡ ପାନ ଭର୍ତ୍ତିକରି କୁଟେଇ କୁଟେଇ ଚାଲିଲେ

ଜମିଦାର ବାବୁ । ପଛେ ପଛେ ଦାରୋଗା ଓ ବୁଢ଼ାଜଣେ କନଷ୍ଟବଲ୍ ।

ଶ୍ରୀଚରଣ ଦେଖିଲେ ବାବୁ ଦୁହେଁ ତାଙ୍କର ଅଡ଼କୁ ଲକ୍ଷ କରି ଚାଲିଛନ୍ତି, ନିକଟ ହେବାରୁ ନିଜେ ସେ ତାଙ୍କ ପାଖକୁ ଆସିଲା । ନମସ୍କାରକଲା । ସେ ନମସ୍କାରର ଅର୍ଥ ଥିଲା ଭିନ୍ନ । ମନୁଷ୍ୟ ଦେବତାକୁ ନମସ୍କାର କରେ ପୁଣି ବିଷଧର ସର୍ପକୁ ମଧ୍ୟ ନମସ୍କାର କରେ । ଜଣକୁ ସମ୍ମାନ ଦେଖାଏ ସ୍ନେହ ଓ ଭକ୍ତିରେ ମାତ୍ର ଆଉ ଜଣକୁ କେବଳ ଭୟରେ ।

'ମୋତେ ଡକାଇଥିଲେ ଆଜ୍ଞା.........?' ଈଷତ୍ ହସି ହସି ପଚାରିଲା ଶ୍ରୀଚରଣ ଅତି ନରମ କଣ୍ଠରେ । ଉତ୍ତର ପାଇବା ପାଇଁ ଚାହିଁ ରହିଲା ଏକ ଲୟରେ ।

'ତା କଣ ତୁମେ ଜାଣିନା.........?' ତଳକୁ ମୁହଁ ପୋତି ପାନ କୁଟୁ କୁଟୁ କହିଲେ ଜମିଦାର ବାବୁ ।

'କେଉଁ ବିଷୟ......?' ଦାନ୍ତ ଚିପି ଚିପି ପଚାରିଲା ଶ୍ରୀଚରଣ ।

ଦାରୋଗା ବାବୁ ଇତି ମଧ୍ୟରେ ଥରେ ଦୁଇଥର ଖେଙ୍କାରି ମାରି ତାଙ୍କ ଗଳା ସଫା କରି ନେଇଥିଲେ । ଜମିଦାର ବାବୁଙ୍କ ଅପେକ୍ଷା ନ କରି ସେ କହିଲେ । 'ଏଠି ଯେଉଁ ସମସ୍ୟା ଉପୁଜିଛି ତାର ସମାଧାନ କିପରି ହେବ । ଜନାଦ୍ଦନ ତ ଆସି ବାଛିଲା...'

ବାବୁ ମାନଙ୍କର କଥା ବାର୍ତ୍ତା ଶୁଣିବା ପାଇଁ ଦଳେ ସତ୍ୟାଗ୍ରହୀ ଆସି ଜୁଟି ହୋଇ ଯାଇଥାନ୍ତି । କାମ ଦାମ କିଛି ନ ଥିବାରୁ କୁଲି ଗୁଡାକ ଖାଇବା ପିଇବା ପାଇଁ ପଇସା ପାଇ ନଥାନ୍ତି । ପରିଣ ସବୁକ କୁଲି କଣ୍ଟ୍ରାକ୍ଟରର ପଛ ଧରିଥାନ୍ତି । କିଛି ପାଇବା ଉଦ୍ଦେଶ୍ୟରେ । କଣ୍ଟ୍ରାକ୍ଟରର ବିଶ୍ବର ଉପାୟ ନ ପାଇ ସେଇଠି ଆସି ଠିଆ ହୋଇ ଦାନ୍ତ କୁଣ୍ଡାଉ ଥାଏ ।

ଶ୍ରୀଚରଣ ଉତ୍ତର ଦେଶଙ୍କ ମୁଁ ବାଚକଣି କରିବ ଅଛି……’

‘ଆପଣ ଟିକେ ଏମାନଙ୍କୁ ବୁଝାଇ ଦିଅନ୍ତୁ ସତ୍ୟାଗ୍ରହରୁ ଶାନ୍ତ ହେବାପାଇଁ……’ ଜବାବ ଦେଲେ ଦାରୋଗା ବାବୁ ।

‘ତା କଣ କେବେ ହୋଇ ପାରେ……ମୁଁ ତ ସତ୍ୟାଗ୍ରହଟି ଏଠି ସୃଷ୍ଟିକଲି । ପୁଣି ତାର ଅବସାନ ପାଇଁ ଦେବି ଉପଦେଶ……’ ହସି ହସି ଜଣାଇଲା ଶ୍ରୀଚରଣ ।

‘ବିଦ୍ରୂପ କରନ୍ତୁନି ଶ୍ରୀଚରଣ ବାବୁ । ଆପଣଙ୍କ ଭବିଷ୍ୟତ ବଡ଼ ଉଜ୍ଜ୍ୱଳ । ଆପଣ ଜଣେ ମେଧାବୀ ଛାତ୍ର ବକ୍ତା ଏବଂ ଲେଖକ । ମୋର ଅନୁରୋଧ ଆପଣ ଅନ୍ତତଃ ଏଥିରୁ ଶାନ୍ତ ହୁଅନ୍ତୁ’ ଉପଦେଶ ବାଣୀ ଗୁଡ଼ିକ ବାହାରି ପଡ଼ିଲା ଦାରୋଗାଙ୍କ ତୁଣ୍ଡରୁ ।

ପାନଖଣ୍ଡକୁ ଚୁଟାପାନ ଘାଟିରେ ଚକାଡ଼ ଚକାଡ଼ ପାନ ଧରି କହିଲେ ଜମିଦାର ବାବୁ, ‘ହଁ ଶ୍ରୀଚରଣ ଦାରୋଗା ବାବୁ ଯାହା କହୁଛନ୍ତି ଠିକ୍ । ତୁମେ ଛାତ୍ର । ସରକାରୀ ଆଇନଟା କମିତ ରଦ୍ଦ କରିବାକୁ ଚେଷ୍ଟିତ ହେ । ତୁମର ଭାବି ଅନିଷ୍ଟ ହେବ । ଭବିଷ୍ୟତରେ ଚାକିରି ମିଳିବନି । ସରକାରଙ୍କର ଆଇନ !…………

“ଆମେ ତାହେଲେ କମିତ ବଞ୍ଚିବୁ ଆଜ୍ଞା, ଘର ବାଡ଼ି, ଚାଷ ଜମି ସବୁଗଲେ ଆମେ କେଁଥିବୁ କେମିତ ? ମୁଁ ଛାତ୍ର ସତ କହୁ ଏପରି ପରିସ୍ଥିତିରେ ମୋର କଣ କର୍ତ୍ତବ୍ୟ ନୁହେଁ ଏମାନଙ୍କୁ ସାହାଯ୍ୟ କରିବା । ବର୍ତ୍ତମାନ ସିନା ମୋର ବାପା, ମା, ବନ୍ଧୁ, କୁଟୁମ୍ବ ବଞ୍ଚି ରହିଲେ ମୁଁ ଛାତ୍ର ହୋଇ ରହିବି, ଚାକିରି କରିବି…………” ଅଙ୍ଗୁଠି ଫୁଟେଇ ଫୁଟେଇ ଉତ୍ତର ଦେଲା ଶ୍ରୀଚରଣ

‘ତାହେଲେ ତୁମର ଉଦ୍ଦେଶ୍ୟ କଣ……’ ଟିକେ ଗମ୍ଭୀର ଓ ମାମଲତ୍କାରୀ ଗଳାରେ ପଚାରିଲେ ଜମିଦାର ବାବୁ ।

"ତାହା କଣ ଆପଣ ଏପର୍ଯ୍ୟନ୍ତ ବୁଝି ପାରୁ ନାହାନ୍ତି ଆଜ୍ଞା । ଆମର ସତ୍ୟାଗ୍ରହ ଏମିତି ଚାଲୁ ରହିବ । ଆମେ ବରଂ ଏ ରକ୍ତମୁଖା ସରକାର ଶିକାର ହେବୁ ଜେଲ ଯିବୁ ତଥାପି ଲକ୍ଷ୍ୟ ପଥରୁ ଫେରି ପାରିବୁନି । ଏଇ ବନ୍ଧ ତଳେ ସବୁ ଦେଇଦେବା ସହ ଆମର ରକ୍ତ, ମାଂସ ଓ ହାଡ଼କୁ ମଧ୍ୟ ଦେବା ପାଇଁ ଆମେ ସର୍ବଦା ପ୍ରସ୍ତୁତ ।" ଏକସ୍ୱରରେ ନିର୍ଭୀକ ଭାବରେ ଉତ୍ତର ଦେଲା ଶ୍ରୀଚରଣ ।

"ଦେଖ ଶ୍ରୀଚରଣ ବାବୁ । ଦେଶରେ ଗୋଟାଏ ଶାସନ କଳ ଅଛି । ସରକାରୀ ଆଦେଶ ଏବଂ ଆଇନ୍ ବୋଲି କେତେଟା ପରମ୍ପରା କାନୁନ ରହିଛି........" ଏଇଟି ଶୁଣିବାକୁ ମିଳିଲା ଦାରୋଗା ବାବୁଙ୍କର ତଥାକଥିତ ଦମ୍ଭୋକ୍ତି ।

ଦାରୋଗା ବାବୁଙ୍କର ଆଖି ସେତେବେଳକୁ ଲାଲ୍ ଲାଲ୍ । ଠିକ୍ ଖାଇବେଳେ ମଦଅତ୍ୟାଧିକ ପିଇଲେ ମଦୁଆର ଆଖି ଯେମିତି ଦିଶେ । ଶିକାର ଦେଖିଲେ ବାଘ ଯେମିତି ରାଗି କୁଦନ୍ତିଏ ଦାରୋଗା ବାବୁ ସେମିତି ହେବାକୁ ଲାଗିଲେ । ଶ୍ରୀଚରଣ ଦେଖିଲା ଦାରୋଗା ବାବୁ ରାଗି ଖୁଣ୍ଟି । ନିଜକୁ ସେ ସଜାଡ଼ି କରିବାକୁ ଚେଷ୍ଟାକଲା । ତଥାପି ଉପଦ୍ର ନକହି ସେ ରହି ପାରିଲାନି ।

"ଆଜ୍ଞା ରାଗନ୍ତୁନି । ବୃଥାରେ ମୋ ଉପରେ ରାଗି ଲାଭ କଣ ?"

'ତୁମେ ମୂର୍ଖ ଚଷାପଲେ ଏ ଶାସନ କଳକୁ ଅଚଳ କରି-ଦେବାକୁ ଚାହଁ........?' ଗର୍ଜିଉଠିଲେ ଦାରୋଗା ବାବୁ

"ଚଷା ମୂର୍ଖ । କାରଣ ସେ ନିଜର ଲହୁ ଲହୁକୁ ଏକାକ କରି ନିଜହାଡ଼କୁ ପାଣି ପାଣି କରି ଚୂନା କରି ଏ ଦେଶରେ ଫଳାଏ ସୁନାର ଫସଲ୍ ଆଉ ନିଜେ ପାଏନି ମୁଠିଏ ଭଲକରି ଖାଇବାକୁ । ତାରି ଶ୍ରମରେ କେତେଟା ବଦୋଳ ବାବୁ ଏ ଦେଶରେ ସୁଖିତରେ

ଅରାଜକତା । ଚଷା ଧଏ ଅନ୍ୟକ୍ଷେତ୍ରରେ ଭୃଷା ଯାର ଫଳରେ ମଣିଷ ରୂପରେ କେତେଟା ପଶୁ ଏ ଦେଶରେ କରନ୍ତି ଗର୍ଜନ । ଚଷାର ରକ୍ତରେ ଗୁଳେ ଧନୀକର ହୋଇଖେଳ ।”

ଥର ଥର କଣ୍ଠରେ କହି ଉଠିଲେ । ଶ୍ରୀଚରଣ ।

‘ଏଇ ଶାସନ କଳ ।······ ପାଗଳ ପରି ଦାରୋଗା ବାବୁ ପୁଣି ଗର୍ଜି ଉଠିଲେ ।

ହଁ ସେଇ······ କଳଙ୍କାରତ ଅପଣମାନେ ଉପଯୁକ୍ତ ଗୃଳକ କଳଙ୍କା ପାଇଁ ଦରକାର କିଛି ଥିଲା । ଏଇ ଚଷାପଲର ରକ୍ତ କଣ ଉପଯୁକ୍ତ ଥିଲା ନୁହେଁ ।······ ଅହତ କଣ୍ଠରେ ଉତ୍ତର ଦେଲେ ଶ୍ରୀଚରଣ ।

‘ତୁମେ ତାହେଲେ ଆଇନ ଅମାନ୍ୟ କରିବାକୁ ପ୍ରସ୍ତୁତ···? ହାତ ବାଡ଼େଇ ପଚାରିଲେ ଦାରୋଗା ବାବୁ

ଆଇନ·········। ଏଇ ମଣିଷ ଗଢ଼ିଛି ସେ ଆଇନ । ଏଇ ମଣିଷ ତାକୁ ଅମାନ୍ୟ କରିବ । ଆଇନ ଗଢ଼ାହୋଇଛି ସୁଖ ଶାନ୍ତିରେ ମଣିଷ ଏ ଦୁନିଆରେ ଜୀବନ ଧାରଣ କରିବା ପାଇଁ ସେହି ଜୀବନ ଧାରଣ ପାଇଁ ଆଇନ୍ ବେଆଇନ୍ ହେଉ······ମଣିଷ ଗଢ଼ିଛି ଆଇନ୍, ଆଇନ୍ ମଣିଷକୁ ଗଢ଼ିନି ଅଜ୍ଞା । ଯେଉଁ ଆଇନ୍ ମଣିଷକୁ ତାର ଜନ୍ମଗତ ଦାବୀରୁ ବଞ୍ଚିତ କରିବା ପାଇଁ ଅଣା ପ୍ରସ୍ତୁତ ସେ ଆଇନ୍‌କୁ ଅମାନ୍ୟ କରିବା ପାଇଁ ଅମ୍ଭେମାନେ ନିଶ୍ଚୟ ପ୍ରସ୍ତୁତ୍।” ବେପରୁଆ ଭାବରେ ଉତ୍ତର ଦେଲେ ଶ୍ରୀଚରଣ ।

ଛୋଟ ମୁହଁରେ ବଡ଼ କଥା । ଶୋଭି ପାଏନା ବାପ ଶୋଭି ପାଏନା·········ବିଦ୍ରୂପ କରି ନାଚେଇ ନାଚେଇ କହିଲେ ଜମିଦାର ବାବୁ ।

ଅମେ ଛୋଟ । ·········,ଅମେ ଚଷା ।।······ଅମେ ମୂର୍ଖ ······—ଜମିଦାରଙ୍କ ଲକ୍ଷ୍ୟକରି ବିଦ୍ରୂପ କଲେ ଶ୍ରୀଚରଣ

ସମଗ୍ର ଜନତା ସେତେବେଳକୁ ଉତ୍ୟକ୍ତ । ହଠାତ୍ ପଛରୁ ଗୋଟାଏ ଛୋଟ ଢେଲା ଆସି ବାଜିଲା ଜମିଦାରଙ୍କ ମୁଣ୍ଡରେ ବିଶେଷ ଆଘାତ ନ ହେଲେ ମଧ୍ୟ ଜମିଦାର ବାବୁ ଟଳି ପଡ଼ିଲେ । ଦାରୋଗା ବାବୁ ଦେଖିଲେ ଜନତା ରଗୀ ଯୁଣ୍ଡ୍ । ନିଜର ସଂଖ୍ୟା ଲଘୁ ପୋଲିସ୍ ବାହିନୀକୁ ତାର ସମ୍ମୁଖୀନ ହେବା ପାଇଁ ଆଦେଶ ଦେବାକୁ ତାଙ୍କର ସାହସ ହେଲାନି । ଶ୍ରୀଚରଣ ମନେ ମନେ ବଡ଼ ଲଜ୍ଜା ଅନୁଭବ କଲା । କୁଆଡ଼ୁ ଢେଲାଟି ଆସିଲା କେହି ସ୍ଥିର କରି ପାରିଲେନି । ଦୁଇ ତିନି ମିନିଟ୍ ସାଷ୍ଟାପ ପରେ ଉଠିଲେ ଜମିଦାର ବାବୁ । ମୁଣ୍ଡ ହଲେଇ ହଲେଇ ନାଟକୀୟ ଠାଣିରେ ଫେରିଲେ ଗୃହ ମୁଖରେ ଦାରୋଗା ବାବୁ ଥରେ ଚାହିଁ ନେଲେ ସତ୍ୟାଗ୍ରହୀ ଦଳକୁ ଏବଂ ଆଉ ଥରେ ଶ୍ରୀଚରଣଙ୍କୁ, ଦାନ୍ତ କାମୁଡ଼ି ଅନୁକରଣ କଲେ ଜମିଦାର ବାବୁଙ୍କୁ ।

ଦିନ ସେତେବେଳକୁ ପ୍ରାୟ ଏଗାର । ଜ୍ୟେଷ୍ଠ ମାସ ଖରାଟା ଟାଣ ହୋଇଥାଏ । ପରଦିନ ଯେ ଅବସ୍ଥାଟା ଜଟିଳ ଆକାର ଧାରଣ କରିବ ଏକଥା ସମସ୍ତେ ନିସନ୍ଦେହରେ ଭାବିନେଲେ । ତଥାପି ତାର ସମ୍ମୁଖୀନ ହେବା ପାଇଁ ସମସ୍ତେ ନେଲେ ଶପଥ ।

ସେତେବେଳକୁ ମହାନଦୀର ବାଲିଗୁଡ଼ାକ ତାତି ତାତି ଅସୁଥାଏ । ମଝିରେ ଠାଏ ଠାଏ ଥାଏ ସାମାନ୍ୟ ପାଣି, ମଇଁଷି ପଲେ ସେଥିରେ ଘାଣ୍ଟି ଚକଟି ହୋଉଥାନ୍ତି । ଅଦୂରରେ ପଡ଼ିଥାଏ ଅଣ୍ଡିରା ମଇଁଷି ଛୁଆର ଗୋଟିଏ ସଦ୍ୟ ଶବ । ଯେଉଁ ବରଗଛ ମୂଳେ ଜନତା ଶପଥ ନେଇଥିଲେ ସେଇ ଗଛରୁ ଉଡ଼ି ଅସୁଥାଆନ୍ତି ପଲେ ଶାଗୁଣା ମୃତ ମାଂସରେ କ୍ଷୁଧା ନିବାରଣ କରିବାକୁ । ମାତ୍ର ହେଟାଟିଏ ଆସି ନେଇ ଚାଲିଗଲା ଶବଟିକୁ ବଣ ଭିତରକୁ । ଶାଗୁଣାପଲ ବଣ ଭିତରକୁ ଉଡ଼ି ଚାଲିଥାନ୍ତି ।

# ତିନ

ସେଇଦିନର ରାତି । କୃଷ୍ଣ ପକ୍ଷ । ସପ୍ତମୀର ଅନ୍ଧାରଭରା ଆକାଶରେ ଦେଖିବାକୁ ଅଦ୍ଭୁତ ଦୁଇଘଡ଼ି ବାକିଥାଏ । କଳା ମଚ୍-ମଚ୍ ଅନ୍ଧାର । ଜୁଳୁଜୁଳିଆ ପୋକଗୁଡ଼ାକ ଅନ୍ଧାରରେ ଜକ୍ ଜକ୍ ଦିଶୁଥାନ୍ତି । ଝେଙ୍କା କଅଁଶିରେ ତାଆଣି ଅଲୁଅ ଗୁଡ଼ାକ ଏପାଖରୁ ସେପାଖକୁ ଦୌଡ଼ୁଥାନ୍ତି । ଆମ୍ବ ପାଚ ତୋଟା ମହକୁଥାଏ । ବାଦୁଡ଼ି,କାଉ ମାନଙ୍କର ଚାଲିଥାଏ ମହୋତ୍ସବ । ଖଣ୍ଡିଆ ପଚସ ଆମ୍ବ ଗୁଡ଼ାକ ଠୋ ଠା ଶବ୍ଦକରି ପଡୁଥାଏ ତଳକୁ । ବେଳେ ବେଳେ ତୋଟାଳିଆ ଟିଣଟାଏ ପିଟୁଥାଏ ପକ୍ଷୀଗୁଡ଼ାକୁ ତୋଟାରୁ ତଡ଼ି-ଦେବା ପାଇଁ । କିନ୍ତୁ ନିମିଷକ ପରେ ସେଇ ଅବସ୍ଥା । ବାରଭୁଲ୍ଲା କୁକୁର ଗୁଡ଼ାକ ବେଳେ ବେଳେ ଭୁକି ଉଠୁଥାନ୍ତି । ବୋଧେ ହେଟା ବା ବିଲୁଅ ଦେଖିଥାନ୍ତି ।

ଗାଁ ଗୁଡ଼ାକରେ ସବୁ ସୁନଶାନ୍ । ବେଳାବେଳ ସମସ୍ତେ ଖାଇ ଦେଇଥାନ୍ତି । ଆଖିନିଦ ଲାଗି ଯାଉଥାଏ । ଚିନ୍ତା ନିଦ କହୁଲେ ମନ୍ଦ ହେବନି । ସମସ୍ତଙ୍କର ଗୋଟିଏ ଚିନ୍ତା, ପରଦିନ କଣ ହେବ । ଶ୍ରୀଚରଣଙ୍କୁ ନିଦ ଲାଗି ନଥାଏ । ସେ ଦିନର ତାଏସବୁ ଭଲଭଲ ଶବ୍ଦ ଖୋଜି ପୁରଣି କରିବାରେ ସେ ବ୍ୟସ୍ତ । ରୁହ

ଦେବାକୁ ଭୁଲି ଯାଇଥିବାରୁ ଟେବୁଲ୍ କ୍ଲକ୍‌ଟି କେତେବେଳେ ବନ୍ଦ ହୋଇ ଯାଇଥାଏ । ଶ୍ରୀଚରଣଙ୍କୁ ତାହା ଜଣା ନାହିଁ !

ଡାଏରିଟି ଥୋଇଦେଲେ ଶ୍ରୀଚରଣ ଅଳ୍ପ ଲେଖା ପରେ । ଟେମ୍ପଲ୍ ସିଗାରେଟ୍ ପ୍ୟାକେଟଟିଏ ଖୋଲି ଦେଖେ ଯେ ଗୋଟିଏ ମାତ୍ର ସିଗାରେଟ୍ ଆଉ ବାକିଅଛି । ସକାଳେ ଚଳିବ ସମ୍ବଳ ଭାବି ପୂର୍ବବତ୍ ଅବସ୍ଥାରେ ସେଇଟି ରଖିଦେଲେ । ଘଣ୍ଟାକୁ ଚାହିଁ ଦେଖିଲେ [illegible] ମିନିଟରେ ଟିଏ ଅଭ୍ୟାସର ବାହାରୁ । ସେତିକିରେ ଭୟ ଲାଗିଥିବା ଭାବି ଅଙ୍ଗ ସଂଯୋଗ କରିବାକୁ ଚେଷ୍ଟାକଲେ । ମାତ୍ର ଆଜି ରାତି ବୃଥା ହେଲା । ଘରର ଦୁଆରଟା ଓ ଦ୍ୱାର ଖୋଲା ଥାଏ । ପବନ ଦ୍ୱାର ଦେଇ ଆସିଲି ଭିତରକୁ ଦୂରରୁ ଲହରି ଯାଉ-ଥାଏ । ଦୁଆରା ବନ୍ଦ କରିବାର ଭଳିଆଟି ବନ୍ଦ କରିବାକୁ ଆସିଲେ ଶ୍ରୀଚରଣ । ଦେଖିଲେ ୧୦୦ ଟଙ୍କା ଦୂରରେ କାଏ କଉଁ ତାହାର ଆଗକୁ ଆସୁଛି । ସେ ଭଲ ଭାବେ ଜାଣି ପାରିଲେନି ଅଗନ୍ତୁକ ଜଣକ ନାରୀ ବା ପୁରୁଷ କେବଳ ବାରି ପାରିଲେ ପରିଧାନରୁ ତାହା ନିଶ୍ଚିତ ନର ନୁହେଁ ବୋଲି ।

ଭୟରେ ଶ୍ରୀଚରଣ ଅଙ୍କାକ୍ଷ । ଚେଷ୍ଟାକଲେ ଦୁଆର ମୁହଁରେ ଠିଆ ହୋଇ ଅଗନ୍ତୁକର ପରିଚୟ ଜିଜ୍ଞାସା କରିବାକୁ ମାତ୍ର ପାରିଲେନି । ଅଗନ୍ତୁକଟି ମଧ୍ୟ ମୁହୂର୍ତ୍ତପରେ [illegible] ଯାଗାରେ ସେଇଠି ଠିଆ ହେଲା । ଘର ଭିତରକୁ ଫେରିଆସିଲେ ଶ୍ରୀଚରଣ । ସେ ସ୍ୱପ୍ନ ଦେଖି ନାହାନ୍ତି । ମନରେ ଭାରି ଜାତ ହେଲା ନାନା ପ୍ରକାର ସନ୍ଦେହ । ତା ଛୁଆଟି ଖଞ୍ଜାର ବାହାରେ । ବାପା ବୋଉଙ୍କୁ ଡାକିବାକୁ ଭାରି ସାହସ ହେଲାନି । ପୁଣି ଘଣ୍ଟା ଏତେ । ପୋଟରଲକୁ ପାଣି ଦେଇ ଭଲ ଭାବେ ଆଖି ମୁହଁ ଧୋଇନେଲେ ଶ୍ରୀଚରଣ । ବାହାରକୁ ଅତି ସାହସରେ ଆସି ଦେଖେତ ଅଗନ୍ତୁକଟି

ଆଜ ୮।୧°ଗଜ ତା ରୁମ୍ ଆଡ଼କୁ ଅଗ୍ରସର ହୋଇ ଯାଉଛି । ଶ୍ରୀଚରଣଙ୍କୁ ଦେଖି ପୁଣି ସେ ନୀରବରେ ଠିଆହୋଇ ରହିଲା । ଠିକ୍ ସାହାସ ବର୍ତ୍ତିମାନ ହେଲା ଶ୍ରୀଚରଣର । ଲଣ୍ଠନଟି ଭଲ ଭାବେ ଟେକି ବାହାରକୁ ଆଣି ଦେଖେ ଯେ ଅଗନ୍ତୁକ ଜଣେକ ନାରୀ ।

ଦୀର୍ଘ ନିଶ୍ୱାସ ତ୍ୟାଗ କରି ଶ୍ରୀଚରଣ ପଚାରିଲା 'କିଏ......?'

ଅଗନ୍ତୁକାଟି କେବଳ ଇତସ୍ତତଃ ହୋବାକୁ ଲାଗିଲା ।

ଶ୍ରୀଚରଣ ପୁଣି ପଚାରିଲା । କିଏ ଅସୁଛ ଆସ............'

ଧିରେ ଧିରେ ଶ୍ରୀଚରଣ ପାଖକୁ ଗୁଲିଲା ଅଗନ୍ତୁକା । ଶ୍ରୀଚରଣ ଗୃହିଁ ରହିଥାଏ ଏକ ଲୟରେ । ଶ୍ରୀଚରଣ ଦେଖିଲା ମମତା । ଜମିଦାର କାଳୀପ୍ରସନ୍ନ ଓରଫ କୈଳାଶଚନ୍ଦ୍ରମହାପାତ୍ରଙ୍କର ଅଚଳାଚଳ ଭୂସମ୍ପତ୍ତିର ଏକମାତ୍ର ଉତ୍ତରାଧିକାରିଣୀ । ମନେ ପଡ଼ିଲା ଶ୍ରୀଚରଣର ୧୦ ମାସ ତଳର କଥା । ମାଟ୍ରିକ୍ ପରୀକ୍ଷା ଦେଇ କଟକରୁ ଫେରୁଥାଏ ଶ୍ରୀଚରଣ । ସେହି ବସ୍‌ରେ ଫେରୁଥାନ୍ତି ଜମିଦାର ବାବୁ ଓ ମମତା । ଜମିଦାର ବାବୁ ପୂର୍ବରୁ ଚିହ୍ନିଥିଲେ ଶ୍ରୀଚରଣଙ୍କୁ । ମାତ୍ର ମମତା କେବଳ ନାଁଟା ଶୁଣିଥାଏ । କେବେ ଦେଖି ନ ଥାଏ । ାଇଲ୍ ଏ ହୂବରେ ଅବଶ୍ୟ ଘର । ମାତ୍ର ଜମିଦାରଙ୍କର ଏକମାତ୍ର ାଳୀ ବଶିକେଶନ । ଏତେଦୂର ଅସନ୍ତେ କାପର ଭୁଲ । ସୁବିଧା ଅନ୍ତା କିଏ ? ଥରେ ଗୋଟାଏ ପତ୍ରିକାରେ ନୂତନ ଲେଖକ ାନଙ୍କର ଫଟୋ ଓ ପରିଚୟରୁ ଶ୍ରୀଚରଣଙ୍କୁ ଜାଣିଥିଲା । ବସ୍‌ରେ ଦେଖିବାକୁ ପାଇଲା ସୁବିଧା । ମମତାର ମାଇନ୍‌ର ବୃତ୍ତି ପରୀକ୍ଷା ମାସ ଥାଏ । ଜମିଦାର ବାବୁଙ୍କ ହୁକୁମରେ ଶ୍ରୀଚରଣ ଆସି ତାଙ୍କ ରେ ଟିକେ କେବଳ ଅଙ୍କ, ଇଂରାଜୀ କହେଲେ । ପରୀକ୍ଷାନ୍ତର ଅଳସ- ରେ ଶ୍ରୀଚରଣ ଏମିତି କଟାଏ । ମଇ ମାସ ପ୍ରଥମ ସପ୍ତାହରେ

ମମତାର ହେଲା ପରୀକ୍ଷା । ଫଳ ବାହାରିଲା । ବିଚାରୀ ସେ ପାଇ ପାରିଲାନି ବୃତ୍ତି । ଶ୍ରୀଚରଣ କିନ୍ତୁ ମାଟ୍ରିକ୍‌ରେ ପାଇଲା ପ୍ରଥମ ଶ୍ରେଣୀ । ଏତିକିହିଁ ସେମାନଙ୍କର ଦେଖା ଶୁଣା । ତାପରେ ଶ୍ରୀଚରଣ ଅସିଲା ରେଭେନ୍‌ସାକଲେଜ । ମାତ୍ର ନିକଟରେ ହାଇସ୍କୁଲ ନଥିବାରୁ ମମତା ମାଇନର ପାସ୍ ପରେ ପଢ଼ା ଚିରଦିନ ପାଇଁ ଶେଷ ହେଲା । ଦୋଳି ମାସ ପରେ ମମତାକୁ ଏତେ ରାତିରେ ନିଜ ପାଖରେ ଦେଖି ଶିହରି ଉଠିଲେ ଶ୍ରୀଚରଣ ।

ରୁମ୍‌ଟି ଭିତରକୁ ପଶିଗଲା ମମତା । ତୁନି ହୋଇ ବସିଲା ନିର୍ବିକାର ଚିତ୍ତରେ ଶ୍ରୀଚରଣର ଖଟଟି ଉପରେ । ସତର ବର୍ଷର ଅଲଅଲି ଝିଅ । ନବ ଯୌବନର ଆଗମନରେ ଦେହର ପ୍ରତି ଶିରା ପ୍ରଶିରାରେ ଅନୁଭବ କରୁଛି ନୂତନତ୍ୱ । ଦୁଃଖ କଣ ସେ ଜାଣେ ନା । ଦୈନ୍ୟ ନୈରାଶ୍ୟ ଅନୁଭବ କରିବା ତ ଦୂରର କଥା ସ୍ୱପ୍ନରେ କେବେ ଥରେ ଦେଖିନା । ବଢ଼ି ଆସିଛି ସୁଖର ପ୍ରାଚୁର୍ଯ୍ୟ ମଧ୍ୟରେ ଆନନ୍ଦର ଉତ୍ସ କୋଳରେ । ଗୋଟିଏ ଶୃଙ୍ଖଳରେ ଯେପରି ସତେ ବା ଗଢ଼ିଛି ତାକୁ ।

ଶ୍ରୀଚରଣ ଦେଖିଲା ଜହ୍ନ ଆକାଶରେ ଉଠି ଆସୁଛି । ଚୌକିଟା ଉପରେ ଥକା ମାରି ବସିଗଲା ସେ । ତା ମନରେ ବର୍ତ୍ତମାନ ନୃତ୍ୟ କରୁଛି ଭୟ ଆଉ ଆନନ୍ଦ କିନ୍ତୁ ପରମୁହୂର୍ତ୍ତରେ ପରଦିନ ସକାଳ ପରିସ୍ଥିତି ଅନୁମାନ କଲେ ଜାତ ହେଉଛି ବିଫଳତା ଓ ନୈରାଶ୍ୟ ।

'ତୁମେ କୁଆଡେ ମମତା............' ପଚାରିଲା ଶ୍ରୀଚରଣ ମମତା ନିରୁତ୍ତର ।

'ମମତା, ଏତେ ରାତିରେ ଏକୁଟିଆ କିପରି ଆସିଲ ! କାହିଁକି ? କୁହଟିକେ ଶୀଘ୍ର........' ବ୍ୟାକୁଳ ହୋଇ ପଚାରିଲା ଶ୍ରୀଚରଣ ପୁଣିଥରେ ।

ମମତା ଜବାବ କିଛି ଦେଲନି । କେବଳ ଦୀର୍ଘ ନିଃଶ୍ୱାସଟାଏ ମାରି ଉପରକୁ ଥରେ ଚାହିଁ ନେଲା । ଶ୍ରୀଚରଣ ପୁଣି ପଚାରିଲା ମମତା ଅତ୍ୟନ୍ତ ଚିନ୍ତାମଗ୍ନ । ତରଳ ହୃଦୟ ଓ ଅନଭିଜ୍ଞ ମୁଣ୍ଡରେ ଗୋଟାଏ କଣ ବୋଧେ ଭାବନା ପଶିଛି । ତରତର ହେବା ଉଚିତ ମନେ କଲନି ଏତେବେଳେ । ତଥାପି ସ୍ନେହପୂର୍ଣ୍ଣ ସ୍ୱରରେ ଶ୍ରୀଚରଣ ପଚାରିଲା "ମମତା, ମୋତେ ଦୟାକରି ପ୍ରଥମେ କୁହ ତୁମେ କିପରି ଆସିଲ ? କେହି ଜାଣିବେନି ତ ?" "ନାଁ.. " ମୁହଁ ଟେକି ଉତ୍ତର ଦେଲା ମମତା ।

"ତେବେ ଆସିଲ କିପରି ... ...? ଲୋକବେଳକୁ ତୁମ ଘର କବାଟ ବନ୍ଦ ହୋଇନଥିବ ? ଉତ୍କଣ୍ଠା ସହକାରେ ପଚାରିଲା ଶ୍ରୀଚରଣ

ମମତା ଆଜ ଉତ୍ତର ଦେବାକୁ ଲଜ୍ଜା କଲାନି । ଉତ୍ତର ଦେଲା 'ମୋ ଆସିବାଟା କେବଳ ଆମ ଘରର ମନା ଜାଣେ । ସେ ଘର ବନ୍ଦ କରି ଦେଇଥିବ । ମୋତେ କିନ୍ତୁ ଅପେକ୍ଷା କରି ରହିଥିବ ।

'ତାହାକୁ ସେ କହିନି ତ ?' ପଚାରିଲା ଶ୍ରୀଚରଣ

'କେବେ ନୁହେଁ......ମମତା ମୁଣ୍ଡ ହଲାଇ ଉତ୍ତର ଦେଲା ।

'କୁଆଡେ ଆସିଲ ମମତା ଠିକେ କହିଲ ମୋତେ......'ଧୀର ସ୍ୱରରେ ପଚାରିଲା ଶ୍ରୀଚରଣ

'ତାହିଁକି ଆସିବାଟା କଣ ମନା । ଏତୋକୁ ତ ଶହ ଶହ ଲୋକ ଗୁଲୁଛନ୍ତି । ଚପଳକଣ୍ଠରେ ହସି ହସି ଉତ୍ତର ଦେଲା ମମତା ।

ନାଁ ମନା ନୁହେଁ । ତେବେ ରାତି ଅଧରେ......, ପୁଣି ତୁମେ..." ମନେ ଯେମିତି କେଉଁ କହୁ କହୁ ଶ୍ରୀଚରଣର ପାଟି ଲାଗି ଯାଇଥିଲା କେଉଁ ଅଜଣା ଆଶଙ୍କାରେ ।

"ଆପଣ ଜାଣିଛନ୍ତି ଶ୍ରୀଚରଣ ବାବୁ ଆଜି ଉପରଓଳିର ଘଟଣା..., ତାପାଙ୍କ ଥାନାରେ ଦାରୋଗା ବାବୁ ସମସ୍ତ ବନ୍ଧୁ

ଟେଲିଗ୍ରାମ ଫୋନରେ ଜଣାଇଲେ ମାଜିଷ୍ଟ୍ରେଟ୍‌ଙ୍କୁ । କାଲି ସକାଳେ ଏକ ଶହ ସଶସ୍ତ୍ର ପୋଲିସ୍ ସହ ଜିଲା ମାଜିଷ୍ଟ୍ରେଟ୍ ଏଠାକୁ ଆସିବେ । ପ୍ରଥମେ ସେମାନେ ୧୪୪ ଧାରା ଜାରି କରିବେ । ଯଦି ଅମାନ୍ୟ ପୂର୍ବକ ସତ୍ୟାଗ୍ରହ ହୁଏ ତାହେଲେ ଗୁଳି ଚାଳିବ । ମାତ୍ର ଅତି ଦୁଃଖର କଥା ଆପଣଙ୍କର ବହୁମୂଲ୍ୟ ଜୀବନକୁ ଶିକାର କରିବା ପାଇଁ ପ୍ରଥମେ ଏମାନେ ଚେଷ୍ଟା କରିବେ” ଏତିକି କଥା ସରିଲା ବେଳକୁ ମମତାର ମୁହଁ ଘୁରେଇ ଦେଇଥିଲା । ମାତ୍ର ନିଜର ଦୁର୍ବଳତା ପ୍ରକାଶ ନ କରି ସେ ଧୈର୍ଯ୍ୟସହକାରେ ଚେଷ୍ଟା କରିଥିଲା ବସିବାକୁ ।

ଶ୍ରୀଚରଣ ଶୋଇଥିଲା ସେଇ ଖଟିଆ ନିକଟରେ ଟୁଲିକି ଲଣ୍ଠନଟା ନେଇ ବାହାରେ ଆସି ଶୋଇ ଆଉ ପାରିଲାନି । ସେଇଦିନ ବେଳକୁ ଦେଖେ ତ ମମତା ଲୁଗା କାନିରେ ନିଜ ଆଖି ପୋଛୁଛି ।

“ମମତା, ତୁମେ ବୋଧେ ମୋ ପାଇଁ ଅତି ବ୍ୟଥା ଅନୁଭବ କରୁଛ । ମୋର ଜୀବନଟା କେବେ ବହୁମୂଲ୍ୟ ନୁହେଁ ମମତା, ଏ ଦେଶ ସହସ୍ର ମୂର୍ଖ ଲୋକଙ୍କର ଜୀବନ ମୋ ଠାରୁ ସହସ୍ର ଗୁଣେ ମୂଲ୍ୟବାନ । ସେମାନେ ଯୋଗାନ୍ତି କ୍ଷୁଧାତୁରକୁ ଅନ୍ନ, ତୃଷାତୁରକୁ ଜଳ, କବିକୁ କାବ୍ୟ, ସାହିତ୍ୟିକକୁ ସାହିତ୍ୟ, ଦାର୍ଶନିକକୁ ଦର୍ଶନ ଓ ବିଳାସୀକୁ ବିଳାସ ସାମଗ୍ରୀ । ମୋ ପରି କୋଟି କୋଟି ଜୀବନକୁ ପୋଷନ୍ତି ଏମାନେ । ଏମାନଙ୍କ ପାଇଁ ଯଦି ମୁଁ ପ୍ରଥମେ ଜୀବନ ଦାନ କରି ପାରିଲି ତାହେଲେ ସେଥିରେ ମୋର ଆତ୍ମା ତୃପ୍ତି । ମମତା…, ମୁଁ ଏଇଆ ଆଶଙ୍କା କରିଥିଲି, ମାତ୍ର ସଠିକ୍ ଖବରଟି ତୁମଠାରୁ ପାଇ ଧନ୍ୟ ହେଲି ! ନିଜକୁ ବିପନ୍ନ କରି ତୁମେ ମୋର ଯଥେଷ୍ଟ ଉପକାର ଅବା କରିଛ ମମତା… । ବାସ୍ତବିକ୍ ତୁମେ ପ୍ରଶଂସନୀୟ…” ଏତିକି କହିସାରି ଶ୍ରୀଚରଣ ଶୋଇଥିଲା ଟିକେ ବିଶ୍ରାମ. ମମତା କିନ୍ତୁ ତାର ବିଛଣାରୁ ଉଠି ନ ଥିଲା ।

"ଶ୍ରୀଚରଣ ବାବୁ, ମୁଁ ଦେଖୁଛି ଆପଣ ବର୍ତ୍ତମାନ ହତାଶ । ତେଣୁ କିଛି ବୁଝି ପାରୁନାହାନ୍ତି । ଥରେ ଭାବୁନାହାନ୍ତି ନିଜର ଭବିଷ୍ୟତଟା । ଆପଣ ଜଣେ ଶିକ୍ଷିତ…" ମମତା କଥାରେ ଆବେଗ ଓ ଅନୁରୋଧ ପୂରି ରହିଥିଲା ।

ଶ୍ରୀଚରଣ ଦେଖିଲା ମମତା ଅଳ୍ପ ସମୟ ନେବାକୁ ଉଦ୍ୟତ । ଇତସ୍ତତଃ ହୋଇ ପକେଟ୍‌ରେ ଥିବା ସିଗାରେଟ୍‌ଟି ଆଣି ଲଗେଇଲା ଶ୍ରୀଚରଣ ଆଉ କହିଲା,

"ମମତା… । ମୁଁ ଭାବିଛି ବହୁତ ଥର… । ସବୁ କଥା ଭାବିଛି ମୁଁ… । ଏ ନୃଶଂସ, ରକ୍ତମୁଖା ସରକାରକୁ ତଡ଼େଇବା ପାଇଁ ଯଦି ମୋର ଭବିଷ୍ୟତ ପୋଡ଼ି ପାଉଁଶ ହୋଇଯାଏ ତାହେଲେ ମୁଁ ମନେକରିବି ମୋ ଜୀବନଟା ସଫଳ ହୋଇଛି । ଏ ସରକାରକଳକୁ ଏ ଦେଶର ଶିକ୍ଷିତ ଯୁବକଶ୍ରେଣୀ ଶିକ୍ଷା ଦେବାକୁ ପଡ଼ିବ…"

"ସରକାର କଣ ଏମିତି ରହିପାରେ ? ଧ୍ୱଂସ ହୋଇପାରେ ? ?" ମମତାର ସନ୍ଦେହ ପୂର୍ଣ୍ଣ ପ୍ରଶ୍ନ ।

'ନିଶ୍ଚୟ ! ନିଶ୍ଚୟ ମମତା ! ! ପୃଥିବୀ ଇତିହାସକୁ ଥରେ ମନେ ପକା । ଏଇ ଗଣ ଆନ୍ଦୋଳନ ଯୋଗୁ ପତନ ହୋଇଛି ଜାର ଶାସନ, କ୍ଷମତାଲିପ୍ସୁ 'ନାଜୀସରକାର' ଧ୍ୱଂସ ପାଇଛି, ଏବଂ ଫରାସୀ ଦେଶର 'ଲୁଇ ସରକାର ଭାଙ୍ଗି ପଡ଼ିଛି । ମମତା ! ମନେ ପକାଅ ଥରେ ଚୀନାଦେଶର ଗଣ ଆନ୍ଦୋଳନ ଇତିହାସ…… । ହଁ, ଫେରିଆସ ଥରେ ଭାରତ ଇତିହାସକୁ । ଏତେବଡ଼ ବିଶାଳ ସୁଦୃଢ଼ ମୋଗଲ ସାମ୍ରାଜ୍ୟ ଟଳିପଡ଼ିଲା କାହିଁକି ? ଯେଉଁ ସାମ୍ୟନୀତି ଉପରେ ମୋଗଲ ସାମ୍ରାଜ୍ୟ ଦୃଢ଼ ଭାବରେ ଗଢ଼ି ଉଠିଥିଲା ତାର ମୂଳରେ କୁଠାରାଘାତ କଲେ ଦର୍ପୀ ଆଉରଙ୍ଗଜେବ୍ । ଫଳତଃ

ଭାରତରେ ରାଜପୁତ ମରହଟ୍ଟା, ଜାଠ, ଶିଖ ପ୍ରଭୃତି ବିଭିନ୍ନ ସମ୍ପ୍ରଦାୟର ବିକ୍ଷୋଭ ଜନ୍ମହେଲା । ଫିରଙ୍ଗ୍ ଶାସନ ପତନ କଥା ତୁମେ ତ ଜାଣ ମମତା......, ଏ ବଣିକଙ୍କ ସରକାରକୁ ଗଣତନ୍ତ୍ର ସରକାରରେ ପରିଣତ କରିବା ପାଇଁ ଦରକାର କେବଳ ଗଣ ସତ୍ୟାଗ୍ରହ, ଗଣ ଆନ୍ଦୋଳନ ।

"ମୁଁ ଦେଖୁଛି ସାମାନ୍ୟ ପ୍ରଜାଙ୍କ ପାଇଁ ଆପଣ ଆଜି ପାଗଳ

......"ପ୍ରଜା ସାମାନ୍ୟ ! ମମତା ତୁମର ମନେ ନାହିଁ । ମାଇନର ବୃତ୍ତି ପରୀକ୍ଷା ପାଇଁ ତୁମେ ପ୍ରସ୍ତୁତ ହେଉଥାଅ । କେତେଟା ପଦ ମୋତେ ବୁଝେଇ ଦେବାକୁ କହିଲ ଏ ଲାଗିଥିଲ । ମନେ ଅଛି ସେ ପଦସବୁ

ପ୍ରଜା ଲାଗି କଲେ ପ୍ରଜା ପତି ସୃଷ୍ଟି,

ପ୍ରଜାଲାଗି ଇନ୍ଦ୍ର କରେ ଜଳ ବୃଷ୍ଟି ।

ପ୍ରଜାଲାଗି ଜନେ ରବି ଶଶୀ ତାରା

ପ୍ରଜାଲାଗି ବହେ ଶତ ନଦୀଧାରା ।

ପ୍ରଜାଲାଗି ରାଜ୍ୟ ପ୍ରଜାର ଶାସନ

ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।

ଯାଙ୍କୁ କିଏ ଲେଖିଛନ୍ତି ଜାଣ ? ଉତ୍କଳମଣି । ପ୍ରଜା ହେଉଛି ମହାନ୍ ।

"ଶ୍ରୀଚରଣ ବାବୁ । ତାହେଲେ କଣ ପତଙ୍ଗପରି ଆପଣ ଜାଳନ୍ତା ଅନଳରେ ଝାସ ଦେବାକୁ ଧାଇଁ ଯିବେ" ଚକ୍ଷୁରେ ଢଳୁଥିଲା ମମତାର ଲୋତକ—

"ପତଙ୍ଗ ତ ଜାଣି କେବେ ଯାଏନା ଅନଳ ମାଝକୁ । ମୁଁ କିନ୍ତୁ ଜାଣି ଯିବି ତୁମର ଅଳି ଏ ଅଭାଗାପରି ସାହାଯ୍ୟ ଜୀବନରେ ବୋଧେ ପୂରି ହେବନି । ରାତି ବହୁତ ହେଲାଣି । ଯାଅ ଶୋଇଣ...

ଦୁର୍ବଳ ହୋଇ ପଡ଼ିଲା ଶ୍ରୀଚରଣ । ଆଜି କହି ପାରୁନାହିଁ ସେ କିଛି । ସେ ବୁଝିଲା ଦୁନିଆରେ ମଣିଷକୁ ଚିହ୍ନିବା ବଡ଼ ମୁସ୍କିଲ ।

"ମୁଁ ବା କି ସାହାଯ୍ୟ କଲି ଆପଣଙ୍କୁ ବରଂ ଦେଇଗଲି ହା ହୁତାଶର ବାଣି……… ଫାସରେ ବାନ୍ଧହୋଇଥିବ ଶିକାରକୁ ଦେଇଗଲି ନିର ଶିକାରୀର ଆଗମନ ବାର୍ତ୍ତା………" କହି କହି ହୋଇ କାନ୍ଦ ଉଠିଲା ମମତା ।

"ମମତା, ତୁମେ କଣ ପାଗଳୀ କି……… । କାନ୍ଦୁଛ କାହିଁକି ? କାହାପାଇଁ ? କିଏ କିଛି ଶୁଣିଲେ ଘଟଣାଟା କାଳେ କଣ ବଦଳି ଯାଇ ପାରେ । ଆସ ତୁମକୁ ମୁଁ ବାପ ପାଖରେ ଚଳିଲ ଦେଇ ଆସେ" । ମମତା ବେଶି କାନ୍ଦିବାକୁ ଲାଗିଲା-କାଳେ କିଏ ଶୁଣିବ ତେଣୁ ମୁହଁରେ ଲୁଗାକାନି ଦେଇ କାନ୍ଦିଲା ମମତା । କାନ୍ଦିବାର କାରଣ ଯଥେଷ୍ଟ ଥିଲା । ଶ୍ରୀଚରଣଠାରୁ ତିନିମାସ ସେ ପାଇଛି ଶିକ୍ଷା ଏବଂ ଶ୍ରୀଚରଣ ସର୍ବଦା ସେ ସମୟୁତାକୁ ଦେଖିଆସିଛି ଅତି ସ୍ନେହ ଦୃଷ୍ଟିରେ । ଶ୍ରୀଚରଣ ମଧ୍ୟ ସେ ଅଞ୍ଚଳର ଏକମାତ୍ର ଶିକ୍ଷିତ ଯୁବକ ଓ ସଦ୍‌ଗୁଣରେ ପରିପୂର୍ଣ୍ଣ । କିନ୍ତୁ ସେଇ ଶ୍ରୀଚରଣ ଆଜି ପଡ଼ିଛି ମହାସଙ୍କଟରେ । ନିଜ ଜୀବନକୁ ପର ପାଇଁ ତ୍ୟାଗ କରିଦେବାକୁ ପ୍ରସ୍ତୁତ । ତେଣୁ ମମତାର କ୍ରନ୍ଦନରେ ନ ଥିଲା କେବେ ଛଳନା ବା କୃତ୍ରିମତା ।

ଶ୍ରୀଚରଣ ଦେଖିଲା ମମତା ଆଜି ବେଶି ସମୟ ରହିବା ଏଠି ଅନୁଚିତ୍ । ସଙ୍କୋଚ ନକରି ମମତା ହାତଧରି ସେ କହିଲା ଅତି ମିନତି ସ୍ୱରରେ "ମମତା, ମୁଁ ବୁଝୁଛି ବର୍ତ୍ତମାନ ତୁମେ ମୋ ପାଇଁ ଅତି ଦୁଃଖିତ । କିନ୍ତୁ ଉପାୟ ନାହିଁ । ତୁମର ଏ ଅଲୌକିକ ସ୍ନେହ ଓ ସାହାଯ୍ୟ ପାଇଁ ମୁଁ ଆଜିଠାରୁ ଋଣୀ । ଫେରିଯାଅ ଭଉଣୀ…"

ଆଉ ଉପାୟ ନଥିଲା । ଉଠି ଠିଆ ହେଲା ମମତା । ଥରେ ସେ ଘରକୁ ଭଲରୂପେ ଦେଖିସାରି ଏକ ଦୀର୍ଘନିଶ୍ୱାସ ତ୍ୟାଗ କଲା । ଚନ୍ଦ୍ର କିରଣ ସେତେବେଳକୁ ଭଲଭାବେ ଚଢ଼ିଥାଏ । ମମତା ଧୀରେ ଧୀରେ ଫେରିଲା । ଶ୍ରୀଚରଣ ତା ପଛେ ପଛେ ଆସିଲା ଥୋଡ଼ାଏ ବାଟ । ତାପରେ ଫେରିଗଲା ନିଜ ରୁମକୁ । ଶ୍ରୀଚରଣର ଶେଷ ସମ୍ବୋଧନ 'ଭଉଣୀ' ମମତା ହୃଦୟର ବ୍ୟଥାକୁ କ୍ରମେ ବଢ଼େଇ ଦେଲା ।

ଶ୍ରୀଚରଣ ଶୋଇବାକୁ ଚେଷ୍ଟା କଲା । କିନ୍ତୁ ନିଦକି ସହଜରେ ଆସେ । ତାର ଆଜି ମନେ ପଡ଼ୁ ନ ଥାଏ ସତ ପାଇଲେ ତାର ଅବସ୍ଥା କଣ ହେବ । ସେ କେବଳ ମମତା ଆଉ ଜମିଦାର-ବାବୁଙ୍କ କଥା ଭାବୁଥାଏ । ବିଷବୃକ୍ଷରେ ଫଳିଛି ଅମୃତର ଫଳ ! ପଙ୍କରୁ ପୁଣି ପଦ୍ମ ଜନ୍ମ ! ! ଧନ୍ୟ ବିଧିର ସୃଷ୍ଟି ! !

ସେଦିନର ଡାଏରୀ ଅଧାଲେଖା ହୋଇ ପଡ଼ି ରହିଥାଏ ଟେବୁଲ୍ ଉପରେ ।

## ଚୋର

ମହାନଦୀ କୂଳର ସେହି ସ୍ମରଣୀୟ ସକାଳ । ଖାଲ, ଢିପ, ବାଲି, ପାଣି ନମାନି ୫ଟା ପୋଲିସ୍ ଭ୍ୟାନ୍ ଛୁଟିଥାଏ । ପ୍ରତି ଭ୍ୟାନ୍‌ରେ ବସିଥାନ୍ତି କଟକ ଜିଲାର ବିଖ୍ୟାତ ଏ. ଏ. ଏସ୍ । ଦେଖୁ ଦେଖୁ ସକାଳ ୭ଟା ସୁଦ୍ଧା ସଶସ୍ତ୍ର ପୋଲିସ୍‌ବାହିନୀ ମହାନଦୀ କୂଳରେ ଫାନ୍ଦ ପରି ଗୁନ୍ଥି ରହିଲେ ଶିକାର ଦଳକୁ । ଦାରୋଗା ଓ ଜମିଦାର ବାବୁ ଆସି ସଦର୍ପରେ ଏଥେ ଯୋଗଦାନ କଲେ ।

ପୋଲିସ୍ ଫୋର୍ସ୍ କଥା ଶୁଣି ପୂର୍ବଦିନ ବିଜୟ ଦର୍ପରେ ନୃତ୍ୟ କରୁଥିବା ସତ୍ୟାଗ୍ରହୀ ଦଳ ଘର କୋଣରେ ଚୁପ୍ ଚୁପ୍ । ଶ୍ରୀଚରଣ କରେ କଣ । ପ୍ରଥମେ ସାହସ ଦେଇ ଆଠ ଦଶଜଣ-ସତ୍ୟାଗ୍ରହୀ ଆସି ମିଳିଥିଲେ ଶ୍ରୀଚରଣ ନିକଟରେ । କିନ୍ତୁ ଶ୍ରୀଚରଣ ବାପା ବୋଉ ତାକୁ ଛାଡ଼ିଦେବାକୁ ନାରାଜ । ସାନ ଶ୍ରୀଚରଣ କି ମାନେ । ସେଇ ସ୍କୁଲ ସାଥିମାନଙ୍କୁ ନେଇ ବାହାରିଲା ବନ୍ଧ ନିକଟକୁ । ବାପା, ବୋଉ ସାଇ ପଡ଼ୋଶୀ ଛଳ ଛଳ ନୟନରେ ଚାହିଁ ଥାନ୍ତି । ଛତାଖଣ୍ଡିକ ହାତକୁ ବଢ଼େଇ ଦେଇ ଦେଇ ସାନ ଭଉଣୀ ପ୍ରମିଳା ଆଖି ମଳି ମଳି ପଚାରିଲା ।

“ଭାଇ ଶୀଘ୍ର ଫେରିବଟି··· ?”

ଶ୍ରୀଚରଣର ଚକ୍ଷୁରେ ଆସି ଯାଇଥିଲା ଲୁହ । ଦଶବର୍ଷର ଭଉଣୀଟି କାଳେ ଭାଇ ଆଖିରେ ଲୁହ ଦେଖିଲେ କାନ୍ଦିବ ତେଣୁ ସେ ଆଉ ତାକୁ ଚାହିଁ ନ ଥିଲା ।

ତଥାପି ଦମ୍ଭ ଧରି ଉତ୍ତର ଦେଲା “ଭାଇ ଫେରିପାରେ ପ୍ରମିଳା, କିନ୍ତୁ ଶ୍ରୀଚରଣ ହୋଇ ବେଶରେ ନୁହେଁ···” ନିଜକୁ ସମ୍ଭାଳି ନ ପାରି ଥରେ ବାପା ପୁଣି ଦୌଡ଼ିଯାଇ ଧରି ପକାଇଲେ ଶ୍ରୀଚରଣ ହାତକୁ । ହଲେଇ ଦେଇ କହିଲେ—

“ଶ୍ରୀଚରଣ, ଥରେ ଫେରି ଦେଖ୍. ତୋ ସାନ ଭାଇ ଭଉଣୀ କିପରି ତୋତେ ଫେରି ପାଇଁବା ପାଇ କାନ୍ଦି ବାଉଳି ହେଉଛନ୍ତି ···” ବାପାର ମନ ଭାଙ୍ଗି ଭାଙ୍ଗି ଆସୁଥିଲା ।

“ବାପା, ସାନ ଭାଇ ଭଉଣୀ ମୋ ପାଇଁ କେବେ ବାଉଳି ହେବେନି । ମୋ ଠାରେ ଯେଉଁ ରକ୍ତ ସେମାନଙ୍କଠାରେ ସେଇ ରକ୍ତ । ଏକ ରକ୍ତ । ଏକ ପ୍ରଭବମ୍ଭ ।”

‘ଶ୍ରୀଚରଣ, ମୋ କଥା ମାନିବୁନି···’

"ବାପା, ଏଇ ଦେଶର ଇତିହାସ କହେ ଚାରଣଙ୍କ ଜାତି ଭାଇ ପାଇଁ ଚାର ବରଷର ବାଳୁତ ଛୋକା ଜୀବନ ଦେଇଥିଲା । ଫିରିଙ୍ଗି ଶାସନରେ ପୋଲିସ୍‌ର ଅଦେଶ ନମାନି ଭାରତବର୍ଷର ବାଳୀରାଜତ ଗୁଳିରେ ନିହତ ହେଲା । ତିନି ସହସ୍ର ମୂର୍ଖ ଜାତିଭାଇଙ୍କ ନେତୃତ୍ୱ ନେବାପାଇଁ ମୋତେ ତ୍ୟାଗ କରିବାକୁ ନାରଜ"

"ହଉ ଯା" କ୍ଷୀଣ କଣ୍ଠରେ କହିଲେ ଶ୍ରୀଚରଣ ବାପା । ଏଣି ସେତେବେଳକୁ ଛଳ ଛଳ,

"ବାପା. ଜନ ଲୋକର ନିଷ୍ଟମ୍ଭ ନମ୍ର ହେବ । ମଣିଷର ରକ୍ତ କେବେ ବ୍ୟର୍ଥ ହେବନି"

ଗୁଳିଗଲେ ଶ୍ରୀଚରଣ ସାଥିମାନଙ୍କ ସଙ୍ଗେ । ଗୁହିଁ ରହିଥାନ୍ତି ଅଗୁଣ୍ଠା ଭାଇ ଭଉଣୀ ନୋଳିପୁରେ । ସେମାନଙ୍କୁ ଦେଖି ଏ. ଡି. ଏମ୍ ହୁକୁମ ଦେଲେ କୁଲିମାନଙ୍କୁ ଖୋଳି ମାଟିଖୋଳା ବନ୍ଦ ପକାଇବାକୁ । ଗୁରୁଦାନ କାଳ କୁଲିଗୁଡ଼ାକ ବସି ରହିଥିଲେ । ଶୁଣିବା ମାତ୍ରେ ଛୁଟି ଆସିଲେ ଯେମିତି ଟିକାଏ ମିଠାଲଗନ୍ଧର ବାସନା ପାଇ ପିମ୍ପୁଡ଼ିଦଳ ଛୁଟୁଛନ୍ତି ।

ଶ୍ରୀଚରଣ ଓ ସ୍ୱଳ୍ପ ସତ୍ୟାଗ୍ରହୀ ଦଳକୁ ଆଜ ପ୍ରାୟ ଶହେ ସରିକା ଯୁବକ ଧାଇଁଲେ ଅବସ୍ଥାର ସମ୍ମୁଖୀନ ହେବା ପାଇଁ । ସତ୍ୟାଗ୍ରହୀ ଦଳ ଧିରେ ଧିରେ ଧାଇଁଲେ ମାଟି ପଡ଼ିଥିବା ଯାଗାକୁ । ଦଳଦଳ ହୋଇ ସେଇଠି ବସିଗଲେ ସମସ୍ତେ । କୁଲିଗୁଡ଼ାକ ଟୋ ଟୋ ହୋଇ ହସୁଥାନ୍ତି । ଲୋକମାନେ ଖଣ୍ଡେ ଦୂରରେ ଜମା ହୋଇ ରହିଥାନ୍ତି ।

ପୋଲିସ୍ ଦଳକ ଗୁହିଁ ରହିଲେ ଏ.ଡ଼ି.ଏମ୍.ଙ୍କ ଆଡ଼କୁ । ଜେମିତି ପାଣିରେ ପଡ଼ିବା ପୂର୍ବରୁ ମଉଁସି ପଲ ସର୍ଦ୍ଦାର ମଉଁସିକୁ ଗୁହିଁ ଥାଏ । ହେଁ ହେଁ ହୋଇ ହସି ଉଠିଲେ ଏ. ଡ଼ି. ଏମ୍ ।

ଏବଂ ଦୌଡ଼ିଗଲେ ନିଜେ ସତ୍ୟାଗ୍ରହୀ ଦଳ ଭିତରକୁ । ହସି ହସି ପଚାରିଲେ ଏ. ଡି. ଏମ୍,

"ତୁମ୍ଭମାନଙ୍କ ମଧ୍ୟରେ ଶ୍ରୀଚରଣ ବାବୁ କିଏ ସେ.........

ସାଙ୍ଗେ ସାଙ୍ଗେ ଠିଆ ହୋଇ ନମସ୍କାର କଲା ଶ୍ରୀଚରଣ

ଏ. ଡି. ଏମ୍. ପ୍ରତି ନମସ୍କାର ଜଣାଇ ଗମ୍ଭୀର ସ୍ୱରରେ କହିଲେ " ତୁମେ ଶ୍ରୀଚରଣ ବାବୁ ! ନୂତନଙ୍କୁ ସର୍ବଦା ଫୁଟି ଉଠେ ତୁମର ଅନନ୍ୟ ସ ରଚନା ଶୈଳୀରେ ? ପଢ଼ିଛି ମୁଁ ତୁମର କେତୋଟି କ୍ଷୁଦ୍ର କବିତା । ବାସ୍ତବିକ୍ ତୁମେ ଭବିଷ୍ୟତରେ ହେବ ଏକ ବିପ୍ଳବୀ.........କିନ୍ତୁ ଭବିଷ୍ୟତଟା ନ ଭାବି ତୁମେ ଏତେ ଜଲ୍ଦି କାହିଁକି ବନ୍ଦୀ ହେଇ ପଡ଼ିଲ ତରୁଣ କବି ! "

ଶ୍ରୀଚରଣ ଠିଆ ହୋଇଥାଏ । ଉତ୍ତର ଦେଲା । ଉତ୍ତର ଦେବା ଉଚିତ୍ ବୋଲି ମନେ କଲା

"ବୃଥାରେ ଗୁଡ଼ାଏ ବିଦ୍ରୂପ କରନ୍ତୁନି ସାର୍ । ଏଇଟା ବିଦ୍ରୂପର ବେଳେ ନୁହେଁ"

"ନାହିଁ ବାପା ମୁଁ ବିଦ୍ରୂପ କରୁନି । କରୁଛି ତୁମର ପ୍ରଶଂସା । ବାସ୍ତବିକ୍ ତୁମେ ପ୍ରଶଂସନୀୟ । ଏ ସଂସାରରେ କେତେଜଣ ବା ରାଜନୀତି କରନ୍ତି । ସମସ୍ତେ ଚାହାଁନ୍ତି ଶସ୍ତା ରାଜନୀତି, ରାଜନୀତି ପେସା କରନ୍ତି ସ୍ୱାର୍ଥ ଦୃଷ୍ଟିରୁ । କିନ୍ତୁ ଜୀବିକା ଅର୍ଜନ ପାଇଁ ରାଜନୀତି ପେସା କରାଯାଇ ପାରେନା... । ଅଥଚ ତୁମ୍ଭେମାନେ ସମସ୍ତେ ଗିରଫ୍ । ଚାଲ ଉଠ...।"

ଜମିଦାର ବାବୁ ଚାହିଁଲେ ଦାରୋଗା ବାବୁଙ୍କୁ । ଦାରୋଗା ବାବୁ ଚାହିଁଲେ ଜମିଦାରଙ୍କ ଆଡ଼େ । ଖାଲି ଗିରଫ୍, ଏତେ ଏତେ ବଡ଼ ଦୋଷୀ ଖାଲି ଗିରଫ୍‌ରେ ଶେଷ । ପୁଣି ନାହିଁ ହାତକଡ଼ି । ଦାରୋଗା ବାବୁ ରାଗରେ ଜଳିଗଲେ ।

ସଙ୍ଗେ ସଙ୍ଗେ ଏ. ଡି. ଏମ୍ ଘୋଷଣା କଲେ ୧୪୦ ଧାରା । ଆଉ କେହି ସତ୍ୟାଗ୍ରହୀ ଆସିବାକୁ ସାହାସ କଲେନି । ଶ୍ରୀଚରଣର ଟିକେ ଈର୍ଷା ହେଲା ଯେ ବନ୍ଧୁଏ ହେଲେ ରକ୍ତ ଦେବାପାଇଁ ସେମାନେ କେହି ସୁଯୋଗ ପାଇଲେନି ।

ଜମିଦାର ବାବୁ ଫେରିଲେ ଅଶାନ୍ତିରେ ଘରକୁ । କିନ୍ତୁ ଯାହା ଦେଖିଲେ ଅବାକ୍ । ଅଲିଅଲି ଝିଅ ମା' ପାଖରେ ଅଳି କରୁଛି ୧୪୪ ଧାରା ଭାଙ୍ଗିବା ପାଇଁ ନେତୃତ୍ୱ ନେବାକୁ । ମା' ଆଉ ଗୃହକର ଚାଣି ଧରି ବସିଛନ୍ତି । ଜମିଦାର ବାବୁ ଯାଇଁ ପହଞ୍ଚି ଦେଖିନେଲେ ସେ ଦୃଶ୍ୟକୁ ।

"କରେ ସନା ଘଟଣା କଣ ?" ପଚାରିଲେ ଜମିଦାର ବାବୁ ।

"ଝିଅ କହୁଛି ଯିବ ସଭା କରିବ, ସତ୍ୟାଗ୍ରହ କରିବ···ଉତ୍ତର ଦେଲେ ସାନ୍ତାଣି । ଝିଅ । ମୋ ଝିଅ !! ଜମିଦାର ଶ୍ରୀ କୈଳାସ-ଚନ୍ଦ୍ର ମହାପାତ୍ରଙ୍କ ଝିଅ !!! କହୁଛି ଯିବ ଆଇନ୍ ଅମାନ୍ୟ କରିବ···! ପୋଲିସ୍ ଆଗରେ ଦର୍ପ ଦେଖାଇ ଶୋଇବ···!! ଜେଲ ଯିବ !!! ପାଗଳଙ୍କ ପରି ଗର୍ଜିଉଠିଲେ ଜମିଦାର ବାବୁ, ଆଉ ବସିଗଲେ ଦୁଇ କାନରେ ହାତ ଦେଇ ।

କିଛିକ୍ଷଣ ପରେ ହଠାତ୍ ଦୌଡ଼ି ଦୌଡ଼ି ଆସି କହିଲେ "ଆରେ ସନା, ସନା !! [illegible]ରହ୍ ଦ ବୋତଲ ନେଇଆ । ଭଲ କରି ଢାଳି ଦେ ମତେ ଧଅସିଲଟାଏ ଦେ । ମୁଁ ତାକୁ ଜାଳି ଦେବି, ପୋଡ଼ି ପାଉଁଶ କରିଦେବି···ଦୁନିଆ ପଛେ ଜଳୁ ମୁଁ ଆଜି ଜୁଳିବା । ସନା ! ସନା ! ଶୁଣୁଛୁ ?"

ଜମିଦାରଙ୍କର ଏ ରାଗ ଦେଖି ସନା ଆଉ ସାନ୍ତାଣୀ ମମତାକୁ ନେଇ ଗୋଟିଏ ଘର ଭିତରେ ବନ୍ଦ କରିଦେଲେ ଆଉ ବାହାରୁ ପକାଇ ଦେଲେ ତାଲା । ଝିଅ ହ ବର୍ତ୍ତମାନ ପିଞ୍ଜରା ବନ୍ଦ ।

ତା ଗର୍ଜ୍ଜନ ଶୁଭିଲାନି ବାହାରକୁ । ମନେ ମନେ ଗର୍ଜ୍ଜି ଗର୍ଜ୍ଜି ରହିଲା ବିଚାରି । ମନର ଭାବନା ମନେ ମନେ ମରି ଆସିଲା ।

× × × ×

ସମସ୍ତ ସତ୍ୟାଗ୍ରହୀଙ୍କ ତିନି ଚାରିଦିନ ପରେ ବ୍ୟକ୍ତିଗତ ଜାମିନ୍‌ରେ ଛାଡି ଦିଆଗଲା ମାତ୍ର ଶ୍ରୀଚରଣ ବ୍ୟକ୍ତିଗତ ଜାମିନ୍‌ରେ ଆସିବାକୁ ହେଲା ନାରାଜ । ସେ ଶୁଣିଲା ଯେଉଁ କାରଣଟି ପାଇଁ ଏତେ ବଡ ବିପ୍ଳବ ସୃଷ୍ଟି ସେ ବିପ୍ଳବ-ବହ୍ନି ଧିରେ ଧିରେ ଲିଭିଯାଉଛି ନେତୃତ୍ୱ ଅଭାବରୁ । ବନ୍ଧ କାର୍ଯ୍ୟ ମଧ୍ୟ ଅଟେଇ ଚାଲିଛି । ତେଣୁ ତାର ଜେଲରେ ଆରମ୍ଭ ହେଲା ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ । ଦୁଇଟି ସର୍ତ୍ତରେ ଶ୍ରୀଚରଣ ଅନଶନ ଘୋଷଣା କଲା । ଏକରେ ବନ୍ଧ କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହୁ ଉପଯୁକ୍ତ ତଦନ୍ତ ଓ ସର୍ବେକ୍ଷଣ ପରେ କାର୍ଯ୍ୟ ଚାଲୁ । ଦ୍ୱିତୀୟରେ ସତ୍ୟାଗ୍ରହୀ ଦଳମାନଙ୍କ ଉପରେ ସରକାରଙ୍କ ତରଫରୁ ହୋଇଥିବା କେଶ୍ ସବୁ ବିନା ସର୍ତ୍ତରେ ଉଠାଇ ନିଆଯାଉ ।

ପରଦିନ ସବୁ ସମ୍ବାଦପତ୍ରରେ ବଡ ବଡ ଶିରୋନାମାରେ ଏ ବିଷୟ ପ୍ରକାଶ ପାଇଲା । ବିରୋଧୀଦଳକୁ ସମର୍ଥନ କରୁଥିବା ପତ୍ର ପତ୍ରିକା ଏହାର ତୀବ୍ର ପ୍ରତିବାଦ କଲେ । ଜଣେ ଯୁବ ଓ ତରୁଣ ଲେଖକକୁ ଏପରି ଭାବରେ ଗିରଫ୍ କରାଯାଇଥିବାରୁ ଯୁବ ମହଲରେ ଅସନ୍ତୋଷ ଦେଖା ଦେଲା । ଚାରିଆଡେ ସରକାରଙ୍କର ଏ ନୀତିର ହେଲା କଟୁ ସମାଲୋଚନା ।

ସେ ଦିନ ଥାଏ ବିଧାନସଭାର ଗ୍ରୀଷ୍ମକାଳୀନ ଅଧିବେଶନର ଶେଷ ସପ୍ତାହ । ବିରୋଧୀଦଳ ତରଫରୁ ଏକ ମୁଲତବୀ ପ୍ରସ୍ତାବ

ଅଗଣ୍ଡ କରାଗଲା ମାତ୍ର ତାହା ଅଳ୍ପ ଭୋଟରେ କାଟ୍ ଖାଇଗଲା । ତଥାପି ଏ ବିଷୟରେ ଆସେମ୍ବ୍ଲି ଗୃହ ହୋଇ ଉଠିଲା ସରଗରମ । ପୋଲିସ୍ କାର୍ଯ୍ୟକଳାପର ବିଶେଷତଃ ଦାରୋଗା ମିଃ ମହାନ୍ତିଙ୍କ ବିଷୟରେ ସଭ୍ୟମାନେ ବହୁ କଟୁ ସମାଲୋଚନା କଲେ ।

ଶେଷରେ ବାଚସ୍ପତି ମହୋଦୟ ରୁଲିଂ ଦେଇ କହିଲେ, "ଏ ବିଷୟଟି ବିଚାରାଳୟର ଅଧୀନରେ ଅଛି । ସୁତରାଂ ଏହା ବାଦ ବିସମ୍ବାଦ ଏଥିପ୍ରତି ଗୃହରେ ଶୁଣାଯାଇ ନ ପାରେ ।"

ଫଳତଃ ବିରୋଧ ଦଳର ସଭ୍ୟମାନେ ଆସେମ୍ବ୍ଲି ଗୃହ ତ୍ୟାଗ କରି ପଳାଇଲେ ।

ସେଦିନ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନ ଥିଲେ । ପରଦିନ ସେ ଅଞ୍ଚଳରେ ଆସେମ୍ବ୍ଲି ସଦସ୍ୟ ଘଟଣାଟି ବିଶଦଭାବରେ ବର୍ଣ୍ଣନାକରି ଜଣାଇଲେ । ମୁଖ୍ୟମନ୍ତ୍ରୀ ଦେଖିଲେ ନିର୍ବାଚନ ଆଉ ବର୍ଷେ ଅଛି । ଏ ବିଷୟରେ ବର୍ତ୍ତମାନ ବଢ଼ିଲେ ପୁଣି ପାଞ୍ଚବର୍ଷ ପାଇଁ ସେ ନିର୍ବାଚନ ମଣ୍ଡଳୀର ଆସନଟି ବିରୁଦ୍ଧ ଦଳ ଲାଭ କରିପାରେ । ସୁତରାଂ ଚତୁର ସହକାରେ ମକଦ୍ଦମା ଗୁଡ଼ିକ ସତ୍ୟ ଗ୍ରାହୀ ମାନଙ୍କ ଉପରୁ ଉଠାଇ ନିଆଗଲା ଓ ଶ୍ରୀଚରଣ ବିନା ସର୍ତ୍ତରେ ବିନା ଯାମିନ୍‌ରେ ମୁକ୍ତି ପାଇଲା । ଏକ କମିଟି ନିଯୁକ୍ତ କରାଗଲା ତଦନ୍ତ ପାଇଁ, ଏହି ତିନିଜଣିଆ ତଦନ୍ତ କମିଟି ରିପୋର୍ଟ ଦେଲେ ଯେ ହୀରାକୁଦ ଯୋଜନା ଦ୍ୱାରା ମହାନଦୀର ଜଳକୁ ଭବିଷ୍ୟତରେ ଆୟତ୍ତ କରିବା ପାଇଁ ବାଟ ରହିଥିବାରୁ ବର୍ତ୍ତମାନ ବନ୍ଧଟିର ଅଦୌ ଆବଶ୍ୟକତା ନାହିଁ । କେବଳ ପୁରାତନ ବନ୍ଧଟିକୁ ମାଟି ପକାଇ ଦୁଇ ତିନି ଫୁଟ ଉଚ୍ଚ କରାଯିବା ଆବଶ୍ୟକ ।

ଶେଷରେ ଜନ ଶକ୍ତିର ହେଲା ଜୟ । ତିନି ସହସ୍ର କୃଷକ ଫେରି ପାଇଲେ ନୂତନ ଜୀବନ !!

# ଗାନ୍ଧି

ଶ୍ରୀଚରଣ ଘରକୁ ଫେରିଲା, ବିଜୟୀ ଗର୍ବରେ । ସେ ଦେଖିଲା ଅଳ୍ପଦିନ ତଳେ ଯେଉଁଠି ବିପ୍ଳବର ବହ୍ନି ଜଳି ଉଠିଥିଲା ଆଜି ସେଠି ଆନନ୍ଦର ମହାସମାରୋହ । ଆଜି ନାହିଁ ସୈନିକଙ୍କ ଜନତା ବିଦ୍ରୋହର ବିରାଟ ପଟୁଆର ବା ପୋଲିସ୍ ବାହିନୀର ବିକ୍ରମ ନୃତ୍ୟ । ମହାନଦୀ କୂଳ ଶୂନ୍ ଶାନ୍ । ଅର୍ଦ୍ଧଭଗ୍ନ ଅବସ୍ଥାରେ ଗୃହହିଁ ରହିଛି କେବଳ ଆଠ ଦଶଟି କୁଳ୍ଘର ।

ଶ୍ରୀଚରଣକୁ ପାଛୋଟି ନେବା ପାଇଁ ମଟରଷ୍ଟାଣ୍ଡ ପାଖକୁ ଆସିଥାନ୍ତି ତିନି ଚାରିଜଣ ଯୁବକ । ରବି ଥାଏ ଛ' ଦିନ । କୃଷୀମାନେ ରୁଣାରୁଣି କାର୍ଯ୍ୟରେ ବ୍ୟସ୍ତ । ସମୟ ନ ଥାଏ ବିଜୟର ଆନନ୍ଦ ଉପଭୋଗ କରିବାକୁ । ତଥାପି ଶ୍ରୀଚରଣକୁ ଦେଖି ଦଳ ଦଳ ହୋଇ ଛୁଟିଲେ ସମ୍ବର୍ଦ୍ଧନା ଜଣାଇବା ପାଇଁ । ପ୍ରତ୍ୟେକର ମୁହଁରେ ତାର ଗୁଣ ଗାନ ।

ଶ୍ରୀଚରଣ ଦେଖିଲା ସମସ୍ତଙ୍କ ମୁହଁରେ ହସ । କିନ୍ତୁ ଯେତେ ଚେଷ୍ଟାକଲେ ମଧ୍ୟ ସେ ଠିକେ ହସି ପାରୁନି । ତିନି ଚାରିଦିନ ଅନଶନରେ ତାର ସ୍ୱାସ୍ଥ୍ୟ ଦୁର୍ବଳ ହୋଇ ପଡ଼ିଛି । ସେ ଅନୁଭବ

କରୁଛି ତା ଅନ୍ତରରେ ଗୋଟିଏ ପ୍ରକାର ବ୍ୟଥା । ଶୋକ ଯାତନା ତାର କାରଣ । ସେ ବ୍ୟଥା ନୈରାଶ୍ୟ ବା ବିଫଳତାର ବ୍ୟଥା ନୁହେଁ ମାତ୍ର ଜନ୍ମ ମୃତ୍ୟୁ ଚିରନ୍ତନ ରହସ୍ୟର କୌଣସି ଏକ ଅସମାଧାନଜନିତ ବ୍ୟଥା । ସେ ପ୍ରତିକ୍ଷଣ ଅନ୍ୟମନସ୍କ ।

ଅଳ୍ପ ତିଆରି ହୋଇଥିବା ନୂତନ ବନ୍ଧଅଡ଼େ ଆଖି ପକାଇଲା ଶ୍ରୀଚରଣ । ଦେଖିଲା ଗୋଟାଏ ବାଲୁଆ ସେଠି ଠିଆ ହୋଇ ଚାହିଁ ରହିଛି ତାଙ୍କର ଆଡ଼କୁ । ହଠାତ୍ ଆଉ ଗୋଟାଏ ବାଲୁଆ ବାଲି ଆଡ଼ୁ ଦୌଡ଼ିଆସିଲା ପ୍ରଥମ ବାଲୁଆଟି ନିକଟକୁ । ହସିଦେଲା ଶ୍ରୀଚରଣ । ମନେପଡ଼ିଗଲା ଦାରୋଗା ଓ ଜମିଦାର ବାବୁଙ୍କ କଥା । ବାଲୁଆ ଦୁଇଟି ନିମିଷକ ପାଇଁ ଏକତ୍ର ଠିଆହେଲେ । ପରସ୍ପରକୁ ଥରେ ଚାହିଁ ଦେଇ ଉଇଁ ମାରି ପଳାଇଲେ ମହାନଦୀ ବଣ ଭିତରକୁ ।

ଶ୍ରୀଚରଣ ଅସ୍ଥିର ହସିଲା । ହସି ହସି କହି ଉଠିଲା·········ଦେଶରେ ଗୋଟାଏ ଶାସନ କଳ ଅଛି । ସରକାର ଆଦେଶ ଏବଂ ଆଇନ୍ ବୋଲି କେତେଟା ମାରାତ୍ମକ ଜିନିଷ ରହିଛି·· ·····।"

ସମସ୍ତେ ଏକାଥରେ ହସି ଉଠିଲେ । ଦେଖୁ ଦେଖୁ ଘର ପାଖ ହୋଇ ଆସିଲା । ଭାଇ ଆସୁଛି ଶୁଣି ସାନ ଭାଇ ଭଉଣୀ ଦୌଡ଼ି ଆସିଲେ ।

ସାନ ଭଉଣୀ ପ୍ରମିଳା ହସି ହସି କହିଲା, "ଭାଇ ତୁମେ ଯୁ ଭିତରେ ଖୁବ୍ ବଡ଼ ହୋଇଗଲ । ତୁମ ନାଁ' ଫଟୋ କେତେ ଖବର କାଗଜରେ ବାହାରିଲା·········"

ଶ୍ରୀଚରଣ ନିଜକୁ ଥରେ ଚାହିଁଲା । ସତରେ କଣ ସେ ବଡ଼ ହୋଇ ପାରିଛି । ତାର ସନ୍ଦେହ ହେଲା ନିଜ ଉପରେ । ବଡ଼ ହେବାକୁ ଚେଷ୍ଟାକରି ସେ ସାନ ହୋଇ ଯାଇନି ତ ।

"ଖବର କାଗଜରେ ନାଁ ବାହାରିଲେ ମଣିଷ କେବେ ବଡ଼ ହୋଇ ପାରେନା ପ୍ରମିଳା । ଖବରକାଗଜ ଗୋଟାଏ ଜଡ଼ ପଦାର୍ଥ । ତାର ଜୀବନ ନାହିଁ । ମଣିଷକୁ ସେ ବା ବଡ଼ କରିବ କିପରି ? କର୍ମହିଁ ଜୀବନ କର୍ମକଲେ ମଣିଷ ଜୀଇ ରହେ । ବଡ଼ କର୍ମ କଲେ ମଣିଷ କେବଳ ବଡ଼ ହୁଏ ଉତ୍ତରଦେଲେ ଶ୍ରୀଚରଣ ମୃଦୁ ସ୍ୱରରେ ।

* * * *

ସେହିଦିନଠାରୁ ଜମିଦାର ବାବୁଙ୍କର ମନ ଟିକେ ଦବି ଯାଇଥାଏ । ଝିଅପ୍ରତି ନାନା ପ୍ରକାର ସନ୍ଦେହ ତାଙ୍କ ମନରେ ଘନୀଭୂତ ହେବାକୁ ଲାଗିଲା । ମାତ୍ର କୌଣସିଟିର ପ୍ରମାଣ ମିଳିବା ପୂର୍ବର କଥା, ଲକ୍ଷ ମଧ୍ୟ ମିଳିଲାନି । ବାପ ଝିଅ ପରସ୍ପର ମୁହାଁମୁହିଁ ଚାହିଁ ପାରୁନଥିଲେ । ଜମିଦାରଙ୍କର ମୂଳରୁ ଇଚ୍ଛା ଥିଲା ଏକମାତ୍ର କନ୍ୟା ମମତାଟିକୁ ସେ ଘରଯୋଇଁଅ କରିବେ ତାହେଲେ ଯାଇଁକି ଅନ୍ତତଃ ବୃଦ୍ଧବୟସରେ ତାଙ୍କୁ ସାହାଯ୍ୟ ହେବ ଓ ଝିଅ ଦେହମୁଣ୍ଡ ଦେଖିବ, ମାତ୍ର ଝିଅ ନାମରେ ସମ୍ପତ୍ତି ଲେଖି ନ ଦେଲେ ଜ୍ୱାଇଁଟିଏ ଏପରି ସର୍ତ୍ତରେ ମିଳିବା ମୁସ୍କିଲ । କିନ୍ତୁ ଏ ଯୁବକକୁ ଚାହିଁ ଏପରି କାର୍ଯ୍ୟ କରିବାକୁ ତାଙ୍କର ସାହସ ନାହିଁ । ମୁନି ଝିଅଟି ତାର ପରିଚୟ ଦେଇ ସାରିଛି ପୂର୍ବରୁ...... । ଶେଷରେ ସ୍ଥିର କଲେ ଉପଯୁକ୍ତ ପାତ୍ରଟିଏ ଦେଖି ଝିଅକୁ ବାହାଘର ଶିଘ୍ର କରାଇଦେବେ । ସାଆନ୍ତାଣୀ ଏ ସବୁ ବିଷୟ ପ୍ରତି ଅତି ଉଦାର । ଘରେ ଭାଗବତ ଗାଦିଟିଏ ସ୍ଥାପନ କରିଛ ଭାଗବତ ପାଠ କରିବାରେ ସେ ବ୍ୟସ୍ତ । ତାଙ୍କର କେବଳ ଇଚ୍ଛା ଝିଅଟିକୁ ବେଶି ଦୂରରେ ନ ଦେଇ ନିକଟରେ ସୁବିଧା ସ୍ଥାନ ଦେଖି ଦେଲେ ଅନ୍ତତଃ ମଲାବେଳକୁ ପାଟିରେ ଟୋପାଏ ପାଣି ଦେବ । ଝିଅ ଘିଅ

ଏକାକଥା । କେଉଁଦିନ ଘରେ ରହିଲେ ଭଲନୁହେଁ । କେତେବେଳେ କେଉଁକଥା । ହାନିଅଛି, ଲାଭଅଛି । ପରଘରକୁ ଦେଇଦେବା ଭଲ । ଦିନେହେଲେ ତ ଯିବ, ରହିବା ଲାଭ କଣ ?

ଏବେ ବୁଢ଼ା ବୁଢ଼ୀ ଦୁହେଁ ବେଳେବେଳେ ଏ ବିଷୟରେ ଫୁସ୍‌ଫାସ୍ ହେଲେଣି । ମମତା ସବୁ ଜାଣିପାରେ । ଢିଙ୍କିଶାଳରେ ସୋରିଷଟାଏ ଫୁଟିଲେ ଢେଙ୍କାନାଳକୁ ବାସନା ହୁଏ । ଘରକଥାଟା ସେ ବା ନ ଜାଣନ୍ତା କିପରି ?

ବୋଉର କୁହାରେ ମମତା ପ୍ରତି ସୋମବାର ଦିନ ଏଣିକି ମହାଦେବଙ୍କ ମନ୍ଦିରକୁ ଯାଏ । ଶ୍ରୀଚରଣ ଘର ଦାଣ୍ଡଦେଇ ମହାଦେବଙ୍କ ନିକଟକୁ ବାଟ । କେହି ସାଙ୍ଗ ମିଳନ୍ତୁ ବା ନ ମିଳନ୍ତୁ ମମତା ସାତଟା ବେଳକୁ ଚାଲିଯାଏ । ଦିନେ ଦିନେ ସାଙ୍ଗେ ସାଙ୍ଗେ ଘରକୁ ଫେରେ । ବାକି ଦିନେ ଦିନେ ବେଶି ଖରାହେଲେ ବା ବିଳମ୍ବ ହେଲେ ତାର ଗୋଟିଏ ମାଉସୀ ଘରେ ଖାଇବେଳଟା କଟେଇ ଦିଏ ।

ଶ୍ରୀଚରଣ ସର୍ବଦା ତା ରୁମ୍‌ରେ ଥାଏ । ପାଠପଢା ହେଉ କବିତାଲେଖା ହେଉ ବା ଉପନ୍ୟାସ ରଚନା ହେଉ ଯେକୌଣସି ଗୋଟାଏ ବିଷୟ ତାର ଚାଲିଥାଏ । ଦିନରେ କେହି ତା ରୁମ୍‌କୁ ଆସନ୍ତିନି । ତାକୁ ଗପସପ ବା ଖେଳାବୁଲାରେ ଭିଡ଼ନେବା ପାଇଁ ଆହ୍ୱାନ କରିବାକୁ । କେବଳ ରାତି ସାତଟାରୁ ନଅଟା ପର୍ଯ୍ୟନ୍ତ ସେ ଯାହା ବୁଲେ । ଅନ୍ୟବେଳେ ରୁମ୍‌ଟା ଭିତରେ ପଶି ରହୁଥାଏ ।

ଫେରୁଥାଏ ମହାଦେବଙ୍କ ନିକଟରୁ ମମତା । ଶୁଣିଲା ଶ୍ରୀଚରଣ ରୁମ୍‌ରେ ଅଛି । ସମ୍ବର୍ଦ୍ଧନା ଜଣାଇବାକୁ ଯିବାପାଇଁ ତାର ଇଚ୍ଛା

ହେଲ । ସାହସ କରି ରୁମ୍ ଭିତରକୁ ଗଲ । ଦେଖେତ ଶ୍ରୀଚରଣ ଛଲକୁ ମୁହଁମାଡ଼ି ଶୋଇଛନ୍ତି । ବେଳେବେଳେ ମୁଣ୍ଡଟେକି ଗୋଟାଏ କାଗଜରେ କଣ ଦ'ଧାଡ଼ି ଲେଖିଦେଉଛନ୍ତି, ପୁଣି ଟିକେ ମୁହଁମାଡ଼ି ଶୋଇ ପଡ଼ୁଛନ୍ତି ।

ମମତା ବୁଝି ପାରିଲ । ଶ୍ରୀଚରଣ ବ୍ୟଥା ବା ବିଫଳତାର କବିତା ବୋଧେ ରଚନା କରୁଛନ୍ତି, ପ୍ରେରଣା ପାଇଁ ଅପେକ୍ଷାକରୁଛନ୍ତି ଛଲକୁ ମୁହଁମାଡ଼ି ଶୋଇ ।

'କଣ କବି ! ବିଜୟ-ଗୀତିକା ରଚନାରେ ବ୍ୟସ୍ତ ! !' ହସି ହସି ପଚାରିଲ ମମତା ।

ଶ୍ରୀଚରଣ ଚାହିଁ ଦେଲ, ଦେଖିଲ ପାଖରେ ଠିଆ ହୋଇଛନ୍ତି ମମତା । ନିଜକୁ ଟିକେ ସଂଯତ କରିନେଲ ଶ୍ରୀଚରଣ, କଅଣ ଉତ୍ତରଦେବ ସ୍ଥିର କରି ପାରିଲ ନା ।

"କଣ ଟିକେ ଭଦ୍ରାମୀ ଜାଣନ୍ତି ନି ...... । କେତେବେଳୁ ଆସି ଠିଆ ହେଲଣି ।"

"ହଁଅ. ବସ........." ବ୍ୟର୍ଥ ସ୍ୱରରେ ଉତ୍ତର ଦେଲ ଶ୍ରୀଚରଣ ।

"ମହାଦେବଙ୍କ ଭୋଗ ନଅନ୍ତୁ .. ........." ରୁମାଲଟି ଫିଟାଇବାକୁ ଲାଗିଲ ମମତା ।

"ମହାଦେବଙ୍କ ଭୋଗ ! !......"ଆଶ୍ଚର୍ଯ୍ୟ ହୋଇ ପଚାରିଲ ଶ୍ରୀଚରଣ ।

'ହିଁ. ମୁଁ ବ୍ରତ - ସୋମବାରରେ ଏବେ ଯ ଏ...... ।"

"ମୋର ଭୋଗ କଣ ହେବ ...... ।"

"ଖାଇବେ......ଅର୍ଥାତ୍ ସେବା କରିବେ ...ଭୋଗ । ।

"...ଲିଭ... ! । । ଠାକୁର ମଙ୍ଗଳ କରିବେ...।।। "

“ହୁଁ ”

ଶ୍ରୀଚରଣ ନିରୁତ୍ତର, ମମତା ସେତେବେଳକୁ ଲେସ ରୁମାଲଟି ଖୋଲି ଟେବୁଲଉପରେ ରଖି ସାରିଥିଲା । ଶ୍ରୀଚରଣ କିନ୍ତୁ ସେଥିପ୍ରତି ଦୃଷ୍ଟି ପକାଉ ନ ଥାଏ ।

ମମତା ବ୍ୟସ୍ତ ହୋଇ କହିଲା, “ଠାକୁରଙ୍କ ଲେସ...... ଥୁଆହୋଇ ରହିଲା... ।” “ମୋର କଣ ଅଛି ?”

“ତୁମେ ତାହେଲେ କଣ ଠାକୁର ମାନନି, ଓହ. ଲୋକଙ୍କ ଭକ୍ତମାନେ ପର ନାସ୍ତିକ...।”

‘ତେବେକେ ‘ତୁମେ’ଟି ମମତା ତୁଣ୍ଡରେ ସ୍ଥାନ ପାଇଲା

“ମମତା, ଭକ୍ତମାନେ ନାସ୍ତିକ ବୋଲି ମୁଁ କଣ ନାସ୍ତିକ !

“ଏକା ଲଙ୍କାର ମଞ୍ଜି ଯେ...... । ଏକା ଫଳ ହେବ ।” ବିଦ୍ରୂପ ସ୍ୱରରେ ଉତ୍ତର ଦେଲା ମମତା ।

“ତାହା କେବେ ନୁହେ, ଯେ ଭକ୍ତ ହେଲା ସେ ଯେ ନାସ୍ତିକ ବା ଯେ ନାସ୍ତିକ ହେଲା ସେ ଯେ ଭକ୍ତ ହେବ ତାହା କେବେ ସର୍ବଦା ସମ୍ଭବ ନୁହେଁ ।”

“ହୁଁ......ସମ୍ଭବ...... ।”

“କେବେ ନୁହେଁ ଅଧିକାଂଶ ଜମିଦାର ଟାଉଟର, ଏହାର ଅର୍ଥ କଣ ହୋଇ ପାରେ ଯେ ଟାଉଟରି କରିବ ସେ ଜମିଦାର ହେବ ... ... ।”

ମମତା ଫେଁ ଫେଁ ହୋଇ ହସି ଉଠିଲା ଅଉ କହିଲା “ତୁମର ସେଇ ଜମିଦାର ଭୂତ ଯାଉନି......।”

“କେମିତି ଯା’ନ୍ତା । ଉଠା ଘା’ ଚିହ୍ନସିନା ଲିଭିଯାଏ, ପୋଡ଼ା ଘା’ ଚିହ୍ନ କଣ କେବେ ଲିଭିପାରେ......।” ବୁଢ଼ୀ ଏକାଠି ପୁଣି ଥରେ ହସି ଉଠିଲେ ।

"ହଉ ଭୋଗ ଖାଅ………" ମମତା ମିଠେଇଟିଏ ଧରି ଯାଚିଲା ।

"ମୁଁ ଭୋଗ ପାଏ କ୍ଷୁଧା ନିବାରଣ ଉଦ୍ଦେଶ୍ୟରେ ଅର୍ଥାତ୍ ଉଦର ପୂର୍ତ୍ତି ଉଦ୍ଦେଶ୍ୟରେ କିନ୍ତୁ ଦେବଭକ୍ତି ଲକ୍ଷ୍ୟରେ ନୁହେଁ । ଏଭଳି ଭୋଗ କ'ଣ ହେବ ?" … …

"ଏଭଳି ପାଇଁ ଦେବତାଙ୍କ ଖତି……।"

"ମୋଠାରୁ ଅଦାୟ କରିବାକୁ ଚାହଁ ?" ଉଠି ଠିଆହେଲା ଶ୍ରୀଚରଣ, ଉଦ୍ୟତ ହେଲା ପକେଟ୍ ଦେଖିବାକୁ । ମମତା ଦେଖିଲା ଶ୍ରୀଚରଣ ଭୋଗ ପାଇବା ପାଇଁ ଅନିଚ୍ଛୁକ । କାରଣ କଣ ସେ ବୁଝି ପାରିଲାନି, ଦୁଃଖୀ ହେଲା ମନରେ ତା'ର । ଭୋଗ ରୁମାଲଟି ମୁହଁ ଶୁଖାଇ ବାନ୍ଧିବାକୁ ଉଦ୍ୟତ ହେଲା ।

ଶ୍ରୀଚରଣ ଟିକେ ହସିଦେଲା । ବେଶି ସମୟ ଗୋଳିବା ଉଚିତ ନୁହେଁ ଭାବି କହିଲା, "ମମତା, ମୁଁ ଭୋଗ ନ ଖାଇବାର ଯଥେଷ୍ଟ କାରଣ ଅଛି ।"

"କହୁନାହାନ୍ତି ?" କଣ୍ଠରେ ଥିଲା ଦୁଃଖ ଓ ଅଭିମାନ ।

"ତୁମେ କି ଉଦ୍ଦେଶ୍ୟରେ ଭୋଗ କରିଛ, ନଜାଣି ତାହା ମୁଁ ଖାଆନ୍ତି କିପରି ? ମୁଁ ଠାକୁର ମାନେ । ଭୋଗ ଖାଏ ଏହା ସତ । କିନ୍ତୁ ଭୋଗଟା କାହିଁକି ହୋଇଛି ନ ଜାଣି ଖାଇବା ଅର୍ଥ ଭୋଗକୁ କ୍ଷୁଧାନିବାରଣ ପାଇଁ ପ୍ରୟୋଗ କରିବା । ଯେହେତୁ କ୍ଷୁଧାନିବାରଣ ଉଦ୍ଦେଶ୍ୟରେ ଏ ସ୍ୱଳ୍ପ ଜିନିଷ ଯଥେଷ୍ଟ ନୁହେଁ ତେଣୁ ଭୋଗକୁ ଠାକୁରଙ୍କ ଭୋଗ ଉଦ୍ଦେଶ୍ୟରେ ସେବା କରିବାକୁ ପଡ଼ିବ । ଅତଏବ ଉଦ୍ଦେଶ୍ୟଟା ଜାଣିବା ଆବଶ୍ୟକ" ବାକ୍ୟରେ ଥିଲା ଚତୁରତା ଓ ଚପଳତା ।

"ମୁଁ ଉଦ୍ଦେଶ୍ୟ ଜାଣେ ନାଁ ତୋଉଙ୍କ କଥାନୁସାରେ ମହାଦେବଙ୍କ ନିକଟକୁ ଯାଏ । ..."

"ମହାଦେବଙ୍କୁ ତୁମେ ତ ନିଶ୍ଚୟ ମୁଣ୍ଡିଆ ମାରୁଥିବ । କେଉଁ ଉଦ୍ଦେଶ୍ୟରେ...?"

"ମୁଁ ଜାଣେନା......" ହସିଦେଲା ମମତା ଓ ସଙ୍ଗେ ସଙ୍ଗେ ମୁହଁ ପୁଣି ଖୁଷେଇ ଦେଲା ।

ଲଜକୋଳି ମନ ଠେକ ଥାଏ, ହାତ ମାରଦେବାକ୍ଷଣି ପୁଣି ଝାଉଁଳି ଯାଏ । ହସି ହସି ଗୋଟିଏ ସିଠେଇ ଓ ଅଳ୍ପ ତିନି ଚାରଟି କଦଳୀ ଖାଇଲା ଶ୍ରୀଚରଣ । ହାତ ଧୋଇବା ପାଇଁ ପାଣି ଉଦ୍ଦେଶ୍ୟରେ ଶ୍ରୀଚରଣ ଡାକିଲା ପ୍ରମିଳାକୁ । ପ୍ରମିଳା ପାଣି ଗିଲାସେ ଧରି ଆସି ପହଞ୍ଚିଲା ।

" ଏ କିଏ ? ତୁମ ଭଉଣୀ ।" ମମତା ପଚାରିଲା

"ହଁ, ତା ନାଁ ପ୍ରମିଳା, ୪ର୍ଥ ଶ୍ରେଣିରେ ପଢ଼େ, ନିମ୍ନ ପ୍ରାଇମେରୀ ବୃତ୍ତି ପାଇଥିଲା; କ୍ଲାସରେ ପ୍ରଥମ ହୁଏ ।"

ଭାଇ ମୁଁହରୁ ପ୍ରସଂସା ଶୁଣି ପ୍ରମିଳା ମନେ ମନେ ହସିଦେଲା । ମମତା ତା ହାତରେ ଅବଶିଷ୍ଟ ଭୋଗଟକ ପଠେଇ ଦେଲା । ପ୍ରମିଳା ଭୋଗନେଇ ଚାଲିଯାଉଥିଲା । ଶ୍ରୀଚରଣ ଅଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲା ମମତା ମୁହଁକୁ ।

# ଛଅ

ଆଷାଢ ମାସ ପହିଲ୍ ସପ୍ତାହରେ ଏକ ଘୁମନ୍ତ ମଧ୍ୟାହ୍ନ । ବର୍ଷା ଋତୁ ହେଲେ ମଧ୍ୟ ବେଳେ ବେଳେ ଭୀଷଣ ଖରା ହେଉଥାଏ । ଗ୍ରୀଷ୍ମ ଓ ବର୍ଷା ମଧ୍ୟରେ ଚାଲିଥାଏ ଶେଷ ସଂଘର୍ଷ । କୋଇଲି ନୀଡ଼ ଛାଡ଼ି ଚାଲିଯାଇଥାଏ ପୃଥିବୀ ବକ୍ଷରୁ ।

ଧାନ ନଳିତା ଗଛ ଗୁଡ଼ିକ ଦୁଇ ଚାରି ଅଙ୍ଗୁଳ ଉଠିଥାଏ । ଖରାରେ ସବୁ ପଡ଼ିଥାଏ ଝାଉଁଳି । ଆସନ୍ନ ବର୍ଷାର ଲକ୍ଷଣ ଜାଣି ଦୁଇଟା ଡ଼ମଣା ସାପ ନୃତ୍ୟ କରୁଥାନ୍ତି ଅମ୍ବତୋଟା ଭିତରେ ।

କଲେଜ୍ ଖୋଲିବାକୁ ଥାଏ ପାଞ୍ଚଦିନ । ଏହାର ମଧ୍ୟରେ ଗାଁ ଛାଡ଼ିବାକୁ ପଡ଼ିବ ଶ୍ରୀଚରଣକୁ । ଛୁଟିରେ ଘରକୁ ଆସିଲା ବେଳେ ପ୍ରୋଗ୍ରାମ କରିଥିଲା ଦିନକୁ ଚଉଦ ଘଣ୍ଟାରୁ ଅନ୍ତତଃ ଆଠଘଣ୍ଟା ପଢ଼ାରେ କଟେଇବା ପାଇଁ, କିନ୍ତୁ ଆଠ ମିନିଟ୍ ସେ ପଢ଼ି ପାରିନି । ଥାକଥାକ୍ ବହି ଅଲମିରାରେ ସଜାହୋଇ ଯେମିତି ଥୁଆ ହୋଇଥିଲା ସେମିତି ରହିଛି ।

ଖାଇସାରି ଶ୍ରୀଚରଣ ଖରାବେଳେ ଶୋଇଛି ନିଜ ଛୁମ୍ଟିରେ ହଠାତ୍ ଗୋଟିଏ ସ୍ୱପ୍ନ ସେ ଦେଖୁଛି । "ସେ ଠିଆହୋଇଛି

ରେଭେନ୍ସା କଲେଜ ଛକରେ । ତାର ଦୃଷ୍ଟି ପଡ଼ନ୍ତୁ କଲେଜ ଛକର ପୂର୍ବରେ ରାସ୍ତାର ଦକ୍ଷିଣକୁ ଠିଆ ହୋଇଥିବା ଏକ ବିରାଟ ବୃକ୍ଷ ଉପରେ । ରାସ୍ତାକଡ଼ରୁ କାଠି, କୁଟା ଥଣ୍ଟରେ ଆଣି ଗୋଟିଏ ବଣି ଚଢ଼େଇ ବସା ତିଆରି କରିବାରେ ବ୍ୟସ୍ତ । ଦେଖୁ ଦେଖୁ ବଣିଟି ବସା ତିଆରି କାର୍ଯ୍ୟ ଶେଷ କଲା । ଆନନ୍ଦରେ ବସି ବୋବାଉଛି ତାର ଭିତରେ । ହଠାତ୍ ଆଉ ଏକ ବଣି ତା ପାଖକୁ ଗଲା । ପ୍ରଥମେ ପ୍ରଥମ ବଣିଟି ବହୁ ଆପତ୍ତି କଲା ମାତ୍ର ଶେଷରେ ଦୁହେଁ ପୁଣି ମିଳିଗଲେ । ଦୁହିଙ୍କର ସାନ୍ନିଧ୍ୟ ଓ ସହଯୋଗରେ ହସି ଉଠିଲା ବୃକ୍ଷ ।

ଏମିତି କଟିଗଲା କେତୋଟି ମାସ । ଟାଉନ୍ପ୍ଲାନିଂ କମିଶନରଙ୍କ ନିର୍ଦ୍ଦେଶରେ ଦିନେ ସକାଳୁ ପାଞ୍ଚ ଛ'ଜଣ କାଠୁରିଆ ଆସି ସେ ଗଛମୂଳରେ କଲେ କୁଠାରାଘାତ, ଚଢ଼େଇ ଦୁଇଟିର ସେ ପର୍ଯ୍ୟନ୍ତ ନିଦ ଭାଙ୍ଗି ନ ଥାଏ । ସେହି ଗଛର କୋରଡ଼ରେ ଗୋଟାଏ ସାପ ଥାଏ । ଅସନ୍ନ ବିପଦର ଲକ୍ଷଣ ଦେଖି ଧିରେ ଧିରେ ଉପରକୁ ଉଠିବାକୁ ଲାଗିଲା ସାପଟି । ଦେଖିଲା ସୁନ୍ଦର ବସାଟିରେ ଶୋଇଛନ୍ତି ଦୁଇଟି ଚଢ଼େଇ । ନିଷ୍ଠୁର ସାପଟି ହଠାତ୍ କାମୁଡ଼ିଦେଲା ପ୍ରଥମଟିର ଗୋଡ଼କୁ । ଚେଁ ଚେଁ ଶବ୍ଦରେ ଗଛଟି କମ୍ପିଗଲା । ଅସ୍ତ୍ରେ ଅସ୍ତ୍ରେ ଆହତ ଚଢ଼େଇଟି ଉଠିବାକୁ ଲାଗିଲା । କିନ୍ତୁ ସେତେବେଳକୁ ଦ୍ୱିତୀୟଟି ଉଡ଼ିଯାଇଥିଲା କଲେଜ ଭିତରେ ଥିବା ଗୋଟିଏ ଦେବଦାରୁ ବୃକ୍ଷ ଉପରକୁ ।

ପ୍ରଥମଟି ବହୁତ ଖୋଜିଲା କିନ୍ତୁ ପାଇ ପାରିଲା ନି ସାଥିକୁ ତାର । ତାକୁ ଅପେକ୍ଷା ନକରି ଦ୍ୱିତୀୟ ଚଢ଼େଇଟି ନୀଡ଼ ରଚିଲା ଦେବଦାରୁ ବୃକ୍ଷରେ । ବହୁଦିନ ପରେ ସେ ପାଇଲା ଆଉ ଗୋଟିଏ ସାଥି । ନୀଡ଼ ତାର ପୂରି ଉଠିଲା । ଆହତ ପକ୍ଷୀଟି କ୍ରମେ ଭଲ ହୋଇ

ଅସଲା । ମାତ୍ର ସାଥିହରା ଜୀବନ ତାକୁ ଭଲ ଲାଗିଲାନି । ତେଣେ ଭୁଲ୍ ଭୁଲ୍ ସେ ଦେଖିଲା ତାର ପୂର୍ବ ସାଥିଟିକୁ । ତୁହେଁ ତୁହିଁଙ୍କୁ ବାରମ୍ବାର ଗୁହାରିଲେ, ତାହା ଦେଖି ହେଲେ ଓ ଅଶ୍ରୁପାତ କଲେ କିନ୍ତୁ ସବୁ ନୀରବରେ ।……ଉଡ଼ି ଗଲା ଅଦ୍ଭୁତ ପକ୍ଷୀଟି……ଗୁହାରି ରହିଥାଏ ତାର ପୂର୍ବ ସାଥିଟି ନୀଡ଼ ଭିତରେ……"

ହଠାତ୍ ନିଦ ଭାଙ୍ଗିଗଲା ଶ୍ରୀଚରଣର । ଦେଖେ ତ ସେ ଶୋଇଛି ରୁମ୍‌ରେ । ନାହିଁ କଲେଜଗଛ ନାହିଁ ଅଦ୍ଭୁତ ନୀଡ଼ହରା ପକ୍ଷୀ । ସ୍ୱପ୍ନଟିର ଅର୍ଥ କିଛି ବୁଝିପାରିଲାନି ଶ୍ରୀଚରଣ । ଆଉ ଶୋଇବାକୁ ତାକୁ ଭଲ ଲାଗିଲାନି । ମୁହଁ ଧୋଇବା ପାଇଁ ବାହାରୁଛି ଘରରୁ ଦେଖେ ତ ଜମିଦାରଙ୍କ ଗୁଜର ସନା ତା ପାଖକୁ ଆସୁଛି । ଶ୍ରୀଚରଣକୁ ଦେଖି ସନା ମୁରୁକି ହସିଲା । ଶ୍ରୀଚରଣ ମଧ୍ୟ ହସିଦେଲା ।

"ସନା, ତୁ ଏତେବେଳେ କୁଆଡ଼େ……!" ଆଶ୍ଚର୍ଯ୍ୟ ହୋଇ ପଚାରିଲା ଶ୍ରୀଚରଣ ।

"ଚିଠିଟାଏ ଅଛି……"

"ଚିଠି ! କିଏ ଦେଇଛି ! । ଜମିଦାର ବାବୁ ! ! !"

"ନା"

"ଆଉ କିଏ……?"

"ଦେଖ"

"ଦେଖିଲି ।…ମମତା…"

'ହିଁ' ହସିଦେଲା ସନା ।

ହଠାତ୍ ଶ୍ରୀଚରଣର ଦେହରେ କମ୍ପ ଛୁଟିଗଲା, ସେ ସାରି ଗଲା । କିନ୍ତୁ ସନା ସମ୍ମୁଖରେ କିଛି ପ୍ରକାଶ କରି ପାରିଲାନି ।

ସନା ହାତରୁ ଚିଠିଟି ନେଲା ଶ୍ରୀଚରଣ । ମମତା ଦେଇଛନ୍ତି ଚିଠି । ମମତା ତାହେଲେ କଣ ବୁଝିଲା ଶ୍ରୀଚରଣଙ୍କୁ ଏଇ ଦୃଷ୍ଟିରେ । ଚିଠିଟି ଖୋଲିଲା ଶ୍ରୀଚରଣ, ସନା ସେତେବେଳକୁ ଚାଲି ଯାଇଥିଲା ।

"ପ୍ରିୟ......,

ଦୁର୍ବଳତାକୁ ଅନ୍ତରର ଏକ ନିଭୃତ କୋଣରେ ଅଦ୍ୟାପି ଚାପିଦେଇ ମୁଁ ଆଜି ମର୍ମେ ମର୍ମେ ଅନୁଭବ କରୁଛି ଯେ ମୁଁ ଦୁର୍ବଳ । ଠିକ୍ ବର୍ଷକ ତଳର କଥା । ତିନିମାସ କାଳ ତୁମ ନିକଟରେ ଅଧ୍ୟୟନ କରି ମଧ୍ୟ ମୂହୁର୍ତ୍ତିକ ପାଇଁ ମୁଁ ତୁମକୁ ଦେଖି ନଥିଲି ଶ୍ରୀଚରଣ ବାବୁ ଦୃଷ୍ଟିରେ, ଦେଖିଥିଲି ଶିକ୍ଷକ ଦୃଷ୍ଟିରେ । ଗତ ସ୍ୱପ୍ନର ସ୍ପର୍ଶରେ ମୁଁ ପାଇଛି ତୁମର ସାକ୍ଷାତ୍ । ଆଜି ଦେହର ପ୍ରତି ରକ୍ତ ବିନ୍ଦୁ ଅନୁଭବ କରେ ତୁମର ଅନୁପସ୍ଥିତି, କିନ୍ତୁ...... ସେଦିନ ପଚାରିଥିଲି ମହାଦେବଙ୍କ ନିକଟରେ ଭୋଗ କରିବାର ଉଦ୍ଦେଶ୍ୟ ମୋର କ'ଣ ବୋଲି । ଦେଇ ନଥିଲି ତାର ଉତ୍ତର । ଉତ୍ତର ବା କ'ଣ ହୋଇପାରେ ?

କଲେଜକୁ ଯିବା ପାଇଁ ବୋଧେ ବ୍ୟସ୍ତ ହେଉଥିବ । ପଅରଦିନ ମୁଁ ମହାଦେବଙ୍କ ନିକଟକୁ ଯିବି ଏବଂ ତୁମ ରୁମ୍ ଦେଇ ଆସିବି । ମୋ ଚିଠିଟିର ଉତ୍ତର ସେ ଦିନ ସେଇଠି ଦେବ । କାଗଜ କଲମରେ ନୁହେଁ । ମୁହଁରେ, କଥାରେ । ତାହେଲେ ବେଶିଦୂର ଅଗ୍ରସର ନହୋଇ ମୁଁ ମୋର ଉଦ୍‌ବେଗକୁ କ୍ଷାନ୍ତ କରିବାକୁ ଯଥାସମ୍ଭବ ଚେଷ୍ଟା କରିବି ।

ତୁମପରି ଏକ କଲେଜ୍‌ଷ୍ଟାର, ଲେଖକ, କବି ଓ ସର୍ବୋପରି ଜଣେ ସ୍ୱପ୍ନବାଦୀଙ୍କ ନିକଟରେ ଉପଯୁକ୍ତ ଉତ୍ତର ପ୍ରାର୍ଥନୀୟ । ଇତି ।

ତୁମର

ଠିକ୍ ଠିକ୍ କରି ଚିଠିଟିକୁ ଶେଷ ଫେରାଇ ଦେଲା ଶ୍ରୀଚରଣ । ସର୍ବାଙ୍ଗ ତାର କମ୍ପି ଉଠିଲା ଭୟରେ, କି ସାହାସ ପିଲାଟାର ! ସ୍ନେହମୟ ଏକ ପ୍ରେମଚିଠି !!! ଆପଣ ସମ୍ବୋଧନ ପରିବର୍ତ୍ତିତ ହୋଇଛି ତୁମେ ସମ୍ବୋଧନରେ ଏବଂ ବର୍ଷକ ତଳର ଶିକ୍ଷକ ଆଜି ଗଣନା କରାଯାଇଛି ପ୍ରେମ-ନିବେଦନକ ଦୃଷ୍ଟିରେ । କେମିତି ଏତେ ସାହସ ହେଲା ମମତାର । ଏହାର ତ କିଛି ଉତ୍ତର ଦେଇନି ଶ୍ରୀଚରଣ ।

ନିଜକୁ ବିପନ୍ନ କରି ସେଦିନ ରାତିରେ ମମତା ଆସିଥିଲା ଶ୍ରୀଚରଣଙ୍କୁ ଫେରାଇନେବା ପାଇଁ ସ୍ୱପ୍ନର ପଥରୁ । କରିଥିଲା ଅନେକ ମିନତି ଅନୁରୋଧ । ଅଜଥରେ ଆସିଥିଲା ତୁମ୍‌କୁ ତାର । ଦାମ୍ପଦ ହସ କୌତୁକ କଥାବାର୍ତ୍ତା । ମମତା ତାହେଲେ କଣ ଭୁଲିଗଲା ସ୍କୁଲ ।

କଲେଜରେ ବର୍ଷକ ମଧ୍ୟରେ ଶ୍ରୀଚରଣ ଦେଖିଛି ବହୁତ ଯୁବତୀଙ୍କ ହସ କୌତୁକରେ କଥାବାର୍ତ୍ତା ହେବାର । କ୍ଲାସରେ ପ୍ରଫେସର ଆସିବା ପୂର୍ବରୁ, ରିସେସ୍‌ରେ, ପ୍ରାକ୍ଟିକାଲ୍ କ୍ଲାସରେ ମଧ୍ୟ କାମ କରୁ କରୁ ବହୁତ ପିଲାଙ୍କର ମଜା ଗପର ଜୁହାର ଉଠିଥାଏ । ଦାମ୍ପଦ କଥାବାର୍ତ୍ତା ହେବାପାଇଁ କଲେଜକରେ ଅସଂଖ୍ୟ ପିଲା ଅପେକ୍ଷା କରିଥାନ୍ତି ଟାଇନ୍‌ବସ୍‌କୁ । ଛକଟି ବେଳେ ବେଳେ ଖୋଲା ମିଟିଂ ହଲରେ ପରିଣତ ହୁଏ । ବହୁତ ଥର ନିଜେ ଶୁଣିଛି କିଛି କାମ ନଥିଲେ ମଧ୍ୟ ଗୋଟିଏ ଗୋଟିଏ ପିଲା ଏମିତି ଫିକର ବାହାର କରନ୍ତି ଯେ ଝିଅମାନେ ତାଙ୍କସହ ଗପସପ କରିବାକୁ ବାଧ୍ୟ ହୋଇଥାନ୍ତି । ଏହି ସାମାନ୍ୟ ସାନ୍ନିଧ୍ୟରେ ସେମାନେ ଅନୁଭବ କରନ୍ତି ଅସରନ୍ତି ଅଫୁ ପ୍ରସାଦ । ମାତ୍ର ଏ ଗପସପ ଶେଷରେ ପ୍ରେମରେ ପରିଣତ ହୁଏ କି ନାଁ ସେ ବିଷୟରେ ଶ୍ରୀଚରଣ ଥାଏ ସାକ୍ଷହାନ୍ । ଯଦି ଦାମ୍ପଦ ହସ କୌତୁକ

କଥାବାର୍ତ୍ତା ଦ୍ୱାରା ପ୍ରେମ ହେଉଥାଏ ତାହେଲେ ଧରନେବାକୁ ହେବ ଗତକଡ଼ା ନବେ କଲେଜ ଟୋକା ପ୍ରେମ-ଜୀବ ।

ଶ୍ରୀଚରଣର ହଷ୍ଟେଲକଥା ମନେ ପଡ଼ିଲା । ଦୁଇ ତିନିଜଣ ସାଙ୍ଗ ପିଲାଙ୍କର ସେ ପ୍ରେମଚିଠି ଦେଖିଥିଲା । ଗୋଟିଏ ପିଲା ପାଖରେ ସେ ଦେଖିଥିଲା ପାଞ୍ଚଟି ଝିଅ ପିଲାର ପ୍ରେମଚିଠି । ସମସ୍ତଙ୍କର ପ୍ରେମପାଇଁ ଆକୁଳ ନିବେଦନ । ପ୍ରତ୍ୟେକ ଲେଖିଥାନ୍ତି ତା ଛଡ଼ା ସେମାନେ ଅନ୍ୟ କାହାକୁ ଦୁନିଆରେ ଭଲ ପାନ୍ତି ନାହିଁ । ପୃଥିବୀ ପଛେ ରସାତଳକୁ ଯିବ କିନ୍ତୁ ସେମାନଙ୍କର ପ୍ରେମଟୁକା ଚିରଦିନ ପାଇଁ ପୃଥିବୀ ବକ୍ଷରେ ଉଡ଼ୁଥିବ । ପ୍ରେମିକ ନର୍କକୁ ଗଲେ ସେମାନେ ନର୍କକୁ ଯିବେ, ମଙ୍ଗଳଗ୍ରହକୁ ଗଲେ ସେମାନେ ମଙ୍ଗଳଗ୍ରହକୁ ଯିବେ ଏବଂ ସ୍ୱର୍ଗକୁ ଗଲେ ମଧ୍ୟ ସ୍ୱର୍ଗକୁ ଯିବେ । ତାର ସୁଖ ଓ ଦୁଃଖରେ ସେମାନେ ହେବେ ସମଭାଗୀ ।

ଶ୍ରୀଚରଣର ସାଙ୍ଗଟି ପ୍ରତି ସନ୍ଦେହ ହେଲା । ଜଣେ କିପରି ପାଞ୍ଚଟି ଝିଅକୁ ଭଲ ପାଇ ପାରେ । ଡର ଡର ପଚାରିଥିଲା ଶ୍ରୀଚରଣ । ସାଙ୍ଗଟି ଉତ୍ତର ଦେଇଥିଲା ଏଟା ଭଲ ପାଇବା ନୁହେଁ । କେବଳ ଭଲ ପାଇବାର ଛଳନା କରି ଗୋଟାଏ ଏକ୍ସପେରିମେଣ୍ଟ ଚଳେଇବା ଅର୍ଥାତ ପାଞ୍ଚଟି ଝିଅ ଉପରେ ପରୀକ୍ଷାଟି ଚାଲୁରଖି ପର୍ଯ୍ୟବେକ୍ଷଣ ଲକ୍ଷ କରିବା ଏବଂ ଶେଷରେ ଗୋଟିଏ ଝିଅ ପ୍ରତି ଏକ ସିଦ୍ଧାନ୍ତରେ ଉପନୀତ ହୋଇ ତାକୁ ଗ୍ରହଣ କରିବା ଏବଂ ଅନ୍ୟ ଗୁଡ଼ିକଙ୍କୁ ରିଜେକ୍ଟ୍ ଅର୍ଥାତ୍ ବ୍ୟର୍ଥ କରିବା ।

ଉତ୍ତର ଦେଇ ପାରି ନ ଥିଲା ଶ୍ରୀଚରଣ । ଦୁନିଆରେ ମଣିଷ ମଧ୍ୟ ମଣିଷ ଉପରେ ଚଳାଏ ଏକ୍ସପେରିମେଣ୍ଟ୍ । ମୂଲ୍ୟବାନ ଜୀବନ ସହିତ ଖେଳ । ମନେ ମନେ ବେଦନ ବହୁତ ହୋଇଥିଲା

ଶ୍ରୀଚରଣ । ମମତା ପ୍ରେମ ଚିଠି ଆଜି ସବୁ ମନେ ପକାଇ ଦେଲା ।

ଶ୍ରୀଚରଣ ବାହାରକୁ ଉଠି ଦେଖିଲା ଖବର କାଗଜ ଗଲାଣି ଟିକି ଟିକି ହୋଇ ପଡ଼ିଥିବା ଚିଠିଟି ପବନରେ ଦୂରକୁ ଉଡ଼ି ଯାଉଛି । ହସି ଦେଲା ଶ୍ରୀଚରଣ । ମମତା ଗୃହେଁ ଏକ ଯୁବକଙ୍କୁ ମଙ୍ଗ କରିଦେବା ପାଇଁ । ବାପା ଜମିଦାର । ଜନଶକ୍ତିକୁ କେବେ ଉପେକ୍ଷା କରେନାହିଁ ସେଥି ବା ଏକ ଗ୍ରାମର ନ ହୁଅନ୍ତା କାହିଁକି ।

ଶ୍ରୀଚରଣର ମନେ ପଡ଼ିଲା ଉର୍ମିଳା କଥା । ଓ ବଗିଚ ବାପ୍ପର କଥା, "ସେ ବଡ଼ ହୋଇଛି, ଖବର କାଗଜରେ ନା ଚାହାଉଛି । ଫଟୋ ବାହାରୁଛି ।" ତେଣୁ ବୋଧେ ମମତା ବର୍ଷକ ତଳେ ଘୃଣାର ଦୃଷ୍ଟିରେ ଦେଖିଥିଲେ ମଧ୍ୟ ଆଜି ପ୍ରେମ ପାଇଁ ବ୍ୟାକୁଳ ।

ନିଜର ହୃଦୟ ଉପରେ ଅଭିମାନ ଜନ୍ମିଲା ଶ୍ରୀଚରଣର । ତାହେଲେ ସେ କଳ୍ପନା କଣ କରିଥିଲା ଏଇଥିପାଇଁ । ସତ୍ୟାଗ୍ରହୀ ସାଜି ଶେଷରେ ଜେଲେ ଯାଇଥିଲା ଅନଶନ କରିଥିଲା ଏଇ ଉଦ୍ଦେଶ୍ୟରେ ! ! ନିଜେତ କେବେ ସେ ସ୍ୱାର୍ଥ ପାଇଁ ସଂଗ୍ରାମ କରି ନ ଥିଲା, ତେବେ ଦୁନିଆଁ କାହିଁକି ତାକୁ ଭୁଲ ବୁଝିଲା ।

ସେ ସ୍ଥିରକଲା ସୋମବାର ପୂର୍ବରୁ ବା ସୋମବାର ସକାଳେ କଟକ ପଳାଇବ । ଫଳତଃ ମମତା ତାକୁ ଆଉ ଦେଖି ପାରିବନି । ସେଇଆ ଶେଷରେ ହେଲା । ସୋମବାରଦିନ ସକାଳ ବସରେ କଟକ ଫେରିଗଲା ଶ୍ରୀଚରଣ, ପୁଣି ତାର କର୍ତ୍ତବ୍ୟରେ ନିଜକୁ ନିୟୋଜିତ କରିବା ପାଇଁ, ଥାଇ ଥାଇ ଜଡ଼ବସ୍ତୁ ଉପରେ 'ଏକ୍ସପେରିମେଣ୍ଟ' ଚଳାଇବା ପାଇଁ ।

ସେଦିନ ସମୟ ପ୍ରାୟ ୧୦ଟା । ମମତା ଯାଉଥାଏ ମହାଦେବଙ୍କ ମନ୍ଦିରକୁ । ଭାବିଲା ଠାକୁରଙ୍କ ନିକଟରେ ଭୋଗ

କରିବା ପୂର୍ବରୁ ଆଜି ଉଦ୍ଦେଶ୍ୟଟା କହିଯିବ ଶ୍ରୀଚରଣଙ୍କୁ । ମାତ୍ର ରୁମ୍ ପାଖରେ ଯାଇଁ ଦେଖେତ ରୁମ୍ ବନ୍ଦ । ତାହାରେ ଏକ ଶକ୍ତ ତାଲା ।

ବିହଙ୍ଗମହୀନ ନୀଡ଼ର ଦ୍ୱାର ରୁଦ୍ଧ । ଯେଉଁ ବିହଙ୍ଗମ ପାଖରେ ସେ ଇଚ୍ଛା କରିଥିଲା ନୀଡ଼ ରଚିବାକୁ ସେ ଆଜି ନାହିଁ । ମୁକ୍ତ ବିହଙ୍ଗମ ଉଡ଼ିଯାଇଛି ମେଘମୁକ୍ତ ଆକାଶକୁ ।

ମମତାର ମୁଣ୍ଡରେ ସତେ ଯେମିତି ଏକ ବଜ୍ର ପାତ ହେଲା । ମହାଦେବଙ୍କ ପାଖକୁ ଯିବାକୁ ସେ ଉଚିତ ମନେ କଲାନି । ହାତରେ ଥିଲା ତାର ଦୁଧ ଓ ଲହୁଣି ପୂର୍ଣ୍ଣ କଳସୀ । ଶ୍ରୀଚରଣର ରୁମ ସାମନାରେ ଥୁଆ ହୋଇଥିଲା ଦୁଇଟି ତୁଳସୀ କୁଣ୍ଡ । ସବୁ ଢାଳି ଦେଲା ସେ ଗୋଟିଏ କୁଣ୍ଡରେ ।

ବ୍ୟାକୁଳ ମନରେ ଫେରିଲା ମମତା । ମୃଗତୃଷ୍ଣା ପଛରେ ଧାଇଁ ଧାଇଁ ତୃଷାତୁର ଶେଷରେ ଯେମିତି ଫେରୁଥାଏ । ଶ୍ରୀଚରଣ ତାହେଲେ ତାକୁ ଭଲ ପାଇବା ପାଇଁ ସ୍ପୃହା ନ ଥିଲା ।

ପ୍ରମିଳା ବାହାରୁଥିଲା ସ୍କୁଲକୁ । ମମତାକୁ ଦେଖି ହସି ହସି ନମସ୍କାର କଲା । ମାତ୍ର ମମତା ଥିଲା ଅନ୍ୟ ମନସ୍କା । ପ୍ରମିଳା କିଛି ବୁଝି ପାରିଲାନି । କିଛି ସମୟ ପରେ ମମତା ଦେଖିଲା ପ୍ରମିଳାକୁ, ପଚାରିଲା "ଭାଇ କେବେ କଟକ ଗଲେକି ? ପ୍ରମିଳା"

"ଆଜି ସକାଳେ । ଆଗରୁ ସ୍ଥିର କରିଥିଲେ ବୁଧବାର ଦିନ ଯିବା ପାଇଁ ମାତ୍ର ପୁଣି କଣ ହେଲା କେଜାଣି.............."

ପ୍ରମିଳା ଅଜ୍ଞାତରେ ମମତାର କଟା ଘାରେ ଦେଇ ଗଲା ଚୂନ ।

# ସାତ

ଦେଖୁ ଦେଖୁ ପନ୍ଦରଟି ରୁକ୍ଷ ବସନ୍ତ ଅତିକ୍ରମ କଲା ମମତା । ଚାଲୁଥାଏ ଷୋଳ । ଦୁଇବର୍ଷ ତଳର ମମତା ଓ ଆଜିର ମମତା ମଧ୍ୟରେ ଆସିଥାଏ ଅଦ୍ଭୁତ ପରିବର୍ତ୍ତନ । ଦେହ ଓ ମନର ନିଭୃତ କୋଣେ କୋଣେ ଅବୁଝା ଶିହରଣ । ଭାବନା ଓ ଭଙ୍ଗୀରେ ନବ ଉନ୍ମାଦନା ।

ଗୋଟିଏ ମାତ୍ର ଝିଅ । ଷୋଳ ବର୍ଷ ହେଉ ବିବାହ ଦେବାକୁ ଜମିଦାର ବାବୁ ନାରାଜ । ବର ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥିର ହୋଇ ନ ଥାଏ । ଝିଅ ଜ୍ୱାଇଁ ପାଇଁ ଜିନିଷ ପତ୍ର ସବୁ କିଣା ଚାଲୁଥାଏ । ଘର ପାଖରେ ଦେବାକୁ ସାନ୍ତାଣୀଙ୍କର ଇଚ୍ଛା । କିନ୍ତୁ ସେମିତି ଘର ତ ମିଳୁନି । ତେଣୁ ନାଚାର ।

ସାନ୍ତାଣୀ ଥରେ ନୁହେଁ ବହୁତ ଥର ସନା ମୁଖରୁ ଶୁଣିଥିଲେ ଶ୍ରୀଚରଣର ଗୁଣଗାନ । ଦିନେ ସଂଧ୍ୟାରେ ଜମିଦାର ବାବୁ ଦାଣ୍ଡ ପିଣ୍ଡାରେ ବସି ଥାନ୍ତି । କିଛି କାମ ନ ଥାଏ । ସାନ୍ତାଣି କଥା ପ୍ରସଙ୍ଗରେ ସେଇ ପ୍ରସ୍ତାବଟି ଅଗତ କଲେ । ବୁଢ଼ା ଶୁଣି ନିଆଁ ବାଣ ।

ଚଷା ଘରେ ହେବ ବନ୍ଧୁତା । ଆମେ ଜାତିରେ କରଣ ।

ଛତିଶ ମାର୍କ ନ ହେଲେ ଅନ୍ତତଃ ବତିଶ ମାର୍କ ଉପରେ ଶ୍ରେଷ୍ଠ ପୃଣି ନାମଯାଦା ଜମିଦାର । କେଉଁଦିନ ଅବା ଶୁଣିଥିଲେ ।

"ସେ ପରା କଲେଜରେ ପାଠ ପଢ଼ୁଛି, ଗୁରୁଅଡ଼େ ନାଁ । ଗୀତ ଲେଖୁଛି, ବହି ଲେଖୁଛି, ସେଇଠି ଝିଅକୁ ଦେଲେ ଆମ ନାଁ ବଢ଼ନ୍ତାନି ?"

"ରଖ ହେ ନାଁ, ନାଁ କେଉଁଛି ।"

"ଘର ପାଖରେ······" ବୁଢ଼ୀ ଉତ୍ତରରେ ଶେଷଥର ପାଇଁ କହିଲା ନରମ ସ୍ୱରରେ ।

"ପାଖରେ ହେଲାଟବାଲି ଜଣ ଜାତି ଅଜାତି, ଧନୀ ଗରିବ କିଛି ବାରିବନି ! ହୁସିଆର, ଆଉଦିନେ ସେ କଥା କହିବନି ମୋତେ ।"

ଆଉ ଦିନେ ହେଲେ ଥରକ ପାଇଁ ସା'ନ୍ତାଣୀ ସେ ପ୍ରଶ୍ନ ଉଠାନ୍ତିନି । ଏବର୍ଷ କେଉଁଠି ବର ସ୍ଥିର କଲେ ଆସନ୍ତା ବର୍ଷ ବାହାଘର କରିବା ପାଇଁ ବୁଢ଼ାଙ୍କର ଇଚ୍ଛା, ବୁଢ଼ା ଗୁରୁଅଡ଼େ ଏ ବିଷୟରେ ସନ୍ଧାନ ନେବାରେ ବ୍ୟସ୍ତ ।

* * * *

ଶ୍ରୀଚରଣର ଏଇଟା ସେକେଣ୍ଡଇଅର୍ । ଆଗରେ ଯୁନିଭରସିଟି ପରୀକ୍ଷା । ପଢ଼ାପଢ଼ିରେ ସେ ଭାରି ବ୍ୟସ୍ତ । ଅଢ଼େଇ ମାସ ଛୁଟି ତାର ବୃଥା ହୋଇ ଯାଇଛି, ବଙ୍ଗଳା ଗ୍ଲାସ, ନିୟମିତ ରୁଟିନ ପଢ଼ିଲେ ହେବନି । ଗୋଟିଏ ମାସ ଟ୍ୟୁସନ୍ ପରେ ଆଉ ସେ ଟ୍ୟୁସନ କଲାନି । ଅସଲ ପଢ଼ା ସମୟ ଦୁଇଘଣ୍ଟା ଯାଉଥିଲା ଟ୍ୟୁସନ୍‌ରେ । ବାପା ମଧ୍ୟ ରାଜି ହୋଇଥାନ୍ତି ପଚିଶ ଟଙ୍କା ଲେଖାଁ ମାସକୁ ପଠାଇବାକୁ ।

ଶ୍ରୀଚରଣର ଆଦର ବଢ଼ି ଯାଇଛି ବନ୍ଧୁ ସମାଜ ମଧ୍ୟରେ । ଜେଲ୍, ଅନଶନ ତା ଦର ବଢ଼େଇ ଦେଇଛି ବହୁତ । ତା' କଥାର ମୂଲ୍ୟ ମଧ୍ୟ ଅଳ୍ପ ବଢ଼ିନି । କଲେଜ ଇଲେକ୍ସନରେ ସେ ଯାହା ପାଇଁ ପ୍ରଚାର କରୁଛି, ସେ ନିଶ୍ଚୟ ଜିତୁଛି ।

ବେଳେବେଳେ ତା ସାଙ୍ଗ ପିଲାମାନେ ତାକୁ କହନ୍ତି, "ଶ୍ରୀଚରଣ, ତୁମେ ଭବିଷ୍ୟତରେ ମନ୍ତ୍ରୀଟିଏ ହେବ । ଅନ୍ତ କମ୍‌ରେ ଆସେମ୍ବ୍ଲି ମେମ୍ବରଟିଏ ହେବ ।"

ଶ୍ରୀଚରଣ ଆଶ୍ଚର୍ଯ୍ୟ ହୋଇ ପଚାରେ " କାହିଁକି ?"

"ଛାତ୍ରଜୀବନରେ ଯେ ଜେଲ୍ ଯାଏ, ଅନଶନ କରେ ସେ ବଡ଼ହେଲେ ମନ୍ତ୍ରୀହୁଏ··· ।"

"ସବୁ କ୍ଷେତ୍ରରେ କଣ ତାହା ସମ୍ଭବ ?"

"ହିଁ, ବଂଶ ଶତାବ୍ଦୀର ଏଇଟା ଲକ୍ଷଣ······।"

"ଅଚ୍ଛା, ମୁଁ ଯଦି ରାଜନୀତି ନ କରେ ତା ହେଲେ ମନ୍ତ୍ରୀ ତ ହୋଇ ପାରିବିନି······।"

"ରାଜନୀତି ପରା ତୁମକୁ ଟାଣି ନେଇଯିବ । ତୁମର ମତ ବା ଲୋକଙ୍କୁ ରାଜନୀତି କଣ ଅପେକ୍ଷା କରିବ ।"

"ସତେ !" ଆଶ୍ଚର୍ଯ୍ୟ ହୋଇ ପଚାରେ ଶ୍ରୀଚରଣ ।

"ହିଁ ଶ୍ରୀଚରଣ, ତୁମେ ରାଜନୀତିକୁ ଛାଡ଼ିଲେ ମଧ୍ୟ ରାଜନୀତି ତୁମକୁ ଛାଡ଼ି ପାରିବନି । କାହିଁକି ଦୁଃଖ କଣ ! ରାଜନୀତି କରିବା ତ ଏ ଯୁଗରେ ଭଲ······।"

ଶ୍ରୀଚରଣ ଚମକି ପଡ଼େ, ରାଜନୀତି ଭଲ ! ଛିଃ ! ସେ ଉତ୍ତର ଦିଏ, "ରାଜନୀତି କେବେ ଭଲନୁହେଁ, ଏହା ଠିକ୍ ଭଙ୍ଗା ବୁତସହ ସମାନ ।"

"କିଏ କହିଲା ? ମନୁଷ୍ୟତ ଜୀବିବା ନିର୍ବାହ ପାଇଁ ଉପୁଜ ସାଜେ ।"

"ଆଜି ରାଜନୀତିଜ୍ଞ କ'ଣ କରେନ୍ତି ? ସେ ରାଜନୀତି କରେ ଜୀବିକା ନିର୍ବାହ ପାଇଁ, ସ୍ୱାର୍ଥ ଉଦ୍ଦେଶ୍ୟରେ । ଆଜି କମ୍ୟୁନିଷ୍ଟ୍ କାଲି ସୋସାଲିଷ୍ଟ ପଅରଦିନ କଂଗ୍ରେସ । ସାମ୍ୟବାଦ, ସମାଜବାଦ, ପୁଞ୍ଜିବାଦ, ନାଜିବାଦ ବା ଫାସିଷ୍ଟବାଦ ହେଉ ସବୁ ବାଦର ସୃଷ୍ଟି ସ୍ୱାର୍ଥପାଇଁ । ବ୍ୟକ୍ତିର ସ୍ୱାର୍ଥପାଇଁ ସୃଷ୍ଟିହୋଇଛି ନୀତି ଓ ସବୁପ୍ରକାର ବାଦ ।"

ସାଙ୍ଗଟି ଚୁପ୍‌ହୋଇ ଚାଲିଯାଏ, ଶ୍ରୀଚରଣ ମନେ ମନେ ଭାବେ । ସତରେ କଣ ଦିନେ ତାଙ୍କୁ ମନ୍ତ୍ରୀ ହେବାକୁ ପଡ଼ିବ । ଏ ଦେଶର ଶାସକ ହେବାକୁ ହେବ ! ପାଞ୍ଚବର୍ଷ କାଳ ମନଇଚ୍ଛା ଶାସନ ଚଳେଇ, ଜନମତକୁ ଅପେକ୍ଷା ନ କରି ଭୋଟବେଳେ ଘର ଘର ବୁଲି କିଛି କିଛି ଅର୍ଥ ଦେଇ ଆଉ କିଛି ପରେ ଦେବାକୁ ପ୍ରତିଶ୍ରୁତି ଦେଇ ତାଙ୍କୁ ଭୋଟ ଦେବାପାଇଁ ବ୍ୟାକୁଳ ନିବେଦନ କରିବାକୁ ପଡ଼ିବ । ପୁଣି ବେଳଦେଖି ରାଜନୈତିକ ପକ୍ଷପରିବର୍ତ୍ତନ କରିବାକୁ ପଡ଼ିବ ।

ହସିଦିଏ ଶ୍ରୀଚରଣ । ଶୁଖିଲା ହସ । ମନେ ମନେ, ସେ କେବେ ହୋଇ ପାରିବନି ରାଜନୀତିଜ୍ଞ । ସେ ହେବ ଲେଖକ, କବି, ଔପନ୍ୟାସିକ ଓ ବିପ୍ଳବୀ । ସେ ହେବ ବହୁତ ବଡ଼ । ଦୁନିଆଁ ବିଂଶ ଶତାବ୍ଦୀରେ ମଣିଷକୁ ବଡ଼ବୋଲି ଯେଉଁ ଦୃଷ୍ଟିରେ ଦେଖେ ସେ ଦୃଷ୍ଟିରେ ନୁହେଁ ।

ଶ୍ରୀଚରଣ ପରିଶ୍ରମ କରେ । ଅସମ୍ଭବ ପ୍ରକାର ପରିଶ୍ରମ । ଦିନେଦିନେ ରାତିରେ କ୍ଷୁଦ୍ର ଗଳ୍ପ ବା କବିତା ଲେଖେ ।

ଝିଅ ମହଲରେ ତା କଥା ବହୁତ ସମୟରେ ପଡ଼େ । କ୍ଲାସରେ ତାକୁ ଦେଖିଲେ ପରସ୍ପର ଠରାଠରି ହୋଇ ହସୁଥାନ୍ତି ।

ବାଳକା କମନ୍‌ରୁମ୍‌ଦେଇ ସେ ଗଲାବେଳେ ଦଳେ ଝିଅ ତା ଅଡ଼କୁ ଚାହିଁ ଠିଆ ହୋଇଥାନ୍ତି ।

ଶ୍ରୀଚରଣ ଆଶ୍ଚର୍ଯ୍ୟହୁଏ, ଝିଅ ଗୁଡ଼ାକ ତାକୁ ଦେଖିଲେ ଏମିତି ଏବେ ନବରଙ୍ଗ କମାନ୍ତି କାହିଁକି । ବର୍ଷକ ତଳେ ତ କିଛି ନଥିଲା । ବାଳକା କମନ୍‌ରୁମ୍ ନିକଟରେ ତା ପାଦ ଥିର ହୋଇଯାଏ । ଚୁପ୍ ହୋଇ ଚାଲିଯାଏ ସେ ଧିରେ ଧିରେ ।

*　　*　　*　　*

ଶ୍ରୀଚରଣର ଆଜି ମନେ ପଡ଼େନା ମମତା କଥା । ମମତାର କିନ୍ତୁ ମନେପଡ଼େ ବହୁତଥର । ମମତା ଶ୍ରୀପଣି ବ୍ୟସ୍ତ ହୁଏ । ନିଜକୁ ବହୁତ ଅଭିଶାପ ଦିଏ ।

ସେ ଯେଉଁ ବ୍ୟଥା, ବେଦନା ଅନୁଭବ କରେ ତାହା କହନ୍ତା ବା କାହାକୁ । ମନର ବେଦନା ମରିଯାଏ ମନ ମଧ୍ୟରେ । ବ୍ୟଥାହିଁ ରହିଯାଏ ବ୍ୟଥାରେ ।

## ୩୦

ସେଇବର୍ଷ ସେପ୍‌ଟେମ୍ବରମାସ । ବନ୍ୟାର କରାଳ କବଳରେ ଧ୍ୱଂସ ହେଲା ଓଡ଼ିଶାର ଶସ୍ୟାଗାର । ସେ ଅଞ୍ଚଳର ସୁନାର ଫସଲକୁ ନେଇ ଫିଙ୍ଗିଦେଲା ସାଗରର ନିଷ୍ଠୁର କବଳରେ । ସେହି ନିଷ୍ଠୁର ଐତିହାସିକ ବନ୍ୟା ସୃଷ୍ଟିକଲା ଲକ୍ଷ ଲକ୍ଷ ପ୍ରାଣରେ ଦୁଃଖ ଓ କଷ୍ଟର ହାହାକାର ଧ୍ୱନି । ବନ୍ୟା ପରେ ଦେଶରେ ଦେଖାଦେଲା ଅନାହାର, ଦୁର୍ଭିକ୍ଷ ।

ସରକାରଙ୍କ ତରଫରୁ ରିଲିଫ୍ ବିଭାଗ ଉଦ୍‌ଭବ ହୋଇ ଉଠିଲେ । ଗୋଟିଏ ଗୋଟିଏ ଅଞ୍ଚଳରେ ଗୋଟିଏ ଲେଖାଁ ରିଲିଫ୍ ବଣ୍ଟନର କେନ୍ଦ୍ର ଖୋଲାଗଲା ସତ, କିନ୍ତୁ ଅଫିସରମାନଙ୍କର ଅବହେଳା, ମନମୁଖୀ କାରବାର ହେତୁ ବଣ୍ଟନରେ ଅବ୍ୟବସ୍ଥା ଓ ବିଶୃଙ୍ଖଳା ଦେଖାଦେଲା ।

ସେଦିନ ଥାଏ ସୋମବାର । ଦଳ ଦଳ ହୋଇ ଲୋକମାନେ ଫେରୁଥାନ୍ତି ରିଲିଫ୍ କେନ୍ଦ୍ରରୁ । ସାରାଦିନ ଅପେକ୍ଷା ପରେ ଫେରିବାରୁ ପଡ଼ିଥିଲା ନିରାଶ ହୋଇ, ବସ୍ତା ବସ୍ତା ଗହମ ଗଚ୍ଛିତ ହୋଇ ରହିଥାଏ । କିନ୍ତୁ ଉପଯୁକ୍ତ ଦାମ ଦେଇ କିଣିନେବାକୁ ଅଫିସର ଦେଉଥିଲେ ନିର୍ଦ୍ଦେଶ, ଫଳତଃ ଲୋକମାନେ ଏକଯୁଟ୍ ହୋଇ ସ୍ଥିର କରିଥିଲେ କେହି ଛଟାଙ୍କିଏ ହେଲେ ଗହମ ପଇସା ଦେଇ ନ କିଣିବାକୁ । ଶାସକ ଆଉ କୃଷକଙ୍କ ମଧ୍ୟରେ ଗୁଳିଥାଏ ଏକ ବିଭ୍ରାଟ ।

ମମତା ମହାଦେବଙ୍କ ମନ୍ଦିରରୁ ଫେରୁଥାଏ ଘରକୁ । ଦେଖେତ ଶ୍ରୀଚରଣର ବାପା ଖାଲି ଅଖାଟିଏ ଧରି ଫେରୁଛନ୍ତି ଘରକୁ । ମୁଖରେ ହତାଶ ଓ ଦୁଃଖର ଏକ କାଳିମା ଉଜ୍ଜ୍ୱଳ ଦିଶୁଥାଏ । ମମତା ଦେଖିଦେଲା ତାଙ୍କର ମୁଖ ଭଙ୍ଗୀରୁ, ମନଭିତରେ ସୃଷ୍ଟି ହେଲା ସହାନୁଭୂତିର ଏକ ନିର୍ଝର ।

"ମଉଷା, କୁଆଡ଼କୁ ଯାଇଥିଲେ କି·····?"

"ରିଲିଫ୍ ଗହମ ପାଇଁ ମା'··"

"ଆଣିଲେ ନା ?"

"ଆଜି ମିଳିଲାନି, କାଲି ମିଳିବ ବୋଲି ଅଫିସର କହିଲେ", ଶୁଷ୍କ କଣ୍ଠରେ ଉତ୍ତର ଦେଲେ ଶ୍ରୀଚରଣର ବାପ, ମମତା ଦେଖିଲା ଯେଉଁମାନେ ଦୁନିଆକୁ ଲକ୍ଷ ଲକ୍ଷ ମହଣ ଗହମ ଯୋଗାନ୍ତି ଆଜ

ସେମାନେ ମୁଠିଏ ଗୁଜଳ ପାଉ ନାହାନ୍ତି । ବସ୍ତା'ଟି କାଖରେ ଯାକି ଫେରୁଛନ୍ତି ଘରକୁ ବିଫଳ ମନରେ, ସେମାନେ ଦୁନିଆକୁ ପୋଷିବେ ସେଥିରେ ସନ୍ଦେହ କିଛି ହେବନି କିନ୍ତୁ ଦୁନିଆଁ ଆଜି ତାର ପୃଷ୍ଟ ପୋଷକଙ୍କୁ ପୋଷେ ଗୁଜଳ ଦେବାପାଇଁ ସୃଷ୍ଟିକରେ ବିଭ୍ରାଟ, ବିଶୃଙ୍ଖଳା ।

"ଆପଣଙ୍କ ଘରେ କ'ଣ ଆଦୌ ଗୁଜଳ ନାହିଁ ?"

"ଆମ ଘରେ ଗୁଜଳ ନ ଥିଲେ ମଧ୍ୟ ଚଳିବା ପାଇଁ ମୁଗ ବିରି ଅଛି । କିନ୍ତୁ ପ୍ରମିଳାକୁ ଦୁଇତିନି ଦିନ ମଧ୍ୟରେ ତାଙ୍କ ସ୍କୁଲ ହଷ୍ଟେଲ୍‌ରେ ଯିବାକୁ ପଡ଼ିବ ତାର ଅପର ସାଇମେସ୍ତ୍ରୀ ଦୃଷ୍ଟି ପରୀକ୍ଷା ଅଳ୍ପ ଦିନ ଅଛି । ସେ ଠିକେ ହଷ୍ଟେଲ୍‌ରେ ରହିଲେ ପଢ଼ାପଢ଼ିର ସୁବିଧା ହେବ । ତେଣୁ ଗୁଜଳ କିଛି ଦରକାର । ଆମର ତ ଏଠି କେହି ପୋଷେ ଗୁଜଳ ଦେଉନାହାନ୍ତି କି ଶଲ୍ଲୁ ନାହାନ୍ତି । ସୁନା ଜିନିଷ କିଛି ବନ୍ଧା ଦେଲେ ଦୁଇଗୁର ଗୌଣି ମିଳିପାରେ । ଆମ ଘରେ ସେମିତି ତ କିଛି ସୁନା ଅଳଙ୍କାର ନାହିଁ । ତେଣୁ ଯାଇଥିଲି ଷ୍ଟଲ୍‌ପ୍ କେନ୍ଦ୍ରକୁ ଯଦି ବା କିଛି ଗୁଜଳ ମିଳିଥାନ୍ତା ହେଲେ ତା ଭାମଟା ଚଳିଯାଇଥାନ୍ତା..."

ଏମିତି କେତେକ ମାମୁଲି କଥାବାର୍ତ୍ତା ହେଲା ମମତା ଆଉ ଶ୍ରୀଚରଣର ବାପାଙ୍କ ଭିତରେ । ତାପରେ ମମତା ଗୁଳିଗଲା ତା ନିଜ ବାଟରେ ।

ଦୁନିଆର ଯାର କାନ ଥାଏ ସେ ପାଏନା ପିନ୍ଧିବାକୁ ସୁନାର ଅଳଙ୍କାର । ଯାର ସୁନା ଥାଏ ସେ ପାଏନା ଉପଯୁକ୍ତ କାନ । ସୁନା ଏବଂ କାନର ସମନ୍ୱୟ କେବେ ହୋଇ ପାରେନା ଏ ନିର୍ମମ ଦୁନିଆଁ ବକ୍ଷରେ ।

ପିଲଟାଏ ପାଏନା ବୁଲି ଭଳି ଗୌଣି ଗୃହଜଳ । ହଷ୍ଟେଲ୍‌ରେ ରହି ଦମାସ ପାଠ ପଢ଼ିବାକୁ ଗୃହଜଳ ପାଇଲେ ସେ ପଢ଼ି ଦଅନ୍ତା ବୃତ୍ତି ପରୀକ୍ଷା । ଜଣେଇ ଦଅନ୍ତା ହିଁଅ ହେଲେ ସୁଦ୍ଧା ସେ ମଧ୍ୟ ପ୍ରତିଯୋଗୀତାରେ ଶତ ଶତ ପୁଅକୁ ଅନାୟାସରେ ପରାଜିତ କରିପାରେ । ସାମାନ୍ୟ କେତେ ଗୌଣୀ ଗୃହଜଳ ଠିଅହୁଏ ତାର ଗତି ପଥରେ । ମାତ୍ର ଏ ଦେଶରେ ମଧ୍ୟ ପିଲା ଅଛନ୍ତି ଯେ ଗୌଣୀ ଗୌଣୀ ଅର୍ଥ ବ୍ୟୟ କରି ପରୀକ୍ଷାର ସମ୍ମୁଖୀନ ହବାକୁ ସୁଦ୍ଧାବାବସ୍ଥାର ମସ୍ଗୁଲ । ଏଇତ ସ୍ୱାଧୀନ ଦେଶର ପ୍ରତିଦାନ ! ତୁମେହିଁ ଏକା ମଣିଷର ସନ୍ତାନ । ଗୋଟିଏ ପ୍ରକୃତିର ରକ୍ତ ଓ ମାଂସ ଉଭୟଙ୍କ ଧମନୀରେ ପ୍ରବାହିତ । କିନ୍ତୁ ଜଣେ ବଢ଼ିଛି ବିଳାସର ବେଷ୍ଟନୀ ମଧ୍ୟରେ ଓ ଅନ୍ୟ ଜଣେ ଦୁଃଖ କଷ୍ଟରେ ହା ହୁତାଶ ମଧ୍ୟରେ । ତଥାପି ଏ ଦେଶର ଶାସନ ଗୋଷ୍ଠୀ ଗର୍ବକରି ଘୋଷଣା କରୁଥିବେ ଯେ ଦେଶକୁ ସମ୍ୟବାଦ ଢାଞ୍ଚାରେ ଗଢିନେବା ପାଇଁ ଆମେ ରକ୍ତ ଦେଉଛୁ । ଆମର ଜୀବନ ସଳିତାକୁ ତିଳ ତିଳ କରି ଯାଳି ଧ୍ୱଂସ କରୁଛୁ । ଆମେ ତ୍ୟାଗୀ ! ଆମେ ସର୍ବଭାରତୀୟ ନେତା । ଆମର ପ୍ରତି ରକ୍ତ ବିନ୍ଦୁରେ ମହାଭାରତୀୟ ପ୍ରେମ ବହ୍ନି ଜାଜ୍ୱଲ୍ୟମାନ ।

ମମତା ମନରେ ଭାରି କଷ୍ଟହେଲା । କିପରି ସେ ପ୍ରମିଳାକୁ ସାହାଯ୍ୟ କରନ୍ତା ! ଗୃହଜଳ ତ ନିଜେ ନେଇ ପାରିବ ନାହିଁ । କେମିତି ବା ଘରକୁ ନେବ ? ଯଦି କିଏ ଦେଖେ ସର୍ବନାଶ । ସୁନା ହେଲେ ବନ୍ଧାଦେଇ ଗୃହଜଳ ମିଳାପାରନ୍ତା ବୋଲି ଶ୍ରୀଚରଣର ବାପା କହୁଥିଲେ । ସୁନା ବା କାହିଁ ?

ଶେଷରେ ସ୍ଥିର କଲା ନିଜ ନେକ୍‌ଲେସ୍‌ଟା ନେଇ ତାଙ୍କ ଘର ଦ୍ୱାର ମୁହଁରେ ଫୋପାଡ଼ି ଦେଇ ଆସିବ । ହାତରେ ଦେଲେ ଖାଲେ ନ ନେବେ ।

ରାତି ସେତେବେଳକୁ ଅଧ । ଗୁରୁଅଟେ ଜାଣନ୍ତି । ଶ୍ରୀଚରଣର ବାପାଙ୍କ ସୋଇବା ଘର ଦ୍ୱାର ମୁହଁରେ ମମତା । ଦେଖୁଥାଉଥାଏ । ପ୍ରଥମେ ସ୍ୱପ୍ନର ଝରକା ବାଟଦେଇ ଫୋପାଡ଼ି ଦେବ । ପୁଣି ପରେ ଭୟହେଲା । ଯଦି କିଏ ଶୁଣେ । ଉଠିବ । ତାଲେ ଅଙ୍କୁ ଖୋଲି ଖୋଲି ମହାଦେବ ବାହାରବେ ନେକ୍‌ଲେସ୍‌ଟି ବେକରୁ କାଢ଼ିଲା ମମତା ହସି ହସି । ଦ୍ୱାର ମୁହଁରେ ଥୋଇଦେଇ ପଳାଇଲା ।

ପରଦିନ ସକାଳ । ବୋଉଙ୍କ ଡମ୍ବଟାଏ ନେଇ ବାଡ଼ ବସାରେ ଥୋଇ ଦେଇ ଫେରୁଥାଏ । ବାଡ଼ ଡମ୍ବ ଫୁଟାଇବ କୁଅଟି ହେବ କାନ୍ଦୁ ବୋଉଲର ।

ଶ୍ରୀଚରଣର ବାପାଙ୍କ ନିଦ ଭାଙ୍ଗିଗଲା । ବାହାରକୁ ଉଠି ଦେଖନ୍ତି ଲକ୍ଷେ ସୂର୍ଯ୍ୟର ଜ୍ୟୋତି ଧରି ଗୋଟିଏ ସ୍ୱର୍ଣ୍ଣହାର ଝଟକୁଛି । ବୃଦ୍ଧ ଅବାକ୍ । କିଏ ତାହେଲେ ହାରଟି ପକାଇ ଗଲା ! ଏତେ ବଡ଼ ହାରଟାଏ ପକାଇଯିବ କିଏ ! ବୋଧେ ଭଗବାନ ବିପଦ ବେଳେ ଦେଇଗଲେ ।

ହାରଟି ଉଠାଇ ନେଲେ ବୃଦ୍ଧ । ଘରେ ଯାଇଁ ଡାକିଲେ ସ୍ତ୍ରୀକୁ । ସ୍ତ୍ରୀ ଦେଖି ଆନନ୍ଦ । କୁଇ ଭରର ସ୍ୱର୍ଣ୍ଣହାର । ଦାନ ବା ଏସ୍ଥଳରେ କିଏ କରିଯାନ୍ତା ! ନିଶ୍ଚୟ ଭଗବାନ ଦେଇ ଯାଇଛନ୍ତି ।

ଦୁଇ ପ୍ରାଣୀଙ୍କର ଅତି ଲୋଭ ହେଲା । ହାରଟିକୁ ଅତି ଯତ୍ନରେ ରଖିଦେଲେ ଆଲମିରାରେ । ଶ୍ରୀଚରଣ ବାହାଘରକୁ ବୋହୂକୁ ଉପହାର ଦେବେ ।

* * * *

ଶ୍ରୀଚରଣର ସେଣ୍ଟଅପ୍ ପରୀକ୍ଷା ଫଳ ବାହାରିଲା । ସପ୍ତାହକ ପରେ ନିତାନ୍ତ ପକ୍ଷେ ଦେଢ଼ଶ ଟଙ୍କା ଅବଶ୍ୟକ । ପରୀକ୍ଷା ଫିସ୍,

ଦରମା, ହଷ୍ଟେଲ ଖର୍ଚ୍ଚ ଇତ୍ୟାଦି ସବୁ ଦେବାକୁ ପଡ଼ିବ ଏକାଥରିକେ । ଘରକୁ ଆସିଥାଏ ଶ୍ରୀଚରଣ ଟଙ୍କା ପାଇଁ, ବାପା ତାର ଯେତେ ଚେଷ୍ଟା କଲେ ମଧ୍ୟ ଯୋଗାଡ଼ କରିପାରିଲେନି । ଫସଲ ତ ସବୁ ପ୍ରବଳ ବନ୍ୟା ଛଡ଼େଇ ନେଇଥାଏ । କୃଷିର ଫସଲ ବ୍ୟତୀତ ଅନ୍ୟ ବା ସମ୍ବଳ କ'ଣ ?

ଟଙ୍କା ଯୋଗାଡ଼ ନ କଲେ ପରୀକ୍ଷା ଦେଇ ହେବନି । ସେ ଏକପ୍ରକାର ଜୀବନ ମରଣ ସମସ୍ୟା । କିଛି ଉପାୟ ନ ପାଇ ସେ ହାରଟି କାଢ଼ିଲେ ଶ୍ରୀଚରଣ ବୋଉ ଆଲ୍‌ମିରାରୁ । ହସି ହସି କହିଲେ, "ନେ ରେ ବାପ, ବୋହୂଟି ପାଇଁ ଗଢ଼େଇଥିଲି···"

ଶ୍ରୀଚରଣ ନାଚାର, ନ ନେଲେ ବାଟ ନାହିଁ ।

ମା' ଅତି ସ୍ନେହରେ ଗଢ଼େଇଥିଲେ ଜିନିଷଟି ବୋହୂପାଇଁ, କିନ୍ତୁ ବୋହୂ ଉପଭୋଗ ନ କରି ପୁଅ କରିବ ଏଟି କ'ଣ ?

ଶ୍ରୀଚରଣ ସ୍ଥିର କଲା ହାରଟି ବିକିଦେଲେ ସରିଯିବ, ବନ୍ଧା ଦେଇ ଟଙ୍କା ନେଇଥିଲେ ବରଂ ମହାଜନ ଠାରୁ ହାରଟି ଫେରି ଆସି ପାରେ ।

କଟକରେ ତ ସେ କୌଣସି ମହାଜନକୁ ଚିହ୍ନେନି । ଏଠି ଚେଷ୍ଟା ନ କରି କଟକ ନେଲେ କାଳେ ନ ମିଳିବ ! କଟକରେ ମଧ୍ୟ ଠକେଇରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ।

ଘର ପାଖରେ ତ କାଳୀବାବୁଙ୍କ ବ୍ୟତୀତ ଅନ୍ୟ କେହି ଜମିଦାର ନାହାନ୍ତି । ଶ୍ରୀଚରଣ ସ୍ଥିର କଲା ତାଙ୍କର ନିକଟକୁ ଯିବ, ଯାଉ କଣ ? ହକ୍ ଜିନିଷ ଦେବ ଜିନିଷ ଅଣିବ ।

ସେ ତ ମାଗିବାକୁ ଯାଉନି । ଦେବ ସେତେ ଅଣିବ ଛନିପା, ନହେଲ ଅଧସେରେ, ଏଥିରେ ବା ଗୋଟେ ଲଜ୍ଜ୍ୟା କଣ ? ସେ କହିବ 'ଆପଣଙ୍କ ପାଖରେ ଟଙ୍କା ଅଛି, ମୋତେ

ଟଙ୍କା ଧଅ । ଦେଢ଼ଶ'ଦଅ ଅଭ ବୁଇଶ' ଟଙ୍କାର ସୁନା ନିଅ । ଯଦି ଦୁ'ମାସରେ ସେ ନ ଦଅନ୍ତି ତାହାଲେ ଫେରି ଆସିବ । ଏଥିରେ ଭଣି ତାର ଆତ୍ମ-ସମ୍ମାନ ହାନି ହେବ । ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିବ । ନାଁ କେବେ ନୁହେଁ ।

ବହୁତ ଭାବ ଚିନ୍ତି ସ୍ଥିର କଲା ଶ୍ରୀଚରଣ । ଜମିଦାର ବାବୁଙ୍କ ଘରକୁ ଯିବ ଟଙ୍କା କରଜ ଆଣିବା ଉଦ୍ଦେଶ୍ୟରେ ।

## ନଅ

ସେଦିନ ଠିକ୍ ସନ୍ଧ୍ୟା । ହାତଟି ପକେଟରେ ପୂରେଇ ଶ୍ରୀଚରଣ ଗଲା ଜମିଦାରଙ୍କ ଘରକୁ । ଇତ ମଧ୍ୟରେ ସେ ମମତାକୁ ପ୍ରାୟ ପଢ଼ଇଅଣା ଭୁଲି ଯାଇଥି ।

ବୁଢ଼ା ବାବୁଅଜେ ଥାନ୍ତି । ପ୍ରଥମେ ସେନା ଦେଖିଲା ଶ୍ରୀଚରଣକୁ । ମାନ୍ୟ ସତ୍କାରରେ ନେଇ ବୈଠକ ଘରେ ବସାଇଲା । ଖବର ପାଇ ଜମିଦାର ଆସି ଦେଖନ୍ତି ତ ପୂର୍ବ ପରିଚିତ 'ଶ୍ରୀଚରଣ' ନମସ୍କାର କଲା ଶ୍ରୀଚରଣ, 'କିରେ ବାବା ଭଲ ତ ?'

ହଁ ଆଜ୍ଞା. ଆପଣମାନଙ୍କ କଲ୍ୟାଣରୁ ଏକ ପ୍ରକାର···

"କୁଆଡ଼େ କେମିତ ଏତିକି ଚାଲି ଆସିଲୁ ?"

"ଆପଣଙ୍କ ନିକଟରେ କାମ ଅଛି ।"

'ମୋ ନିକଟରେ ।'

,'ହଁ ଆଜ୍ଞା''

'ଭଣ କହନ୍ତୁ ।'

'ମୋ ପରୀକ୍ଷା ଅଳ୍ପ ଦିନ ଅଛି, ଟଙ୍କା ଦେବାକୁ ଦରକାର, କେଉଁଠୁ ତ ମିଳୁନି । ଆପଣ ଏ ହାରଟା ରଖି ମୋତେ ଦେଇ-ଥାନ୍ତୁ. ।" ବିନୟ ଭାଷାରେ କହିଲା ଶ୍ରୀଚରଣ ।

ଏତେ ବଡ଼ ସୁନ୍ଦର ସୁନାହାର ଦେଖି ଜମିଦାର ବାବୁଙ୍କର ସନ୍ଦେହ ହେଲା । ସେ ଭଲ ଭାବେ ନିରୀକ୍ଷଣ କଲେ, ଦେଖନ୍ତି ତ ତାହା ମମତା ହାର । ତାଙ୍କ ଛାତି ଭିତରେ ଧପ୍ ଧପ୍ ହୋଇ ପଡ଼ୁଥାଏ ଉଠୁଥାଏ । 'ଅଚ୍ଛା ତୁମେ ଟିକେ ବସ, ମୁଁ ଦେଖେ କେତେ ଟଙ୍କା ଅଛି ।' ଏତକ କହି ଜମିଦାର ବାବୁ ଚାଲିଗଲେ ଘର ଭିତରକୁ । ସେ ଖୋଜିଲେ ମମତାକୁ । ମମତା ଶ୍ରୀଚରଣ ଆସିବା ବିଷୟ ଜାଣି ନ ଥାଏ, ଫ୍ଲାଟ ବଗିଚାଟିରେ ବୁଲୁଥାଏ ମମତା । ସାଂଧ ପବନ ସେବନ କରିବା ଉଦ୍ଦେଶ୍ୟରେ, "ମମତା" ଜମିଦାର ବାବୁ ଡାକିଲେ ।"

ବାପାଙ୍କୁ ସନ୍ଧ୍ୟାବେଳେ ବଗିଚାରେ ଦେଖି ମମତା ଚମକି ପଡ଼ିଲା । "ଆଜ୍ଞା" ଅଜଣା ଆଶଙ୍କାରେ ଉତ୍ତର ଦେଲା ମମତା

"ମା, ସେ ତୋ ବଡ଼ ସୁନା ହାରଟା କାହିଁକି ପିନ୍ଧୁନୁ··· ?" ଚତୁର ଭାବରେ ପଚାରିଲେ ଜମିଦାର ବାବୁ । ରଖିଦେଇଚି ବାକ୍ସରେ···ମମତାର କଣ୍ଠରେ ପୂର୍ବ ଅସୁଥିଲା ଭୟ ଓ ଅଶଙ୍କା

ଜମିଦାର ବାବୁ ସର୍ପ ପରି ହଠାତ୍ ଫେରି ପଶିଲେ ଗୃହ ମୁଖରେ । ବାକ୍ସ ଦେଖନ୍ତି ତ ହାର ନାହିଁ, ତାହାଲେ ନିଶ୍ଚୟ କୌଣସି ଉପାୟରେ ଶ୍ରୀଚରଣ ବା ତାର କେହି ଆତ୍ମୀୟ ହାରଟା କେଉଁଠୁ ଚୋରାଇ ନେଇଥିଲେ ।

"ସନା ! ସନା ! ଗର୍ଜି ଉଠିଲେ ଜମିଦାର ବାବୁ । ଶିକାର ପାଇଛନ୍ତି ଅତି ପାଖରେ, ଆଉ କି ଛାଡ଼ନ୍ତି, 'ଆଜ୍ଞା' ସନା ହାଜର ହେଲା ।

"ବୈଠକ ଘର ଭୁଇପାଖ ଦରଜା ବାହାରୁ ବନ୍ଦ କରଦେ। ଅଜ ଶୀଘ୍ର ଚଉକିଆକୁ ଡାକେ, ଏ ଗ୍ରେହ ମୋ ମମତାର ହାର ନେଇ......"

❋ ❋ ❋ ❋

ସେଇଦିନ ରାତି ପ୍ରାୟ ଅଠଟା । ଚୌକିଆ ଅସି ଖବରଦେଲା ଥାନାରେ । ରାତିଏ ରାତିଏ ଭନଟା ପୋଲିସ ଗଲେ ଶ୍ରୀଚରଣକୁ ହାତକଡ଼ି ଦେଇ ଥାନାକୁ ଆଣିବାକୁ ।

ଦାରୋଗା ବାବୁଙ୍କର ମନେ ପଡ଼ିଲା ସତ୍ୟାଗ୍ରହ କଥା । ଶ୍ରୀଚରଣ ଉପରେ ତାଙ୍କର ପୂର୍ବରୁ ତ ବହୁତ ରାଗ ଥିଲା । ପୋଲିସକୁ ହୁକୁମଦେଲେ ତାକୁ ଆଜି ଥାନାରେ ନ ରଖି ତାଙ୍କର ଘରେ ପହଞ୍ଚାଇ ଦେବାକୁ ।

ସେଇ ରାତିରେ ଶ୍ରୀଚରଣକୁ ହାତକଡ଼ି ଦେଇ ଫେରିଲେ ପୁଲିସ । ବାଟ ପ୍ରାୟ ପାଞ୍ଚ ମାଇଲ୍ । ଶ୍ରୀଚରଣର ହାତରେ ବେଡ଼ି । ମହାନଦୀରେ ଚାଲୁଥିବା ବେଳେ ତାର ମନେ ପଡ଼ୁଥାଏ ସତ୍ୟାଗ୍ରହ କଥା ।

ତାର ଚକ୍ଷୁରେ ପଡ଼ି ଯାଉଥାଏ ଲୁହ । ପାଦ ଅବଶ ହୋଇ ପଡ଼ୁଥାଏ କିନ୍ତୁ ପୋଲିସର ଧକ୍କା ଓ ଟଣା ଓଟାରରେ ତାର ପାଦକୁ ବାଧ୍ୟ କରୁଥାଏ ଅଗେଇ ଯିବାପାଇଁ ।

ଦାରୋଗା ମିଃ ମହାନ୍ତି ଙ୍କ ନିର୍ଦ୍ଦେଶାନୁଯାୟୀ ଶ୍ରୀଚରଣକୁ ଦାରୋଗାଙ୍କ ବସାରେ ଗୋଟିଏ ଛୋଟ କୁଠରିରେ ତାଲା ପକାଇ ଦିଆହେଲା । ଦାରୋଗାବାବୁ ସେତେବେଳକୁ ନିଦ୍ରାଗତ ।

ପରଦିନ ସକାଳ, ଦାରୋଗାଙ୍କ ଘରେ ଗୋଟାଏ ଚହଲ ସୃଷ୍ଟି । ଜଣେ କଲେଜ ପିଲା ସୁନାହାର ଚୋରି କରିଛି ! କିଏ ଘୃଣା ନ କରିବ ?

ଦାରୋଗା ବାବୁଙ୍କର ପୁଅ କୁମୁଦ ବାବୁ ଓ ଝିଅ ଉଲି ଥରକା ଦେଇ ବାରମ୍ବାର ଚାହୁଁଥା'ନ୍ତି ଶ୍ରୀଚରଣକୁ । ଶ୍ରୀଚରଣ ମୁହଁ ଲଜ୍ୟାରେ ଝାଉଁଳି ପଡ଼ୁଥାଏ । ସେ ଠିକ୍ ସାଜିଥାଏ ଚିଡ଼ିଆଖାନାର ଗୋଟିଏ ପଶୁ ।

ଦିନ ପ୍ରାୟ ୧୨ଟା ବେଳେ ଚାକର ଦ୍ୱାରା ଭାତ ପଠାହେଲା ସେ ରୁମ୍‌କୁ । ଶ୍ରୀଚରଣକୁ ଭାରି ଭୋକ ହେଉଥାଏ କିନ୍ତୁ ଖାଇବାକୁ ଆଉ ଇଚ୍ଛା ନ ଥାଏ । ଯାହା ବା ଦି'ଟା ଖାଇଥାନ୍ତା ବାବୁଙ୍କ ପୁଅ ଆସି ଦ୍ୱାର ମୁହଁରେ ଠିଆହେଲେ ଲକ୍ଷ କରିବାକୁ ଚୋର କିମିତି ଖାଏ ।

ଦିନ ଗଲା । ରାତି ଆସି ପହଞ୍ଚେ ହେଲା । ତଥାପି ଦାରୋଗା-ବାବୁ ଏପର୍ଯ୍ୟନ୍ତ କୌଣସି ଚାଲାଣ କରି ନାହାନ୍ତି । ଦିନସାରା ଭାବୁଥାନ୍ତି କେମିତି କେଉଁ ଦଫାରେ କେସ୍ କଲେ ଶ୍ରୀଚରଣ ଭଲ ରକମ ଜବତ ହେବ ।

ଶ୍ରୀଚରଣ ବସିଥାଏ । କୁମୁଦ ବାବୁ ନିଜେ ଗୋଟାଏ ପ୍ଲେଟରେ ଭାତନେଇ ତାଙ୍କ ଆଗରେ ଥୋଇ ଦେଲେ । ସାଙ୍ଗେ ସାଙ୍ଗେ ରୁମ୍‌ରୁ ବାହାରି ଅସ୍ପୁ ଅସ୍ପୁ କହିଲେ, ପାଠ ପଢିବା ସହ, ଝିଅମାନଙ୍କ ବେକରୁ ହାର ଚୋରି ମଧ୍ୟ ପଢ଼ା ଚାଲିଥିଲା ।"

କବାଟଟିର ଜଞ୍ଜିର ବାହାରୁ ଦେଇ ଚାଲିଗଲେ କୁମୁଦବାବୁ, ଆଉ ବାଙ୍କକରି ଦେଇଗଲେ ଶ୍ରୀଚରଣ ବୁକୁରେ ଶତ ସହସ୍ର ଶାସ୍ତ୍ର ତୀର । ଏତକରେ ତାର କ୍ଷୁଧା ମେଣ୍ଟିଗଲା ।

ସମସ୍ତେ ସେତେବେଳକୁ ଶୋଇ ସାରିଲେଣି । ଅନ୍ୟ ଘରେ ଶୋଇଥାଏ ଉଲି, ତାକୁ ନିଦ ହେଉ ନଥାଏ । ଦୁଇଦିନ ହେଲା ଜଣେ ଜଣେ କିଛି ଖାଇନି । ଚୋରହେଲେ ମଧ୍ୟ ସେ ତ ମଣିଷ ଶିକ୍ଷିତ ଯୁବକ ।

ହଠାତ୍ କବାଟଟା ଖୋଲି ପଶି ଆସିଲେ ଦାରୋଗା ବାବୁ ।
"କହୋ ନେତା ! ଏଇ ତୁମର ପରିଚୟ !" ମିଃ ମହାନ୍ତିଙ୍କ ଅନ୍ତରରେ ଓ ବାହାରରେ ପୂରି ଉଠୁଥିଲା ଖାଲି ବିଦ୍ରୂପର ଲହଡ଼ି ।

ଶ୍ରୀଚରଣ ନିରୁତ୍ତର—

ଦାରୋଗା ବାବୁ ଦେଖିଲେ ଶ୍ରୀଚରଣ କିଛି ଖାଇନି ।

"କ'ଣ ପୂର୍ବପରି ଏଥର ମଧ୍ୟ ଅନଶନ, କେଉଁ ସର୍ତ୍ତରେ ? ଶୀଘ୍ର ଘୋଷଣା କର । ତୁମେ ତ ଏକାଧାରରେ କବି, ବିପ୍ଳବୀ ଆଉ......"ହସି ହସି ଉଠିଲେ ଦାରୋଗାବାବୁ ଏକ ନାଟକୀୟ ଢଙ୍ଗରେ ।

"ଆପଣ ବିଦ୍ରୂପ କରନ୍ତୁନି ଆଜ୍ଞା ।.........କବିହୁଏ, ବିପ୍ଳବୀ ହୁଏ ବା ଆଉ ଯାହାହୁଏ ଆପଣ ମୋତେ ଗିରଫ କରି ଆଣିଛନ୍ତି, କାଲି ସନ୍ଧ୍ୟାଠାରୁ ଏ ପର୍ଯ୍ୟନ୍ତ ଏମିତି ଅଟକାଇ ରଖିବା କଣ ଆଇନ୍......"... । ଶ୍ରୀଚରଣର ସ୍ୱର ଧିରେ ଧିରେ ଦବି ଆସୁଥିଲା ।

"ଆଇନ ! ମଣିଷ ଗଢ଼ିଛି ଆଇନ । ସେଇ ମଣିଷ ତାକୁ ବେଆଇନ୍ କରୁ ।

ବିପ୍ଳବଦନର ଶ୍ରୀଚରଣର ଉକ୍ତିକୁ ପୁନରାବୃତ୍ତି କଲେ ଦାରୋଗା ବାବୁ, ଶ୍ରୀଚରଣ ନିରୁତ୍ତର ।

ଦାରୋଗାବାବୁଙ୍କ ନିଦ ଘାରି ଆସୁଥିଲା, ସେ ଆଉ ବିଦ୍ରୂପ କରିବାକୁ ସମୟ ପାଇଲେନି । ଫେରି ଯାଉଁ ଯାଉଁ କହିଗଲେ ।

"ଅଚ୍ଛା, କାଲି ମୁଁ ସକାଳୁ ତୁମକୁ ପଠାଇ ଦେଉଛି ଉପଯୁକ୍ତ ଆଇନ୍ ପାଖକୁ ସେଇଠି କବିହେବ, ନେତା ସାଜିବ, ଆଇନ୍ ଖୋଜିବ......।"

ହାଜତଟା ପୁଣି ବାହାରୁ ବନ୍ଦ ହେଲା ।

ଲଣ୍ଠନଟି ଟିକିଏ ଜାଳିଦେଲା ଶ୍ରୀଚରଣ, ଦେଖିଲା ଘଡ଼ିଏ ଶୋଇବାକୁ, ମାତ୍ର ନିଦ ହେଲାନି ।

ଘଣ୍ଟାକ ପରେ ପୁଣି କବାଟଟି ଖୋଲିଗଲା, ଘର ଭିତରକୁ ପଶି ଆସିଲା ଡଲି । ଶ୍ରୀଚରଣ ଚମକି ପଡ଼ିଲା, ତେଜି ଦେଲା ଲଣ୍ଠନଟି । ଡଲିକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇ ଠିଆ ହେଲା ।

"ଶ୍ରୀଚରଣ ବାବୁ, ଆପଣ ଦୁଇଟି ଦିନ ଅଖିଆ ଅପିଆରେ କଟାଇଲେ ?" ଟିକେ ସଙ୍କୋଚ ନକରି ଆରମ୍ଭ କଲା ଡଲି, ସମସ୍ତେ ସେତେବେଳକୁ ନିଦ୍ରାରେ ଅଚେତନ ।

"ତୁମେ ତାହେଲେ କିଏ ଆସିଲ ବାବା ଓ ଭାଇଙ୍କ ପକ୍ଷ ଜେରା କରିବାକୁ ?" ଅର୍ଦ୍ଧ କଣ୍ଠରେ ବିରକ୍ତ ହୋଇ ପଚାରିଲା ଶ୍ରୀଚରଣ ।

"ନାଁ, କ୍ଷମା କରିବେ, ଆପଣ ଦି'ଟା ଖାଇଦିଅନ୍ତୁ ଆଉ ପଳାଇଯା'ନ୍ତୁ ଏଠୁ, ମୁଁ ଝରକାଟି ଦେଇଦେବି, କେହି କିଛି ଜାଣି ପାରିବେନି ।" କହିଲା ବାଳିକା ପରି କନ କନ ହୋଇ ଅଦେଶ ଦେଲା ଡଲି ଶ୍ରୀଚରଣ ଆଶ୍ଚର୍ଯ୍ୟ ହେଲା । ଏ କଣ ଦାରୋଗା ବାବୁଙ୍କ ଝିଅ । ତାଙ୍କର ରକ୍ତରେ କଣ ଏ ଚଢ଼ା ! ସନ୍ଦେହ ହେଲା ଶ୍ରୀଚରଣ । କୁମୁଦ ବାବୁ ଓ ଡଲି । ଭାଇ ଭଉଣୀ । ଏକ ରକ୍ତରୁ ଦୁହେଁ ଜଣ ଜନ୍ମ ତାହେଲେ ଜଣେ କାହିଁକି ମାନବ । ଅନ୍ୟ ଜଣେ ଦାନବ ।

"ମୁଁ ପଳାଇଯିବି, କୁଆଡ଼କୁ ? ପଳା'ଇବାଟା ମୋ ପକ୍ଷରେ ବରଂ ବେଶି ବିପଦଜନକ ।"

"ଅଚ୍ଛା ଦିଟା ଖାନ୍ତୁ" ।

"ମୁଁ ଖାଇବ । ଦାରୋଗା ମିଶ୍ର ମହାନ୍ତିଙ୍କ ବସାରେ ଖାଇବ ଶ୍ରୀଚରଣ, ଖାଇ ପାରିବନି ମୁଁ ଡଲି । ତୁମ ବସାରେ ଭୋକ ହେଲେ ମଧ୍ୟ ଆଦୌ ଇଚ୍ଛା ନାହିଁ ।"

"ଶ୍ରୀଚରଣ ବାବୁ, ଆପଣ ଯୁବକ, ନ ଖାଇ ନ ପିଇ ପଢ଼ିରହିବେ ଏଇ କୁଠରିରେ, ଆଜି ମୁଁ...... । ଆପଣଙ୍କର କେହି ନ ହେଲେ ମଧ୍ୟ ଜଣେ ନାରୀ । ବାପା, ଭାଇ ପୁରୁଷ, ସେମାନେ ବା କାହୁଁ ବୁଝିବେ ଆପଣଙ୍କର ମନ କଥା । ଆପଣ ଦିଟା ଖାଇ ଦିଅନ୍ତୁ ମୋ ସାମନାରେ । ନଚେତ୍ ମୋତେ ନିଦ ଲାଗିବନି । ଆଉ ପାଖ କୁଠରିରେ ସାରା ରାତି ମୁଁ ମଧ୍ୟ ପଡ଼ି ରହିଥିବି"

ଶ୍ରୀଚରଣର ହୃଦୟ ନଇଁ ପଡିଲା ଏଇ ବାଳିକାର ହୃଦୟ ନିକଟରେ । ନାରୀହିଁ ଜାଣେ ଦୟା, ମାୟା ସ୍ନେହ ଓ ଭକ୍ତି । ପୁରୁଷର ମନକଥା କା ଜାଣେନାରୀ କିନ୍ତୁ ପୁରୁଷ ନୁହେଁ ।

"ତା କେବେ ହୋଇ ପାରିବନି ଡଲି । ତୁମର ଏ ଅଯାଚିତ ଆଦର ଓ ଅଭ୍ୟର୍ଥନାରେ ମୁଁ ଆନନ୍ଦିତ ହେବା ପରିବର୍ତ୍ତେ ବରଂ ଦୁଃଖିତ । କାରଣ ତୁମର ଆଦର ଓ ଅଭ୍ୟର୍ଥନାର ପାତ୍ର ନୁହେଁ ମୁଁ...... । ମୁଁ ଅଳ୍ପ ବର୍ଷକତଳର କବି ନୁହେଁ । ବିପ୍ଳବୀ ନୁହେଁ । ଏକ.........." ଶ୍ରୀଚରଣର ଚକ୍ଷୁରୁ ଲୋତକଧାର ବହିବାକୁ ଲାଗିଲା ।

"କାନ୍ଦନ୍ତୁନି ଶ୍ରୀଚରଣ ବ'ବୁ । ଯାହା ଭାଗ୍ୟରେ ଥାଏ । ତେବେ ଆପଣ ଏପରି କର୍ମ କିପରି କଲେ ?"

"ଡଲି ତୁମେ କଣ ସେଇଆ ଅନୁମାନ କରୁଛ ? ଜଣେ ସ୍ତ୍ରୀର ଗଳାରୁ ମୁଁ ଅପହରଣ କରିଛି ସ୍ୱର୍ଣ୍ଣହାର ! ଶୁଣିବ ! ଶୁଣିବ ଡଲି ! ମୁଁ ହାର ବିଷୟରେ କିଛି ଜାଣେନା । ମା ମୋତେ ଦେଲେ ଏବଂ ଦେଲାବେଳେ କହୁଥିଲେ କେହି ପାଇଁ ସେଇଟା ଗଢା ହୋଇଥିଲା । ଘରେ ଟଙ୍କା ଅଦୌ ନ ଥିଲା । ମୁଁ ଜମିଦାରଙ୍କ ଘରକୁ ନେଇଥିଲି ତାହା ବନ୍ଧା ଦେଇ କିଛି ଟଙ୍କା ଆଣିବା ପାଇଁ । ମୋ ପରୀକ୍ଷା ଫିସ୍ ବାବଦକୁ..."

"ମା' ତାହେଲେ କଣ ପ୍ରକୃତରେ ଗଢ଼େଇଥିଲେ ?"

"ମୁଁ ଜାଣେନା ଭାଇ । ମା ଗଢ଼େଇଥିଲେ କି ବାପା ଗଢ଼େଇ ଥିଲେ । ତେବେ ୨ଭରି ଓଜନର ଏକ ହାର ଇଭ ମଧ୍ୟରେ କିପରି ଗଢ଼ା ହେଲା ମୋର ମଧ୍ୟ ଆଜି ସନ୍ଦେହ ହେଉଛି । ମୁଁ କିନ୍ତୁ ଏତିକି ଜାଣେ ଯେ ମୋର ବାପା ମା କେବେ ଏହା କେଉଁଠୁ ଅପହରଣ କରି ନଥିବେ ।

ଭଇଁ ଭଇଁ ହୋଇ କାନ୍ଦିଉଠିଲା ଶ୍ରୀଚରଣ ।

"ଭାଙ୍ଗି ପଡ଼ନ୍ତୁନା ଶ୍ରୀଚରଣ ବାବୁ, ସତର ସବୁଦିନେ ଜୟ । ତଥାପି ବିଂଶ ଶତାବ୍ଦୀରେ ନ୍ୟାୟ ସହଜରେ ମିଳେନା । ହଉ ମୁଁ ଯାଉଛି । ଆସିଥିଲି ତ'ଠା ଖୋଇବା ପାଇଁ ଅନୁରୋଧ କରିବାକୁ । କିନ୍ତୁ........ନ ଆସିଥିଲେ ବରଂ ଭଲ ହୋଇଥାନ୍ତା ।"

"ମୋତେ କ୍ଷମାଦେବ । ଅଭ ବଳାଅନି । ସେତିକି ଯଥେଷ୍ଟ ।"

"ହଉ ମୁଁ ଯାଉଛି...।" ଯିବାକୁ ଉଦ୍ୟତ ହେଲା ଡଲି ।

"ଡଲିଦେବୀ, ଯଦି କିଛି ନ ଭାବିବ ତାହେଲେ ମୁଁ ଗୋଟିଏ ଅନୁରୋଧ କରନ୍ତି......।"

"କଣ ।"

ଘରେ ବା ଗାଁରେ କେହି ଜାଣନ୍ତିନି ମୁଁ ଜମିଦାରଙ୍କ ଘରୁ ଗିରଫ୍ ହୋଇ ଆସିଛି ବୋଲି । କାଲି ମୁଁ ଏଠୁ କଟକ ଚାଲାଣି ହେବି । ଘରେ ବାପା ଜାଣିଲେ ମୋତେ ଯାମିନାରେ ନେବେ, ତାପର ବିଶେଷତଃ ମୁଁ ଜାଣିବାକୁ ବ୍ୟଗ୍ର ଘରେ ମା ହାରଟି କେଉଁଠୁ ଆଣିଥିଲେ । ତୁମେ ଦେଇ ମୋ ବାପାଙ୍କ ଠିକଣା ଟି ନିଅ । କାଲି ଘରକୁ ଗୋଟିଏ ଚିଠିରେ ସବୁକଥା ଜଣାଇ ଲେଖିବ ।"

"ଏଇ କଥା । ମୁଁ ନିଶ୍ଚୟ କରିବି"

"ଧନ୍ୟବାଦ"

"ମୁଁ ବରଂ ଅପଣଙ୍କୁ ଧନ୍ୟବାଦ ଦେବା ଉଚିତ । ଶ୍ରୀଚରଣ ବାବୁ, ଅପଣ ଜାଣନ୍ତି ମୁଁ ଅପଣଙ୍କ କବିତାକୁ କେତେ ଭଲ ପାଏ ? ଅପଣଙ୍କ କବିତାରେ ଜୀବନର ଯେଉଁ ନିଖୁଣ ଚିତ୍ର ଓ ବାସ୍ତବତା ପରିସ୍ଫୁଟ ତାହା କମ ଗୌରବର କଥା ନୁହେଁ । ଅପଣଙ୍କୁ ଦେଖିବା ପାଇଁ ବହୁତ ଇଚ୍ଛା ଥିଲା । ଅଜି ପାଖରେ ପାଇ ଧନ୍ୟ ହେଲି ।"

ଶ୍ରୀଚରଣ ହସି ଦେଲା ।

ଡଲି ଚାଲିଗଲା । ଶେଷରେ କବାଟ ଦେଇ ଦେଇ ଅସ୍ପଷ୍ଟ ସ୍ୱରରେ କହିଲା "ଆପଣଙ୍କ ପରି ଯୁବକ ଏଇ ସାମାନ୍ୟରେ ଭାଙ୍ଗିଯିବା ବାସ୍ତବିକ ଦୁଃଖ ଦାୟକ ।"

ଶ୍ରୀଚରଣ ଦେଖିଲା ପ୍ରକୃତରେ ସେ ଭାଙ୍ଗି ପଡ଼ୁଛି । ବିଶେଷତଃ ଜଣେ ନାରୀ ପାଖରେ ସେ ନିଜର ଦୁର୍ବଳତାକୁ ଦର୍ଶାଉଛି । କାନ୍ଦୁଛି ମଧ୍ୟ ।

ମନେ ପଡ଼ିଲା ମମତା କଥା । ଏମିତି ଦିନେ ସ୍ୱପ୍ନରେ ସେ ଅସିଥିଲା । ଏ ଜୀବନର ଚଲା ପଥରେ ଏମିତି କେତେ ମମତା ଡଲି ଅସି ଚାଲିଯା'ନ୍ତି ତାହା ଶ୍ରୀଚରଣ ବା ବୁଝିବ କିପରି ।

## ଦଶ

ବୁଲଦାନ ଖୁବ ସଫଳତା ହେବା ପରେ ଶ୍ରୀଚରଣ ଚାଲିଲା କଟକ । ଦାରୋଗା ମିଃ ମହାନ୍ତିଙ୍କ ପ୍ରଚେଷ୍ଟାରେ ତା ନାଁରେ କେସ୍ ଉଠି ଗଲା । ଫୋର୍ଲସ୍ କେସ୍ ।

"ବଳପୂର୍ବକ ଜମିଦାର ଘରେ ପ୍ରବେଶକରି ତାଙ୍କ ଝିଅ ମମତା ବେକରୁ ହାର ଚୋରି କରିବା ।" ଘରୁ ଖବର ପାଇ ବାପା ତାର କଟକ ଆସିଲେ । ହଜାରେ ଟଙ୍କା ବ୍ୟକ୍ତିଗତ ଜାମିନ୍‌ରେ ମୁକୁଳାଇଲେ ଶ୍ରୀଚରଣକୁ ।

ଶ୍ରୀଚରଣ ଯେ ଗୋଟାଏ ଝିଅ ବେକରୁ ହାର ଚୋରି କରିଛି ଓ ପାଗଳଙ୍କ ଅତ୍ୟାଚାର କରିଛି ଏ କଥା କେହି ବିଶ୍ୱାସ କଲେନି ସତ, କିନ୍ତୁ ମମତା ସହ ଶ୍ରୀଚରଣର ଗୁପ୍ତ ପ୍ରେମ ଜମିଦାରଙ୍କ ଦ୍ୱାରା ଧରାହୋଇ ଘଟଣାଟା ଯେ ଏଇଆ ହୋଇଛି ସମସ୍ତେ ଏହା ସନ୍ଦେହ କଲେ । ଛାତ୍ରମାନେ ଭାରି ପ୍ରେମ ଖୋର୍ । ତେଣୁ ଶ୍ରୀଚରଣ ପକ୍ଷରେ ଏଇଆ ଯେ କାହିଁକି ନ ଘଟିଥିବ ?

* * * *

ରାତି ପ୍ରାୟ ୯ଟା । ଶ୍ରୀଚରଣ ଫେରୁଥାଏ ଅଡ୍‌ଭୋକେଟ୍ ମିଃ ଦାସଙ୍କ ବସାରୁ । ପରଦିନ ଥାଏ ତାରିଖ, ତା ସପକ୍ଷରେ କେହି ସାକ୍ଷୀ ମିଳୁ ନ ଥାନ୍ତି ।

ଆଇ.ଏସ୍‌ସି ପରୀକ୍ଷା ଫିସ୍ ଦାଖଲ କରିବା ତାରିଖ ଘୁଞ୍ଚି ଯାଇଥାଏ । ଅଜି ଥାଏ ଗୁରୁବଦିନ । ମାତ୍ର ଶ୍ରୀଚରଣ ସେ ବିଷୟ ବେଶି ଭାବୁ ନ ଥାଏ । ସେ ଭାବୁଥାଏ ସତେ କଣ ଏ ମାମଲାର କେଶ୍‌ରୁ ସେ ମୁକ୍ତି ପାଇବ ।

କଲେଜ୍ ଛକରେ ଅସି ଠିଆ ହେଲା ରିକ୍ସା । ଛ'ଣା ପଇସା ବଢ଼ାଇ ଦେଲା ଶ୍ରୀଚରଣ ରିକ୍ସା ବାଲା ହାତକୁ । ଫେରି ଚାହିଁ ଦେଖିତ କଲେଜ ଛକ୍‌ରେ ଗୋଟିଏ ବାଳିକା ଉପସ୍ଥିତଃ ହେଉଛି ।

ଲୋକ ଚହଳ ସେତେବେଳକୁ ଭାଙ୍ଗି ଯାଇଥାଏ । ସୁପ୍ତ ଛକଟିରେ ଏକାକୀ ଗୋଟିଏ ବାଳିକା । ତନି ଗୁରଠା ରେଲଗୁ

ରିକ୍ସାବାଲା ତାକୁ ଦେଖି ଦୂରରେ ଗପର ପସରା ମେଲେଇଥାନ୍ତି
ଦୋକାନୀ ଦ'ଜଣଙ୍କ କଣ ଫୁସ୍ ଫାସ୍ ହେଉଥାନ୍ତି ।

ଶ୍ରୀଚରଣ ଦେଖିଲା ଝିଅଟି କାହାକୁ ବୋଧେ ଅପେକ୍ଷା କରିଛି ବା କଣ ସେମିତି ଅସୁବିଧାରେ ପଡ଼ିଛି । ରାତି ଅସି ନ' । ଛକଟାରେ ଗୋଟାଏ ଝିଅ । ପୁଣି କଲେଜ ଛକ୍‌ରେ ।

ଝିଅଟିର ପାଖକୁ ଗଲା ଶ୍ରୀଚରଣ । ଫେରି ଚାହିଁଲା ଝିଅଟି ଶ୍ରୀଚରଣ ଆଡ଼େ । ମିନଟିଏ ପାଇଁ ତାର ଆଖି ବୁଲିଟି ମିଶିଗଲା ଶ୍ରୀଚରଣ ଆଖିରେ ।

"ଶ୍ରୀଚରଣ ବାବୁ······" ଏତିକି କହି କାନ୍ଦିଉଠିଲା ଝିଅଟି । ଠିକ୍ ତିନି ଚାରିବର୍ଷର ଛୁଆଟିପରି କାନ୍ଦ । ଶ୍ରୀଚରଣ ଦେଖିଲା ଝିଅଟି କେହି ନୁହେଁ ମମତା । ଯାର ପାଇଁ ସେ ଅଜ··· ।

ଶ୍ରୀଚରଣ କିଛି କହି ପାରିଲାନି । ସେ ଚାଲିଗଲା ଏକ ଷ୍ଟାଣ୍ଡୁ । କଣ୍ଠତାର ଶୁଷ୍କ ହୋଇ ଉଠିଲା । ସାରାଦିନ ଏଣେ ତେଣେ ବୁଲି ବୁଲି ସେ ଥାଏ କ୍ଳାନ୍ତ । ତୃଷା ମେଣ୍ଟାଇବା ପାଇଁ ଚାଲିଗଲା ପାଖ ପାନ ଦୋକାନକୁ ଖଣ୍ଡେ ସାଧା ପାନ ପାଇଁ । ମମତା ସେମିତି କାଇଁ କାଇଁ ହୋଇ କାନ୍ଦୁଥାଏ ।

"କଣ ବାବୁ । ବହୁତ ଦିନହେଲା ଦେଖା ହୋଇ ନ ଥିଲା କି ?···" ଦୋକାନୀଟି ଦାନ୍ତ ଚିପି ଚିପି ପଚାରିଲା ।

ଶ୍ରୀଚରଣ ଥାଏ ଅନ୍ୟମନସ୍କ ।

ଫରେସି କିଆ ପାନ କଣ ନେବେ ମ । ଛାଞ୍ଚି ୨ଖଣ୍ଡ ନାଅନ୍ତୁ···"

ଛାଞ୍ଚି ପାନ ୨ଖଣ୍ଡ ଏକାଥିରେ ପାଟିରେ ପୁରେଇ ଦେଇ ଶ୍ରୀଚରଣ ଫେରିଲା ମମତା ପାଖକୁ ।

"ମମତା । ଘଟଣା କଣ ? ଏତେ ରାତିରେ ତୁମେ ଏଠି···"

ମମତା ବେଶି କାନ୍ଦି ଉଠିଲା ।

"ମମତା କାନ୍ଦନା । ଯଦି କେହି ହଷ୍ଟେଲପିଲା ଏଠିକୁ ଆସନ୍ତି କଣ ଭାବିବେ ? ମୋତେ କୁହ ପ୍ରଥମେ, ଘଟଣାଟା କଣ ?" ମମତା କାନ୍ଦ ବନ୍ଦ କଲା । ସେ ଭୀଷଣ ଅସ୍ଥିର ହେଉଥାଏ ।

"ଘଟଣା କଣ ତୁମେ ଜାଣି ପାରୁ ନା…… ।" ପୁଣି କଇଁ କଇଁ ହୋଇ କାନ୍ଦି ଉଠିଲା ମମତା ।

"ହଁ ମୁଁ ଏତିକି ଜାଣେ ଯେ ତୁମକୁ ନେଇ କରି ମୋ ଜୀବନରେ ଝଡ଼ର ସୃଷ୍ଟି । ତାପାଇଁ ଦାୟୀ ହେ ସୁନାହାର ।"

"ତୁମେ ଜାଣିଲଣି ସେ ହାର କାହାର ?…………"

"ନା, ଆମ ବାପା କହନ୍ତି ସେ ପାଇଥିଲେ କିନ୍ତୁ ତୁମ ବାପା……"

"ଶ୍ରୀଚରଣ ବାବୁ । ସବୁ ଘଟଣା ପାଇଁ ମୁଁ ଦାୟୀ…"

ମମତା ମୁହଁକୁ ଚାହିଁ ରହିଥାଏ ଶ୍ରୀଚରଣ । ସବୁ ଘଟଣା ଠିକ୍ ନାଖି କରି ସେ କହି ଯାଉଥାଏ । ସବୁ ଶୁଣି ସାରିଲା ଶ୍ରୀଚରଣ । ପଚାରିଲା, "ତୁମେ ତାହେଲେ ବର୍ତ୍ତମାନ କ'ଣ କରିବାକୁ ଚାହିଁ ମମତା ……"

"ମୁଁ କୋର୍ଟରେ କାଲି ତୁମ ପାଇଁ ଠିଆହେବି । ତୁମ ପକ୍ଷରୁ ସାକ୍ଷୀ ହିସାବରେ ଏବଂ କହିବି ମୁଁ ହାରଟିକୁ ଦାନ କରିଥିଲି ତୁମ ବାପାଙ୍କୁ ପ୍ରମିଳାର ପାଠ ପଢ଼ା ପାଇଁ ।"

"ତୁମେ ମୋ ପାଇଁ କୋର୍ଟକୁ ଯିବ ମମତା । ମୋର ପାଇଁ ଜୀବନରେ ତୁମେ ସୃଷ୍ଟିକରିବ ଅସରନ୍ତି ଝଡ଼ । ପୁଣି ତୁମ ବାପାଙ୍କ ଅନ୍ତରରେ ଅଶାନ୍ତିର ଦାବାଗ୍ନି !"

"ତାହା ଯେ ମୁଁ ଜାଣି ସାରିଛି କାଲିଠାରୁ । ମୁଁ ଯେତେବେଳେ ବାପା ବୋଉଙ୍କ ଇଚ୍ଛା ବିରୁଦ୍ଧରେ ଲୁଚି ଘରୁ ପଳାଇ ଆସିଛି…"

"ତୁମେ ଲୁଚି ପଳାଇ ଆସିଛ···।"

'ହଁ, ହଁ ଶ୍ରୀଚରଣ ବାବୁ ତୁମରି ପାଇଁ ମୁଁ ଲୁଚି ପଳାଇ ଆସିଚି···' କାନ୍ଦିଉଠିଲା ମମତା ।

ଶ୍ରୀଚରଣ ସେତେବେଳକୁ ସତେ ଯେମିତି ଏକ ସ୍ୱପ୍ନ ଦେଖୁଥିଲା ।

"ତୁମେ କଣ ଘରକୁ ଫେରିବ ନିଁ ଆଉ ? ···"

"ଫେରିବି ! କାହା ପାଖକୁ ? ବାପା କ'ଣ ଆଉ ମୋତେ ନେଇଅବା ଲି ଗ୍ରହଣ କରିବେ ?"

"ତାହେଲେ ତୁମର ଭବିଷ୍ୟତ ··· "

"ତା ସ୍ଥିର କରିବ ତୁମେ ··· "

"ମମତା ! "

ମୋର ଆଉ ଉପାୟ ନାହିଁ ଶ୍ରୀଚରଣ ବାବୁ ମୁଁ ଯେ ପଳାଇଆସିଛି ତୁମର ପାଇଁ ତୁମରି ପାଖକୁ ତୁମେ ମୋର ଭବିଷ୍ୟତ ସ୍ଥିର କର ବା ନକର ମୁଁ କିନ୍ତୁ ତୁମ ଭବିଷ୍ୟତ ସ୍ଥିର କରିବାପାଇଁ କାଲି କୋର୍ଟକୁ ଯିବି ।"

ଶ୍ରୀଚରଣ ବୁଝିଲା ନିଜ ଜୀବନକୁ ତୁଚ୍ଛ କରି ଦେବାପାଇଁ ମମତା ଆଜି ପ୍ରସ୍ତୁତ. ଅଦୂରରେ ଶୁଭୁଥିଲା ମାଲବାହୀ ବାଷ୍ପୀୟ ଶକଟର ବଂଶୀର ବିକଟ ଗର୍ଜନ, କଲେଜ୍ ଛକ ସୁନ୍‌ସାନ ।

ମମତା ଓ ଶ୍ରୀଚରଣ ଗୋଟିଏ ରିକ୍‌ସାରେ ଗଲେ କଟକ ହୋଟେଲ୍‌କୁ, ମିଲ୍ ସେତେବେଳକୁ ଶେଷ, ସାମାନ୍ୟ ଜଳଖିଆ ମତଭଳି ଉଭୟେ ଖାଇଲେ, ଦୁଇରାତି ପାଇଁ ବୁହେଁ ଭଡ଼ା ନେଲେ ଉପର ମହଲାରେ ଗୋଟିଏ ରୁମ୍ ।

ଶୀତ ରାତି । ନଥାଏ ବିଛଣା ବା ଚଦର, ଲୋଟି ଲୋଟିଭ ଦେଲା ଶ୍ରୀଚରଣ ।

“ମମତା, ସତରେ କଣ ତୁମେ ଆଜ ମୋ ପାଇଁ ସବୁ ତ୍ୟାଗ କରିବାକୁ ପ୍ରସ୍ତୁତ ? ଚୁପା ଗଳାରେ ପଚାରିଲା ଶ୍ରୀଚରଣ ।

ମମତା ନିରୁତ୍ତର, ଅନ୍ଧାରରେ ମମତାର ମୁହଁ ଦିଶୁ ନଥାଏ ।

ପାଖକୁ ତାର ଲାଗି ବସିଲା ଶ୍ରୀଚରଣ । ମମତାର ବାଁହାତକୁ ଧିରେ ଧିରେ ଚିପୁ ଚିପୁ ପୁଣି ଥରେ ପଚାରିଲା ଶ୍ରୀଚରଣ ମମତା ମୋ ଦେହ ଛୁଇଁ କୁହତ, ଶହ ଶହ ବଂଶ ଶତାବ୍ଦୀର ଅପର ତୁମେ ଗୋଟିଏ ଉପନ୍ୟାସ ସୃଷ୍ଟି କରିବାକୁ ଆସି ନାଁତ ?...”

“ଯାହା ତୁମେ ବିଶ୍ୱାସ କରିବ......ଏତିକି କହି ଶ୍ରୀଚରଣ କୋଳରେ ଢଳିପଡ଼ିଲା ମମତା, ମମତାର ମୁଣ୍ଡ ସାଉଁଳି ସାଉଁଳି ଶ୍ରୀଚରଣ କହିଲା, “ମମତା, ସତରେ ମୋତେ ତୁମ ଭବିଷ୍ୟତ ବିଚାର କରିବାକୁ ପଡ଼ିବ ।......”

ମମତା ଧିରେ ଧିରେ ଅନ୍ଧାରରେ ତା ମୁହଁ ନେଇଥିଲା ଶ୍ରୀଚରଣର ମୁହଁ ପାଖକୁ ।

ଶ୍ରୀଚରଣ ଦେଖିଲା କଲ୍ଲୋଳିନୀ ତାର ସମସ୍ତ ସ୍ୱାଦୁ ଜଳ ନେଇ ସମୁଦ୍ରର ମୁହାଣରେ ଉପସ୍ଥିତ, ସେ ଚାହେଁ ତାର ସ୍ୱାଦୁଜଳକୁ କ୍ଷଣିକରେ କଟୁ ଲବଣରେ ପରିଣତ କରିଦେବାପାଇଁ, ସମୁଦ୍ରର ତାହେଲେ ଦୋଷ ବା କ’ଣ ?

ଯତ୍ନରେ ମମତାର ଅଞ୍ଚଳ ମୁହଁଟିକୁ ଦୁଇହାତରେ ଚିପି ଧରିଲା ଶ୍ରୀଚରଣ, ଓଠ ଭରିଦେଲା ଅଶେଷ ମୃଦୁ ଚୁମ୍ବନ ।

ଦୁହେଁ ଦୁହିଁଙ୍କ ପାଖକୁ ଅତୁର ଲାଗି ଆସିଲେ, ଅତୁର ଜୋରରେ ଭିଡ଼ି ଧରିଲେ......।

ଦୁହିଁଙ୍କର ସତ୍ତା ସେତେବେଳେ ଲୁପ୍ତ......। ଦୁହିଁଙ୍କର ଅପୂର୍ବ ମିଳନରେ ହସି ଉଠିଲା ନୀଡ଼......। ମମତା...ଶ୍ରୀଚରଣ ।

ଶ୍ରୀଚରଣ···ମମତା । କେହି କାହାର ହକ୍ ଭାଗକୁ ଅଳ୍ପ କମ୍ପିତ ନୁହେଁ । ନୁହେଁ ବାସ୍ତବକଲେ ତୁହିଁଙ୍କର ଭବିଷ୍ୟତ······ ।

ସେତେବେଳେ ଶ୍ରୀଚରଣ ମନେ ପଡ଼ୁଥିଲା ପୋଲିସ୍‌କେଶ କଥା ବା ଏସ୍ତ୍ରାଫଂସ ଦାଖଲ କଥା । ମାତ୍ର ପ୍ରସିଦ୍ଧ ପାରସ୍ୟକବି ଓମାର ଖୈୟାମଙ୍କର ଅମର ଚୌପଦୀର ଓଡ଼ିଆ ତର୍ଜମାରୁ କେତୋଟି ଧାଡ଼ି—

“ଢାଳିଦିଅ ପ୍ରିୟେ, ରକ୍ତ ମଦିରା
ପିଅନ୍ତୁ ମୋ ହୃଦଅ ।
ଲିଭି ଯାଉ ତହିଁ ଅତୀତ ଦୈନ୍ୟ
ଅନାଗତ ଶଙ୍କାଭୟ ।
ଆଗାମୀ କାଲିର କଳ୍ପସୀ ଲଗନେ କିବା
କୋଟି କଳ୍ପର କଷ ସେପାରେ
ଅମେ ତାହିଁ ଭାସିଯିବା,
ବାସ୍ତବ ଅବରଣେ,
ମିଶିଯିବା ଅକାରଣେ ।”

## ଏଗାର

ପରଦିନ ସକାଳ ଏଗାରଟା, କଚେରୀରେ ଭାରି ଲୋକ ଗହଳ । ଯେଉଁ ଏ, ଡ଼ି, ଏମ୍ ବିପ୍ଳବ ବେଳେ ଶ୍ରୀଚରଣଙ୍କୁ ଗିରଫ କରିଥିଲେ ତାଙ୍କରି କୋର୍ଟରେ ଥା ଏ କେଶ୍ ।

ସରକାରୀ ଓକିଲ ଅଦ୍ୱୈତବାବୁ କୋର୍ଟରେ ଆସି ଲଗପଗ ହେଉଥାନ୍ତି । ଦାରୋଗା ମିଃ ମହାନ୍ତି ମଧ୍ୟ ଯାଉଥାନ୍ତି ସେଦିନ । ଦୁଇଟି ବକ୍ସ। ଦେଖୁ ଦେଖୁ ଆସି ଠିଆହେଲ, ଗୋଟିକରେ ଶ୍ରୀଚରଣ ଓ ମମତା ଏବଂ ଅନ୍ୟଟିରେ ତାଙ୍କ ପକ୍ଷର ଓକିଲ୍ ମିଃ ଦାସ ।

ସେତେବେଳକୁ ଶ୍ରୀଚରଣର ନାଁ ଠିକ୍ ଡକା ହେଉଥାଏ । ହାଜର ହେଲ ଶ୍ରୀଚରଣ କୋର୍ଟ ଭିତରେ ହସି ହସି ।

ଏ, ଡି, ଏମ୍ ସାହେବ ଚିହ୍ନି ପାରିଲେ ଶ୍ରୀଚରଣକୁ । ପୂର୍ବେ ତ ସେ ତାଙ୍କୁ ଭାରି ପ୍ରଶଂସା କରୁଥିଲେ । ବର୍ତ୍ତମାନ ଏମିତିଆ କେଶ୍ ଦେଖି ତାଙ୍କର ମନରେ ଶ୍ରୀଚରଣପ୍ରତି ଘୃଣା ଜନ୍ମିଲା । ବାଦ୍ରୁ ପକର ପଚାରିଲେ ଏ, ଡି, ଏମ୍, "ତୁମେ ସେହି ମହାନଦୀକୂଳ ବାପ୍ଲା ଶ୍ରୀଚରଣ ?"

"ହଁ" ଶ୍ରୀଚରଣର ଆଦୌ ଭ୍ରୂକ୍ଷେପ ନଥାଏ କାହାକୁ, ସେ ଜାଣି ସାରିଥାଏ ଯେ ବାପ୍ଲାବରେ ତା'ର ଯେତିକି ନାଁ ହୋଇଥିଲା ଆଜି ତା'ଠୁଁ କମ୍ ହେବନି, ବରଂ ବେଶି ।

କେସ ଆରମ୍ଭ ହେଲ ।

"ଏ ସୁନାହାର ଚୋରି କରିଛ ?" ପଚାରିଲେ ଅଦ୍ୱୈତବାବୁ ।

"ନାଁ ।"

"ଜମିଦାରଙ୍କ ଘରକୁ ତୁମେ ଯାଇ ନେଇ ନଥିଲ, ବନ୍ଧାଦେଇ ଟଙ୍କା ଆଣିବାକୁ ?"

"ହଁ"

"କେଉଁଠୁ ତାହେଲେ ଅଜ ହାରଟି ଆଣିଲ ?"

"ମା' ପାଖୁ......।"

"ମା' କେଉଁଠୁ ଆଣିଲା ।"

"ବାପାଙ୍କଠାରୁ......।"

"ହୋପ୍‌ଲେସ୍ । ବାପା କେଉଁଠୁ ଆଣିଲେ ?" ରାଗିଗଲେ ଅଦ୍ୱୈତ ବାବୁ ।

"ମମତା ଦେଇଥିଲା ।"

"କ'ଣ ଯାଉ ? ଦାନ !"

"ହିଁ" ଗମ୍ଭୀର ଭାବରେ ହିଁ ମାରିଲା ଶ୍ରୀଚରଣ ।

"କାହିଁକି ?"

"ସେ ପ୍ରଶ୍ନର ଉତ୍ତର ମୁଁ ଦେବାକୁ ଅକ୍ଷମ । ଦାନ କାହିଁକି ଦିଆଯାଏ ? ଯାହାର ଅଧିକା ଥାଏ ସେ ଦିଏ ଅନ୍ୟ ଜଣକୁ ଏବଂ ଦ୍ୱିତୀୟର ଅଭାବ ଥିଲେ ସେ ଗ୍ରହଣ କରେ ।"

ଅଦ୍ୱୈତବାବୁ ଚାହିଁଲେ ଏ, ଇ, ଏମ୍‌ଙ୍କ ଅଡ଼େ । ଏ,ଇ,ଏମ୍ ତଳ ତଳ କରି ଚାହିଁଥାନ୍ତି ଶ୍ରୀଚରଣ ଆଡ଼େ ।

ମିଃ ଦାସଙ୍କଠାରୁ ଇସାରା ପାଇ ଚାଲିଗଲେ ଶ୍ରୀଚରଣ ।

"ଆଉ ସାକ୍ଷୀ ?" ଅଦ୍ୱୈତବାବୁ ପ୍ରଶ୍ନକଲେ ମିଃ ଦାସଙ୍କୁ ।

ସାଙ୍ଗେ ସାଙ୍ଗେ ମମତା ପଶି ଆସିଲା ।

ଅଦ୍ୱୈତବାବୁ ଆଶ୍ଚର୍ଯ୍ୟ ହୋଇଗଲେ, ବାଲୁରପତ ଏ.ଇ.ଏମ୍ ଚାହିଁଥା'ନ୍ତି ଟେବୁଲ୍ ଫ୍ୟାନ୍‌କୁ ।

"ଏ କ'ଣ ସାକ୍ଷୀ...... ?"

"କାହିଁକି ନୁହେଁ ? ଭାରତର ସମ୍ବିଧାନ କ'ଣ ମନାକରେ ନାରୀ ସାକ୍ଷୀହୋଇ ପାରିବନି ।"

ହସି ହସି ଉତ୍ତରଦେଲେ ମିଃ ଦାସ୍ ।

ଅଦ୍ୱୈତବାବୁ ପଧ ଟିକେ ହସିଦେଲେ ।

ଅଚ୍ଛା ତୁମ ନାଁ କ'ଣ ?" ଅଦ୍ୱୈତବାବୁ ସାକ୍ଷୀକୁ ଜେରା କରିବାକୁ ଲାଗିଲେ ।

"ମମତା ମହାପାତ୍ର... ... ।"

"ମମତା ମହାପାତ୍ର ?"

"ହଁ"

"ବାପ ନାଁ ?"

"କୈଳାଶଚନ୍ଦ୍ର ମହାପାତ୍ର......।"

"କୋଉ କୈଳାଶଚନ୍ଦ୍ର ମହାପାତ୍ର......?"

"ଜମିଦାର କୈଳାଶଚନ୍ଦ୍ର ମହାପାତ୍ର......?"

"ତୁମେ ଜମିଦାର କାଳୀବାବୁଙ୍କ କନ୍ୟା !"

"ହଁ"

"ଅହେତୁ ?"

"ସାକ୍ଷୀ...... ।"

"କାହାର ?"

"ଆପଣ କ'ଣ ଜାଣିପାରୁ ନାହାନ୍ତି......?"

କାବକାବ ହୋଇ ହସୁଥା'ନ୍ତି ମିଃ ଦାସ । ଅଦ୍ୱୈତବାବୁଙ୍କ ଛାତିରେ ସତେ ଯେମିତି କ'ଣ ଗୋଟାଏ ମଣିଗଲା ।

"କ'ଣ କହୁଛ ତୁମେ ?" ପଚାରିଲେ ଅଦ୍ୱୈତବାବୁ ଅର୍ଦ୍ଧମୃତ କଣ୍ଠରେ ।

"ସେ କହିବେ କ'ଣ । ସଫା ବକୃତ ଦେବେ........." ହସି ହସି ଉତ୍ତର ଦେଲେ ମିଃ ଦାସ ।

ମମତା ସବୁ ଘଟଣା ଗୋଟି ଗୋଟି ବର୍ଣ୍ଣନା କରିଗଲା । ଅଦ୍ୱୈତବାବୁଙ୍କ ମୁହଁ ପୋଡ଼ିଜଳି ଯାଉଥାଏ । ପୁଣିଥରେ ପଚାରିଲେ ଅଦ୍ୱୈତବାବୁ, "ତୁମଠାରୁ ହାର ଶ୍ରୀଚରଣ ଚୋରି କରିନ ?"

"ନାଁ" ।

ବଗୁରପଣ୍ଡାଙ୍କର କଲମ ଖସି ପଡ଼ିଲା ହାତରୁ, ମିଃ ଦାସ ଓ ମମତା ହସି ହସି ବାହାରି ଆସିଲେ ପଦାକୁ ।

## ବାର

ରାତ ପାହି ଆସୁଥାଏ । ଶ୍ରୀଚରଣର କୋଳରୁ ଉଠି ଆସିଲା ମମତା······ କିନ୍ତୁ ନୀଡ଼ଟି ସାଙ୍ଗେ ସାଙ୍ଗେ ଶୀତଳ ହୋଇ ଉଠିଲା ··ନିଦ ଭାଙ୍ଗିଗଲା ଶ୍ରୀଚରଣର ।

ବୁଢ଼ ଘରର ଭଡ଼ା ତୁଟେଇ ଦେଇ ବଡ଼ଙ୍କ ହୋଟେଲରୁ ବିଦାୟ ନେଲେ ମମତା ଆଉ ଶ୍ରୀଚରଣ । ରିକ୍ସାଟିରେ ଗଲେ ବସ୍‌ଷ୍ଟାଣ୍ଡକୁ ବୁଝେଁ······ ।

ଘରକୁ ଯିବାପାଇଁ ମମତା ଅରାଜି । ମାମୁଁଘର ତାର ନିକଟରେ । ସେ ସ୍ଥିରକଲା ପ୍ରଥମେ ମାମୁଁ ଘରକୁ ଯିବ । ·ସବୁ କଥା କହିବ ମାମୁଁଙ୍କୁ । ତା ପର ଚିଠି ଦେବ ବାପା ଓ ମା' ପାଖକୁ ଏବଂ ଲେଖିବ ସେ ଯାହା କରିଛି ତାହା ଉଚିତ, ଯଦି ବାପା ଆସି ତାକୁ ନିଅନ୍ତି ତ ସେ ଯିବ, ନଚେତ୍ ମାମୁଁଘରେ ରହିବ ।

ବସ୍ ଛାଡ଼ିବାକୁ ଥାଏ ପ୍ରାୟ ପାଞ୍ଚ ମିନିଟ୍ । ନିଜ ବେଡ଼ରୁ ଆଉ ଗୋଟିଏ ସୁନାହାର କାଢ଼ିଲା ମମତା, 'ଏ କଣ ?' ହାର କାହିଁକି କାଢ଼ୁଛ ?' ବିସ୍ମିତ ହୋଇ ପଚାରିଲା ଶ୍ରୀଚରଣ ।

'ତୁମେ ପରୀକ୍ଷା ଫିସ୍ କାଲି କିପରି ଦାଖଲ କରିବ ?'

'ମମତା, ତୁମେ କଣ ତାହେଲେ ମୋତେ ପରୀକ୍ଷା କରୁଛ !'

'ଯାହା ତୁମେ ଭାବିବ...... ।'

'ମୁଁ ପରୀକ୍ଷା ଫିସ ଦାଖଲ କରିବି ତୁମରି ହାର ନେଇ...!'

'ତୁମେ ମୋଠାରୁ କଣ ନ ନେଇଛ କି ? ସାମାନ୍ୟ ହାର-ଟାଏ ନବନି କାହିଁକି ? ମୋର ଭବିଷ୍ୟତ ପରି ତୁମରି......ହସି ହସି ହାରଟି ତଳେ ପକାଇଦେଇ ମମତା ପଶିଗଲା ବସ୍ ଭିତରକୁ, ସାଙ୍ଗେ ସାଙ୍ଗେ ବସ୍ ଷ୍ଟାର୍ଟ କଲା । ଶ୍ରୀଚରଣ ହାରଟି ହାତରେ ଧରି ଚାହିଁ ଥାଏ ମମତା ଆଡ଼େ । ମମତା ଶ୍ରୀଚରଣକୁ ଚାହିଁ ଖାଲି ହସୁଥାଏ......... ।

* * *

ମମତା ମାମୁଁଘରେ ଥାଏ । ଦୁଇମାସ ବିତିଗଲା । ମା'ର ମନ, ଅଧୈର୍ଯ୍ୟ ହେଲା ଦୀର୍ଘକାଳ ଝିଅକୁ ନ ଦେଖି ।

ବୁଢ଼ାବୁଢ଼ୀଙ୍କର ମମତା ବିଷୟ ନେଇ ବହୁତ ସମୟ ମନ ମିଳୁନି । ମମତାର ମାମୁଁ ମଧ୍ୟ ଯାଇଁ ବୁଝାଇଲେ । ଜମିଦାର ବାବୁ ଦେଖିଲେ ଆପଣା ସୁନା ବେଣ୍ଟ ପରକୁ କଣ ଦୋଷ ଦେବେ ...ଝିଅକୁ ଘରକୁ ଆଣିଲେ—

ବୁଢ଼ା ବର୍ତ୍ତମାନ ଠିକ୍‌କଲେ ଶୀଘ୍ର ଝିଅକୁ ପରଘରକୁ ପଠେଇଦେବା । ବେଶିଦିନ ଅଉ ରଖିଲେ ମହାବିପଦ, ବରଘର କିନ୍ତୁ ଏ ପର୍ଯ୍ୟନ୍ତ ସୁବିଧା ସ୍ଥାନରେ ଯୁଟି ନ ଥାଏ......

ଶେଷରେ ଯୁଟିଲା......ଯେମିତିଆ ଘର ଖୋଜୁଥିଲେ ଜମିଦାର ବାବୁ, ଜମିଦାର ବାବୁ ସେଇ ସୁପରିଚିତ ଦାରୋଗା ମିଃ ମହାନ୍ତିଙ୍କ ପୁଅ ଭୂଷଣ ବାବୁଙ୍କର ମମତାକୁ ବିବାହ ହେବା

ପାଇଁ ସ୍ଥିର କଲେ । ଦାରୋଗା ବାବୁ ଶୁଣି ଅତି ଖୁସି । ଅକଳନ୍ତ ସମ୍ପତ୍ତିର ମାଲିକ୍ ହେବେ ସେ । କୁମୁଦ ବାବୁ ମଧ୍ୟ ଜାଣିଥିଲେ ମମତା ଅନ୍ତର ସହ ଭଲପାଏ ପ୍ରେମରେ ଶ୍ରୀଚରଣ ବାବୁଙ୍କୁ, ମାତ୍ର ଧନ ଲିପ୍ସାରେ ସେ ରାଜି ହେଲେ ମମତାକୁ ଗ୍ରହଣ କରିବାପାଇଁ ।

ସେ ବର୍ଷ ମାଟ୍ରିକ୍ ପାସ୍ କରିଥାନ୍ତି କୁମୁଦ ବାବୁ, ଚାଲିଥାଏ ଅଠର ଜୋଡ଼ା ବର୍ଷ । ଅଠର ଛୁଟିଗଲେ ବାହାଘର । ସବୁ ସ୍ଥିର ହେଲା ।

ମମତାକୁ ସେ ନିଶ୍ଚୟ ବିବାହ କରିବେ । ମମତା ତାଙ୍କୁ ଭଲ ନ ପାଉ । ସେଥିରେ ବା କଣ ଅଛି । ଅକଳନ୍ତ ସମ୍ପତ୍ତି ତ·········।

ସେ ଚେଷ୍ଟା କରିବେ, ଅପ୍ରାଣ ଚେଷ୍ଟା କରିବେ··· କଳେବଳେ କୌଶଳେ ମମତାର ଅନ୍ତରକୁ କିଣିବା ପାଇଁ । ଯଦି ମମତା ତାଙ୍କୁ ତଥାପି ଭଲ ନ ପାଏ··· । ପାଇବନି ! ନିଶ୍ଚୟ, ସାମାନ୍ୟ ନାରୀର ହୃଦୟକୁ ସେ ଜୟ କରି ପାରିବନି !

ମମତାକୁ ଏ କଥା ଏତେ ଶୀଘ୍ର କହିବା ପାଇଁ ଜମିଦାର ବାବୁ ଉଚିତ ମଣିଲେନି । ତାଙ୍କୁ ଗୋଟିଏ ସେମିତିଆ ପରିସ୍ଥିତି ସୃଷ୍ଟି କରିବାକୁ ହେବ, ଯାହା ଫଳରେ ମମତା ଅପେ ଅପେ କୁମୁଦ ବାବୁଙ୍କୁ ଭଲ ପାଇବ, ପ୍ରେମ କରିବ ।

ସବୁ ବିଷୟ ଅବଦ୍ଧ ରହିଲା ଜମିଦାର ବାବୁ ଓ ମିଃ-ମହାନ୍ତିଙ୍କ ପରିବାର ମଧ୍ୟରେ । ଯା'ର ଟିକେ ଗନ୍ଧ ବି ପାଇଲେନି ମମତା ବା ଶ୍ରୀଚରଣ ।

❋ ❋ ❋

ଆଇ. ଏସ୍‌ସି. ପରୀକ୍ଷା ଫଳ ପ୍ରକାଶ ପାଇଲା । ଶ୍ରୀଚରଣ ପ୍ରଥମ ଶ୍ରେଣୀରେ ପାଶ୍ କରିଛନ୍ତି । ତା ପରେ ସେ ବି. ଏସ୍‌ସି. ପଢ଼ିଲା, ଥାଏ କଲେଜ ହଷ୍ଟେଲରେ ।

## ତେର

ସ୍ୱପ୍ନ କଣ୍ଟ
ପାହାନ୍ତା

"ଆଦରର..."

ଅଜସ୍ର ପ୍ରଣତି, ସସ୍ନେହ ହେଲା ତୁମର ସ୍ନେହବୋଳା ପତ୍ର ନପାଇ ମୁଁ ଆଜି ପାଗଳିନୀ । ଯଦି ଅନ୍ତରକୁ କୌଣସି ଉପାୟରେ ଦେଖେଇ ହୁଅନ୍ତା ତାହେଲେ ମୁଁ ଆଜି ମୋର ଅନ୍ତରକୁ ତୁମ ପଦତଳେ ଅର୍ପଣ କରି ଦିଅନ୍ତି । ତୁମେ ତାହେଲେ ବୁଝନ୍ତ ମୋ ଅନ୍ତରର ପ୍ରତି କୋଣେ କୋଣେ ପୂରି ରହିଛି ତାହାର ପ୍ରେମର ସହସ୍ର ଅଳିଖିତ ସ୍ମୃତି ।

ହେ ଜୀବନର ସର୍ବସ୍ୱ ମୋର, ହେ ମୋ ସ୍ୱପ୍ନରାଇଜର ଅତୁଲ ଦେବତା । ତୁମେ କ'ଣ ମୋ ପାଇଁ ସର୍ବଦା ପାଗଳ ହେଉନାଁ ?

ମୁଁ ତୁମକୁ ଭଲ ପାଇଛି......ଆଜି ସନ୍ତକସ୍ୱରୂପ ଦେଉଛି ମୋର ସର୍ବଶ୍ରେଷ୍ଠ ଉପହାର,......ପ୍ରତିଦାନ ତୁମେ କ'ଣ ମୋତେ ଦେବନି......?

ମନେଅଛି......ସେଦିନ କଲେଜ ଛକ କଥା । ତୁମେ ଶିକ୍ଷିତ । ମୋର ଭଲ ପାଇବାକୁ ଯେପରି ଦୂଷିତ, କଳଙ୍କିତ ଓ

ଅପବାଦ ନ କର । ମୋର ପ୍ରେମକୁ କ୍ଲେପଟ୍ଟ ନିର୍ଯ୍ୟାତନା ବଞ୍ଚନା ଓ ଘୃଣାରେ ପ୍ରତ୍ୟାଖ୍ୟାନ ନ କର । ମୁଁ ଧୈର୍ଯ୍ୟ, ସାହସ ଓ ସହିଷ୍ଣୁତା ପଥ ଅବଲମ୍ବନ କରୁଛି······ । ତୁମେ ନିଜକୁ······ ନିଜର ଭଲ ପାଇବାକୁ ଦୁଶ୍ଚିନ୍ତା, ଦୁଷ୍କର୍ମ ଓ ଦୂଷିତ ଜଳବାୟୁରୁ ମୁକ୍ତ କର······ । ହସି ଉଠିବ ଆମର ନୂତନ ସଂସାର ।

ପାହାନ୍ତା ଡାକିଗଲାଣି······ । ନିଦ ଏ ପର୍ଯ୍ୟନ୍ତ ଆଖିକୁ ଆସୁନି । ଦେହଟା ଶୀତେଇ ଉଠୁଛି । ଡାଣି ଝୁଣ୍ଡି ଆସୁଛି······ । ଆଉ ମନ ଭିତରଟା······ ।

ତୁମେ ଯଦି ଆ'ନ୍ତ ମୋର ଚପଲ ଗଣ୍ଡ ପ୍ରଦେଶରେ ଅଙ୍କି ଦିଅନ୍ତ ଅଜସ୍ର ମୃଦୁ ଚୁମ୍ବନ । ଆଉ ମୁଁ······ । ହସି ହସି ବାଧା ଦିଅନ୍ତି······କହନ୍ତି ତୁମେ ଦୁଷ୍ଟ······ତୁମେ ଅଭଦ୍ର······ ।

ତୁମେ ମୋତେ ଅଧିକ ଭିଡ଼ ନିଅନ୍ତ କୋଳକୁ······ । ପଚାରନ୍ତ "ମମତା ଭୁଲିଯିବୁନି ତ······?"

ମୋ ଦେହ ଅଧିକ ଶୀତେଇ ଉଠନ୍ତା । ମୁଁ କହନ୍ତି ହସି ହସି "ହଁ, ତୁମକୁ କାଲି ଭୁଲିଯିବି" ତୁମେ ଚିମୁଟି ଦିଅନ୍ତ ମୋ ଉଠକୁ ।

ଟହଲିଟି, ବାଲିଆ ଢ଼'ଠା ଉପର ନଦୀକୂଳେ କାମୁଡ଼ା କାମୁଡ଼ି ହେଉଛନ୍ତି······ ।

ହଁ ଗୋଟାଏ ମିନତି, ରଖିବ? "ମୋର ଜନ୍ମ ଦିବସ ପାଳନ । ଷୋଳବର୍ଷ ପୂରି ଯାଉଥିବାରୁ ଏଥରକ ମହା ଆଡ଼ମ୍ବରରେ ପାଳନ ହେବ । ବହୁ ଭଦ୍ରବ୍ୟକ୍ତିଙ୍କୁ ନିମନ୍ତ୍ରଣ ହୋଇଛି । ତୁମେ ମୋ ଚିଠି କାଲି ପାଇ ଶୀଘ୍ର ଆସି ଆମ ଘରେ ସନ୍ଧ୍ୟା ପୂର୍ବରୁ ପହଞ୍ଚିବ ଓ ଉପହାର ସଙ୍ଗେ ଆଣିବ, ଆସିବଟି? ମୋ ରାଣ ନିଶ୍ଚୟ । ନଚେତ୍ ମୁଁ ଚଟିଯିବି, କାନ୍ଦିବି, କଥା

କହୁବ ନ । ଗୋଟିଏ ଦିନ କଲେଜ ବନ୍ଦହେଲେ କିଛି କ୍ଷତି ହେବନି । ଅସିବ······ଅଣିବ······ ।”

ଚେନେସ ବଲ୍‌ଟି ପଠାଇଲନି ? ଏଡ଼େ ମିଛୁଆ······ । ନାଁ ନାଁ, ତୁମେ ମିଛୁଆ ନୁହଁ ।

ଶେଷରେ······ । ହେ ଦେବତା, ମୋର ସହସ୍ର ଚୁମ୍ବନର ଅର୍ଘ୍ୟ········· । ଇତି ।

ଆଦରଣୀୟା
"ମମତା"

ଶ୍ରୀଚରଣ ଚିଠିଟି ପାଇଲା ପ୍ରାୟ ଦଶଟା ବେଳେ । ଗାଁକୁ ଯିବାକୁ ଶେଷ ବସ୍ ସମୟ ମାତ୍ର ଅଢ଼ ପଦର ମିନିଟ୍ ଥାଏ । ସଂଧ୍ୟା ପୂର୍ବରୁ ପହଞ୍ଚିବାକୁ ହେବ । ମମତାର ଅଶେଷ ମିନତି । କିନ୍ତୁ ପାଖରେ ଗୋଟାଏ ପଇସା ଶ୍ରୀଚରଣର ନ ଥାଏ । କିପରି ଯିବ ! କେଉଁଠୁ ବା ଧାର ଅଣିବ ! କଲେଜରେ ପ୍ରାୟ ଶତକଡ଼ା ପଚାଶ ପିଲାଙ୍କ ଠାରୁ ସେ ଧାର କରି ସାରିଥାଏ । ଏଣେ କ୍ଲାସ ସମୟ ମଧ୍ୟ ହୋଇ ଅସୁଥାଏ । କିଛି ଉପାୟ ନ ପାଇ ବିଛଣା ଉପରେ ଶୋଇ ପଡ଼ି ଶ୍ରୀଚରଣ ଶିଶୁଙ୍କ ପରି ପ୍ରାୟ ଅଧ ଘଣ୍ଟାଏ କାନ୍ଦିଲା, ତା ପରେ ଚିଠି ଖଣ୍ଡେ ମମତା ପାଖକୁ ଲେଖିବାକୁ ଆରମ୍ଭ କଲା ।

କଟେଜ ହଷ୍ଟେଲ
ପୂର୍ବାହ୍ନ-୧୧

ଆଦରଣୀୟା······

ତୁମର ଅନୁରୋଧ ଓ ଆବେଗ ଭରା ଚିଠିଟି ପାଇଲି । ଠିକ୍ ସମୟ ସେତେବେଳକୁ ଦଶଟା । ମୋର ଏହି ଦୁଃଖଦୈନ୍ୟ

ଜର୍ଜରିତ ଅନ୍ତରରେ ତୁମର ଚିଠିଟି ଖେଳାଇ ଦେଲା ଏକ ଉଷ୍ଣ ମର୍ମନ୍ତୁଦ ହତ୍ୟା । ତୁମେ ବିଶ୍ୱାସ କରିବନି ମୁଁ ଆଜି କପର୍ଦ୍ଦକ ଶୂନ୍ୟ ଗତମାସରେ ଦେହ ଭଲ ନ ଥିବାରୁ ଟ୍ୟୁସନ୍ କୁ ଯାଇ ନ ଥିଲି । ହଷ୍ଟେଲ ଡାକ୍ତରର ବାଧା ହେତୁ ଏ ମାସରେ ମଧ୍ୟ ଯାଇ ପାରିଲି ନାହିଁ । ତେଣୁ ଟଙ୍କାର ଅଭାବହେଲା । ବହୁତ ସାଙ୍ଗ ମାନଙ୍କ ଠାରୁ ଧାର ଆଣି କଲେଜ ଓ ହଷ୍ଟେଲ ଟଙ୍କା ଇତ୍ୟାଦି ଦେଇଛି । କିପରି ବା ଯାଇ ପାରିଥାନ୍ତି ଆଜି । ଅନ୍ତତଃ ବସ୍ ଭଡ଼ା ଟଙ୍କାଟି ତ ଆବଶ୍ୟକ !

ତୁମେ ଜାଣ ମୁଁ ବର୍ତ୍ତମାନ କଣ କରୁଛି ! କାନ୍ଦୁଛି ଓ ତାହା ସହ ଅଭିଶାପ ଦେଉଛି ମୋର ଦାରିଦ୍ର୍ୟକୁ ।

ଏ ଦୁନିଆରେ ଧନୀ, ଦରିଦ୍ର ଦୁଇଟା ଶ୍ରେଣୀର ସୃଷ୍ଟି କାହିଁକି ?

କୁଟୀର ଏବଂ କୋଠାର ବିରାଜମାନ କାହିଁକି ? ମୋ ପରି ଏ ଦେଶର ଅସଂଖ୍ୟ ଗ୍ରୀଚରଣର ଅଭିଶାପରେ ଏ ଦେଶରୁ ଧନୀକ ଶ୍ରେଣୀ ଧ୍ୱଂସପାଉ । ଦରିଦ୍ରର ଉଷ୍ଣ ଲୋତକବିନ୍ଦୁରେ ଧନୀକର ହର୍ମ୍ୟମାଳା ଭାସିଯାଇ ସମୁଦ୍ରର କରାଳ ବକ୍ଷରେ ତାର ସତ୍ତା ଲୋପ କରୁ । ମମତା, ଏଥିପାଇଁ ଏକ ଚିରନ୍ତନ ଜୀବନ୍ତ ବିପ୍ଳବ ଲୋଡ଼ା ।

ହଁ ମୁଁ ବୃଥାରେ ବହୁତ ଦୂର ଆଗେଇ ଗଲି । ଏ ଚିଠିଟିରେ କବି...... ବିପ୍ଳବୀ ତୁମେ ହସି ଦେଇପାର ।

ତୁମ୍ଭର ଜନ୍ମଦିନ, ମୋର ଉପସ୍ଥିତି ଆବଶ୍ୟକ ଥିଲା । ତାହା ହୋଇପାରିଲାନି, ତାପରେ ଉପହାର ! କି ଉପହାରଦେବି ମମତା !! ଆଜି ଯଦି ତୁମେ ମୋ ପାଖରେ ଥା'ନ୍ତ ଦେଖନ୍ତ କିପରି ବିପ୍ଳବୀର ଶତ ଶତ ଲୋତକ ବିନ୍ଦୁ ଉପହାରରେ ଦୁର୍ବଳ, ଜୀର୍ଣ୍ଣ ଶୀର୍ଣ୍ଣ ଉଙ୍କଅଟି ତାର ସତ୍ତା ହରାଇଲାଣି ......... ।

ଆଉ କଲମ ଚାଲୁନି ମମତା ...... ରହିଲି ...... ।

ର...ହି...ଲି...

ଇତି

ତୁମର

“ଏକ ହତଭାଗା”

ଚିଠିଟିକୁ ଲଫାଫା ଭିତରେ ବନ୍ଦ କରି ଲୋତକ ପୂର୍ଣ୍ଣ ନୟନରେ ଶ୍ରୀଚରଣ ଲେଟର୍ ବକସ୍‌ରେ ପକାଇବାକୁ ଗଲା ।

## ନଅ

ସେଦିନ ଯେ କେବଳ ମମତାର ଜନ୍ମ ଦିବସ ପାଳନ ହେଲା କେବଳ ସେତିକି ନୁହେଁ, ମମତାର ବିବାହ ସମ୍ବନ୍ଧୀୟ ସମସ୍ତ କଥାବାର୍ତ୍ତା ମଧ୍ୟ ତୁଟିଥିଲା । ନିମନ୍ତ୍ରିତ ହୋଇ ଆସିଥିଲେ ମିଃ ମହାନ୍ତି । ପୁଅ ପାଇଁ ଦାନ ଯୌତୁକ ମିଃ ମହାନ୍ତି ଯାହାମାନ ଦାବି କରିଥିଲେ ଜମିଦାର ବାବୁ “ଅସ୍ତୁ” ମଧ୍ୟ କରିଥିଲେ । କଥାଟି କ୍ରମେ ମମତାର କାନକୁ ଆସିଲା । ସେ ବା କରେ କଣ ! ଶୁଣି ଅତି ଚିନ୍ତିତ । ବାପାଙ୍କର କ୍ରୁର ବ୍ୟକ୍ତିତ୍ୱ ସମ୍ମୁଖୀନ ହେବାକୁ ତାର ବା ସାହସ କାହିଁ ? ଏମିତି ପ୍ରାୟ ଏକମାସ ବିତିଗଲା । ସେ ଆଉ ଶ୍ରୀଚରଣ ପାଖକୁ ଏବେ ଚିଠି ଦିଏନି, ଚିଠି ଦେଲେ ତ ଏକଥା ଲେଖିବାକୁ ପଡ଼ିବ, ତାର ତେଣୁ ଭୟ ଥାଏ ।

ମାସେ କାଳ କୌଣସି ଚିଠି ନ ପାଇ ଶ୍ରୀଚରଣ ଅତି ଦୁଃଖିତ, ତା ମନରେ ମଧ୍ୟ ସନ୍ଦେହ ଜନ୍ମିଲା । ଯେଉଁ ମମତା

ପ୍ରତି ସପ୍ତାହରେ ଅନ୍ତତଃ ଦୁଇଖଣ୍ଡ ଚିଠି ଦିଏ, ମାସେ ବିତିଗଲେ ସୁଦ୍ଧା କୌଣସି ଉତ୍ତର ନାହିଁ । ସେଦିନ ଏମିତି ଭାବୁ ଭାବୁ ପ୍ରାୟ ରାତି ବାର ହେଲା, ଶ୍ରୀଚରଣ ନିଜର ରାଇଟିଂ ପ୍ୟାଡ୍‌ଟି ବାହାର କରି ମମତା ପାଖକୁ ଗୋଟିଏ କବିତା ଓ ଚିଠି ଲେଖିବା ପାଇଁ ପ୍ରସ୍ତୁତ ହେଲା ।

( ୧ )

ଠିକ୍ ପୂର୍ଣ୍ଣ ଏକମାସ ପରେ·····
ଅଭିଶପ୍ତ କଲମକୁ ଅଶ୍ରୁଭିଜା କାଗଜ ଉପରେ ।
ମୁଁ ଧରଇ ଧିରେ ··· ···
ଲେଖିବାକୁ ଚିଠି
ସ୍ୱପ୍ନ ଗ୍ଲାନିବାସ, ମୃତ କୋଠି ।
ଅତୀତର ସ୍ମୃତିରାଜି ଆଖି ଆଗ କରେ ମିଟି ମିଟି ।

( ୨ )

ରାତିର ସ୍ତବ୍ଧତାରେ ଧରା ବୁକେ ସ୍ୱପ୍ନ ନାହିଁତା ଗର୍ଜ୍ଜନ ।
ଆକାଶରେ ନିଶାପତି ଧିରେ ଧିରେ କରେ ସନ୍ତରଣ ।
ମୁଁ କରଇ ଅଶ୍ରୁ ବିସର୍ଜ୍ଜନ······
ଅନ୍ତରେ ବାହାରେ ବୁହେ ଅଶାନ୍ତ ନୈରାଶ୍ୟ ପବନ ।
ପ୍ରେମର କି ଏହି ପ୍ରତିଦାନ ।
ସ୍ନେହର କି ଭୁଲ ନିଦର୍ଶନ ! !
ଭଲ ପାଇବାର ସଖି ଶେଷେ କ'ଣ ଏଇ ପରିଣାମ !
ଲଭି ଅଜ୍ଞ ଲକ୍ଷ୍ୟ ଦେଇ ବୁଲିଥିରେ ଯେ ପାଇଲା ଭଲ ।
ଶେଷେ ଦୁଃଖ, ଅଶ୍ରୁଭିଜା ହୁଏ ତା' ଜୀବନ ! !

( ଗ )

ତୁମର ବୁକୁରେ ରଖି ଅଭିଶପ୍ତ ମୁଖ
ଆଶାଥିଲି ପାଇବାକୁ ଅଶରନ୍ତି ସୁଖ
ଆଶା ସଖି ଆଶାରେ ରହିଲା······
ବଣମଲ୍ଲୀ ବଣେ ଝାଉଁଳିଲା······
ତୁମ ଭୁଲଣିଆଁ ଆଖି ମତାଣିଆ ମନ
ତୁମ ଓଠ କେତେ ଗୋ ଚପଳ
ଯାହାପାଇଁ ଅଜି ମୁଁ ପାଗଳ······
ତୁମେ ପଛେ ମୋ ସ୍ନେହକୁ ଯୋଢ଼ିଜାଳି ଦିଅ,
ତୁମେ ପଛେ କଳଙ୍କିତ ଅପବାଦ କର ମୋର ଲୁହ ।
ହେବନି ଗୋ ତାହାର ବିଲୟ···
ମୋ ଜୀବନ ତୁମ ପାଇଁ କେଉଁପରି ହେଉ ଦୁର୍ବିସହ ।"

କବିତାଟି ଲେଖିସାରି ଶଠି ଲେଖା ଆମ୍ଭ କଳ ଶ୍ରୀଚରଣ ! ଚକ୍ଷୁରୁ ଧାରଧାର ଲୁହ ଝରି ଗଲୁଥାଏ ।

ହଷ୍ଟେଲ
ରାତ୍ରି—୧୨

"ଅଭୁଲା ସ୍ୱୀଟି ମୋର,

ହତଭାଗୀର ଅଶ୍ରୁଳ ସ୍ନେହ ନେବ ·· । ମୁଁ କଲମ ଧରିଛି··· କ'ଣ ଲେଖୁଛି କିଛି ଜାଣି ପାରୁନି······ । ମୁଣ୍ଡ ଘୂରେଇ ଦେଉଛି··· । କିନ୍ତୁ ଅଖିକୁ ନିଦ ଆସୁନି······ ।

ମନେ ପଡୁଛି ସେଦିନ କଲେଜ ଛକ ଅବସ୍ଥା । ଜୀବନକୁ ବିପନ୍ନ କରି ତୁମେ ଆସିଥିଲ, କାହିଁକି ସାଉଁଟି ନେଇଥିଲ ମୋତେ ······

ତୁମେ ମୋ ପାଖକୁ ଅଉ ଶଠି ନେଇଁନା—ହଉ, ନ ଢଅ । ମୁଁ ତ ତୁମକୁ ବାଧ୍ୟ କରି ପାରିବିନି ।

ତୁମକୁ ମୁଁ ଭଲ ପାଇଥିଲି, ସ୍ନେହ ବି କମ୍ ନ ଥିଲା...... କାହିଁକି ? କେଉଁଥି ପାଇଁ ? ଏ ପ୍ରଶ୍ନର ଉତ୍ତର ଦେବ ସେହି ଭଲେଇ ଛକ...... ।

ମୋର ଦୋଷ କ'ଣ......ଦୁର୍ବଳତା କେଉଁଠି ମୋର ! ତୁମେ ମୋତେ ପରିତ୍ୟାଗ କରିଛ, ଘୃଣାରେ, କ୍ରୋଧରେ...... ଅଉ......ମୁଁ............ । ମୋ ଦୋଷ ମୋତେ ଜଣାଇ ଯଦି ମୋତେ ଦୂର କରିଥା'ନ୍ତ, ତା'ହେଲେ ମୁଁ ବରଂ ଖୁସି ହୋଇଥା'ନ୍ତି ।

ଏତେ ନିଷ୍ଠୁର, ଏତେ ନିର୍ମମ ତୁମ ହୃଦୟ ମମତା...... । ଆଶା ଦେଇ ତୁମେ ନିରାଶ କଲ ! ମୁଁ ହତଭାଗା......ତୁମ ପଛରେ ଅନୁଧାବନ କରି.........ମୃଗତୃଷ୍ଣା ପଛେ ଦୌଡ଼ି ଦୌଡ଼ି ଫେରୁଛି ।

ତୁମେ ଆଜି ମୋ ପ୍ରଶ୍ନର ଉତ୍ତର ଦେଇ ନପାର, ମୋତେ ମନେ ପକାଇ ନ ପାର କିନ୍ତୁ..... ମୁଁ ତୁମ ବିନା ଦୁନିଆରେ ଅଦୌ ବଞ୍ଚି ପାରିବିନି ।

ଲେଖିବ, ଲେଖିବ ମମତା ! ମୁଁ ବର୍ତ୍ତମାନ କ'ଣ କରିବାକୁ ଉଦ୍ୟତ । ଆତ୍ମହତ୍ୟା । ଆତ୍ମହତ୍ୟା ! ! ! ରେଲ୍ ତଳେ ଆତ୍ମହତ୍ୟା ! ! ।

ମୁଁ ସମୟ ଦେଲି ପାଞ୍ଚଦିନ । ମୃତ୍ୟୁ ପୂର୍ବରୁ ମୁଁ ଚାହେଁ ତୁମ ପାଖରେ କ'ଣ ଦୋଷ କଲି ଥରେ ଜାଣିବାକୁ......ଜଣାଇବ ? ତୁମ ଇଚ୍ଛା...... ।

ମୁଁ କାହିଁକି ଆମହତ୍ୟା କରିବି ଜାଣ ? ବଞ୍ଚି ରହିବାକୁ ଅକ୍ଷମ ହେବାରୁ······ତୁମେ ଆଜି ଅଶ୍ଚର୍ଯ୍ୟ ହୋଇପାର······ । ସେଦିନର ବିପ୍ଳବୀ, କବି ବଞ୍ଚି ରହିବାକୁ ଆଜି ଅକ୍ଷମ ! କିନ୍ତୁ ମୁଁ ବଞ୍ଚି ରହିବି କିପରି ମମତା ?

ବଞ୍ଚି ରହିଲେ ମୋ ଆଖିରୁ ସର୍ବଦା ଲୁହ ଝରିବ········· କାହା ଉପରେ ପଡ଼ିବ ? ତୁମ ଉପରେ······ତେଣୁ ।

ମୁଁ ଚାହେଁ ତୁମେ ନୂଆ ନୀଡ଼ ସୃଷ୍ଟି କର । ହସି ଉଠୁ ସେ ନୀଡ଼ । ହସିଉଠୁ ପୁଣି ତୁମର ସୁନ୍ଦର ସଂସାର······। ତୁମ ଭବିଷ୍ୟତ ମୋ ଅପେକ୍ଷା ଅନ୍ୟ ହାତରେ ଅଧିକ ଉଜ୍ଜ୍ୱଳ ହେଉ······ । ଏତିକି ହେଲେ ମୋ ଆତ୍ମା ସ୍ୱର୍ଗରେ ତୃପ୍ତ ହେବ······ ।

ଶେଷରେ······ବିଦାୟକାଳୀନ ପତ୍ରରେ·········ମମତା ! ଆଉ କ'ଣ ଦେବି ମନତା ! । ଦୁଇଟୋପା ଅଶ୍ରୁର ଅର୍ଘ୍ୟ······ ବିଦାୟ········· ।

ତୁମ୍ଭର
ହତଭାଗା

ମମତା ଯେଉଁଦିନ ଶ୍ରୀଚରଣର ଚିଠି ପାଏ ସେଦିନକୁ ବିବାହ ଆଉ ଥାଏ ମାତ୍ର ଆଠ ଦିନ । ଇତି ମଧ୍ୟରେ ତାର ଅବସ୍ଥା ଶ୍ରୀଚରଣଙ୍କୁ ଭାବି ଭାବି ଅତ୍ୟନ୍ତ କ୍ଷୀଣ ହୋଇ ପଡ଼ିଥାଏ । ସେଦିନ ରାତ୍ରିରେ ତାକୁ ନିଦ ହେଲନି । ଶ୍ରୀଚରଣଙ୍କୁ ଭୁଲି କୁମୁଦ ବାବୁଙ୍କ ସହ ସେ ତା ନୀଡ଼ ରଚିବାକୁ କିପରି ସମର୍ଥ ହେବ ? କଣ ସେ ଭୁଲିପାରିବ ? ଉପାୟ ତେବେ କଣ ? ଏହିପରି ନାନା ପ୍ରକାର ପ୍ରଶ୍ନ ତା ମନ ମଧ୍ୟରେ ଜାଗ୍ରତ ହେଲା ।

ଶେଷରେ ସେ ସ୍ଥିର କଲା ଆତ୍ମହତ୍ୟା……, ଆତ୍ମହତ୍ୟା କରି ନିଜକୁ ସମସ୍ତ ନିନ୍ଦା, ଅପମାନ ଓ ଦାୟିତ୍ୱରୁ ମୁକ୍ତ କରିବ । ଦୁର୍ବଳ ମନ ଯେତେବେଳେ କୌଣସି ଉପାୟ ନ ପାଏ, ସେଇଆ ସ୍ଥିର କରେ । ମମତା ତ ସହଜେ ଏକ ଚପଳା ବାଳିକା, ତରଳ ମନ ।

ଗୃହ ବୋତଲେ କିରୋସିନି ତେଲ ଓ ଦିଆସିଲିଟିଏ ଧରି ମମତା କବାଟ ଖୋଲି ବଗିଚାକୁ ଆସିଲା । ନିଜର ଭଣ୍ଠା ଶାଢ଼ୀ କିରୋସିନି ତେଲରେ ଭିଜାଇ ସର୍ବାଙ୍ଗ ତାର ଆବରଣ କଲା ଓ ଲୋତକ ପୂର୍ଣ୍ଣ ନୟନରେ ଦିଆସିଲି କାଠିଟି ମାରି ଅଗ୍ନି ସଂଯୋଗ କଲା ।

ହଠାତ୍ ଅଦୂରରୁ ଜମିଦାରଙ୍କର ପୋଷା କୁକୁରଟା ଭୋ' ଭୋ' ହୋଇ ଦୌଡ଼ି ଆସିଲା । ଦରୱାନ୍ ଧଡ଼ ପଡ଼ ହୋଇ ଦେଖେତ ଏ ଘଟଣା । ସେ ପାଟି କରିବାରୁ ଜମିଦାରଙ୍କର ପରିବାରର ସମସ୍ତେ ଦୌଡ଼ି ଆସିଲେ । ନିଆଁକୁ ସହଜରେ ଆୟତ୍ତ କରି ହେଲା । ସେତେବେଳକୁ ମମତା ହାତ, ଗୋଡ଼ ପ୍ରଭୃତି କେବଳ ସିଝି ଯାଇ ଥାଏ । ସଙ୍ଗେ ସଙ୍ଗେ ତାକୁ ଜେନେରାଲ୍ ହସ୍ପିଟାଲ୍‌କୁ ପଠାଇ ଦିଆଗଲା ।

* * * *

ଠିକ୍ ୩ଦିନ ପରେ ଗୋଟିଏ ସକାଳ, କଲେଜ ଛକରେ ସିଗାରେଟ୍‌ଟିଏ ପାଟିରେ ଦୂଇ ଶ୍ରୀଚରଣ ଠିଆ ହୋଇଥାଏ । ହଠାତ୍ ଦେଖେ ଜମିଦାରଙ୍କର ଗୃହର ସନା ହସ୍ପିଟାଲ୍-ଅଡ଼କୁ ଯାଉଛନ୍ତି । ସନାକୁ ଶ୍ରୀଚରଣ ଡାକି ସବୁ ବୁଝିଲେ । ରିକ୍ସାଟିରେ ଉଭୟେ ଗଲେ ହସ୍ପିଟାଲ୍‌କୁ ।

× × × ×

ଶ୍ରୀଚରଣର ୨।୩ ଜଣ ଡାକ୍ତର ଭଲ ପରିଚିତ ଥିଲେ । ଶୀଘ୍ର ଅରୋଗ୍ୟ ହୋଇଗଲା । ଝିଅର ଏ କାର୍ତ୍ତି ଦେଖି ଜମିଦାର ବାବୁଙ୍କର ବୁଦ୍ଧି ସବୁ ହଜି ଗଲା । ବର୍ତ୍ତିମାନ ସେ ଦେଖିଲେ, ଶ୍ରୀଚରଣ ବ୍ୟତୀତ ମମତାକୁ ଅନ୍ୟ କୌଣସି ପାତ୍ର ହସ୍ତରେ ସେ ସମର୍ପଣ କରିଲେ ସର୍ବନାଶ ହୋଇପାରେ ।

ନିୟତିର ଗତି ବିଚିତ୍ର । ଶେଷରେ କୁଳ ପରିବାରର ମତାନୁଯାୟୀ ମମତା ଓ ଶ୍ରୀଚରଣଙ୍କର ବିବାହ ହେଲା ।

# ପରିଶେଷରେ

ବାସର ରାତ୍ରି ।

ଜୀବନରେ ଥରେ ଆସେ । ମମତା ଓ ଶ୍ରୀଚରଣ ଅଜା—କର୍ପୂର, ଚନ୍ଦନ, ମଲ୍ଲୀଫୁଲରେ ମଧୁଶଯ୍ୟାଟି ଚହଟୁଛି । ଶତବସନ୍ତର ମଳୟ ବାସନା ଠାରୁ ସହସ୍ର ଗୁଣେ ବେଶି ବାସନା ଦେଉଛି ଶଯ୍ୟାଟି ।

ଶ୍ରୀଚରଣ ଅପେକ୍ଷାରେ ଶୋଇ ରହିଥାଏ । ଜ୍ୟେଷ୍ଠ ମାସର ମେଘ ମୁକ୍ତ ଆକାଶ । ଜହ୍ନ ମାମୁଁ କାର କାର ହସ ହସୁଛି । ବଜଦ ଆତ୍ମହତ୍ୟା କରିସାରିଛି ।

ପ୍ରକୋଷ୍ଠଟି ଖାଲି ଶିହରି ଉଠୁଛି । ଆଜି ଶ୍ରୀଚରଣର ହୃଦୟ ......ମଧୁ ପ୍ରଦୀପଟି ଧୀରେ ଧୀରେ ଜଳି ଚାଲିଛି... ।

ଘରଅଗଣା ଶୁନ୍‌ଶାନ୍ । ଧୀରେ ଧୀରେ କବାଟଟି ଖୋଲିଗଲା । ଝଁଣ ଝଁଣ ଶବ୍ଦ କରି ଆସିଲା ମମତା । ସରଳା, ଚପଳା ମମତା ।

ଗୋଧୂଳି, ସୂର୍ଯ୍ୟଙ୍କର ଅରକ୍ତ କିରଣ ପୃଥିବୀ ପୃଷ୍ଠରେ ପଡ଼ୁଥାଏ । ପକ୍ଷୀ ଦମ୍ପତି ଫେରି ଆସୁଥାନ୍ତି ତାଙ୍କର କାଠି କୁଟା ନିର୍ମିତ ନୀଡ଼କୁ । କଲେଜ୍ ଛକରେ ବୁଲୁଥାନ୍ତି ମମତା ଆଉ ଶ୍ରୀଚରଣ ।

ଶ୍ରୀଚରଣକୁ ଦେଖି ହସ ହସ ମୁହଁରେ ଯୁବତୀଟିଏ ଓହ୍ଲାଇ ଆସିଲା ଗୋଟିଏ ରିକ୍ସାରୁ ।

ଶ୍ରୀଚରଣ ବାବୁ ଚିହ୍ନିପାରୁଛନ୍ତି ?

ଡଲି । ତୁମେ ?

ହଁ ଶ୍ରୀଚରଣ ବାବୁ ମୁଁ ।

ବହୁଦିନ ପରେ ଶ୍ରୀଚରଣ ବାବୁଙ୍କୁ ଦେଖି ସେ କେତେ କଣ କହିବାକୁ ଚାହୁଁଥିଲା କିନ୍ତୁ ମମତାକୁ ଦେଖି ସେ ବୁଝି ପାରିଲା ଯେ, ଶ୍ରୀଚରଣ ବାବୁ ନୀଡ଼ ରଚନା କରି ସାରିଲେଣି । ଗୋଟିଏ ଖୋଳରେ ଦୁଇଟି ଖଣ୍ଡା ରହିବା ସମ୍ଭବ ନୁହେଁ । ସେ କୋହ ସମ୍ଭାଳିବାକୁ ବହୁତ ଚେଷ୍ଟା କଲା । କିନ୍ତୁ ଆଖିର ଲୁହକୁ ସମ୍ଭାଳିବା ତା ପକ୍ଷରେ ସମ୍ଭବ ନଥିଲା ।

ଶ୍ରୀଚରଣ କେବେ ଆଶା କରିନଥିଲା, ଡଲିକୁ ଏ ରୂପେ ଦେଖିବ ବୋଲି । ବ୍ୟସ୍ତ ହୋଇ କହିଲା, ଶୀଘ୍ର କୁହ ଡଲି; ତୁମର କଣ ହୋଇଛି । ଡଲିର ଦୁଇ ହାତକୁ ଚିପିଧରି ଶ୍ରୀଚରଣ ହଲାଇ ଦେଲା ।

ହସିବାକୁ ଚେଷ୍ଟା କଲା ଡଲି । ମୋର କିଛି ହୋଇନାହିଁ ଶ୍ରୀଚରଣ ବାବୁ । ମୁଁ ବେଶ୍ ଅଛି...... ଆଉ କିଛି ସେ କହିପାରିଲା ନାହିଁ । ତାର କଣ୍ଠ ବାଷ୍ପ ରୁଦ୍ଧ ହୋଇଗଲା । ସେ ଏକା କୁଦାରେ ଯାଇ ବସିଲା ରେକ୍ସାରେ । କହିଲା ଜଲଦି ଚଲାଅ ।

ହତାଶ ଆଖିରେ ଚାହିଁଥିଲା ଶ୍ରୀଚରଣ ରେକ୍ସାର ପଛଭାଗଟାକୁ । ଧିରେ ଧିରେ ଆଗ କଥା ଗୁଡ଼ାକ ମନେ ପଡ଼ୁଥିଲା । ଜଲ୍ ଡାକୁ ଗ୍ରେର ବୋଲି ଜାଣି ସୁଦ୍ଧା ପ୍ରଥମ ଦେଖାରେ ଭଲ ପାଇଥିଲା ।

କିନ୍ତୁ······କିନ୍ତୁ······

ମମତା କିଛି ବୁଝି ପାରୁନଥିଲା । କଲେଜଛକର ଠିକ୍ ଭିତରରେ ଥିବା ସେ ଠାକୁର ଘରେ ସନ୍ଧ୍ୟା ଆରତି ଶେଷ ହୋଇ ଆସୁଥିଲା । ପୂଜକଟି ଉଚ୍ଚସ୍ୱରରେ ଗାଇ ଉଠିଲା—

"ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମାକଶ୍ଚିତ ଦୁଃଖ ଭାଗ ଭବେତ୍ ।"

ମମତା ଆଜି ଶ୍ରୀଚରଣ ଆଖି ଫେରାଇଲେ କଲେଜଛକ ଆଡ଼େ । କଲେଜ ଛକହିଁ ସେମାନଙ୍କର ସ୍ମୃତିର ଶ୍ରେଷ୍ଠ ପ୍ରତୀକ········ ।

ସ ମା ପ୍ତ

---

ମୁଦ୍ରାକାର—ଶ୍ରୀ ବ୍ରଜବନ୍ଧୁ ନନ୍ଦ, ନବଭାରତ ପ୍ରେସ,
କଟକ—୨

# ଗାନ୍ଧିଜି ଚୁକ୍ତି

ଲେଖକ :- ଶ୍ରୀ ଶିବ ଚରଣ ନାୟକ.